ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ମୋପାସାଁ କାହାଣୀ

ଅନୁବାଦ :

ଅଧ୍ୟାପକ **ଶ୍ରୀଧର ଦାସ**

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ : ଅଭିରାମ ମହାପାତ୍ର
ଗ୍ରନ୍ଥମନ୍ଦିର
କଟକ-୨ : ବ୍ରହ୍ମପୁର-୧

ମୁଦ୍ରକ : ଜୟରାମ ମହାପାତ୍ର
ଗ୍ରନ୍ଥ ପ୍ରକାଶିନୀ
ସୂତାହାଟ, କଟକ

ପ୍ରଥମ ପ୍ରକାଶ : ଡିସେମ୍ବର, ୧୯୭୭

ମୂଲ୍ୟ : ଟ ୪-୦୦

Digitized by srujanika@gmail.com

॥ ଗଳ୍ପ ସୂଚୀ ॥

ବ୍ୟର୍ଥ ସୌନ୍ଦର୍ଯ୍ୟ	॥ ୧ ॥
ଖଣ୍ଡିଏ ଛତା	॥ ୨୯ ॥
ବିପତ୍ନୀକ ଗୃକର	॥ ୪୭ ॥
ସ୍ତ୍ରୀ-ବୁଦ୍ଧି	॥ ୬୦ ॥
ନକଲ ଅଳଙ୍କାର	॥ ୭୧ ॥
ତୃଷ୍ଣା	॥ ୮୪ ॥
ଗୋଟିଏ କୁକୁର	॥ ୧୦୦ ॥

Digitized by srujanika@gmail.com

ବ୍ୟର୍ଥ ସୌନ୍ଦର୍ଯ୍ୟ

(ଏକ)

ଗୋଟିଏ ସୁନ୍ଦର ଘୋଡ଼ାଗାଡ଼ି ଏକ ପ୍ରକାଣ୍ଡ କୋଠାଘର ସାମନାରେ ଆସି ରହିଗଲା । ଯୋଡ଼ିଏ କଳା ଘୋଡ଼ା ସେଥିରେ ଯୋଗୁହୋଇଥାନ୍ତି । ସେ ସମୟଟା ହେଉଛି ଜୁନ୍ ମାସର ଶେଷଭାଗ। ବେଳ ସାଢ଼େ ପାଞ୍ଚଟା । ସୂର୍ଯ୍ୟକିରଣ ଖୁବ୍ ଉଜ୍ଜ୍ୱଳ; ତେଣୁ କୋଠାର ଅଗଣା ମଧ୍ୟ ସଫା ଦେଖାଯାଉଥିଲା । ଏ ଘର ହେଉଛି ମାଷ୍ଟାରେଣ୍ଟ୍‌ର କାଉଣ୍ଟଙ୍କର ।

କାଉଣ୍ଟଙ୍କ ସ୍ତ୍ରୀ କାଉଣ୍ଟେସ୍ ଗାଡ଼ିପାଖକୁ ଆସିଲେ । ଠିକ୍ ସେତିକିବେଳକୁ ତାଙ୍କ ସ୍ୱାମୀ ଘରକୁ ଫେରୁଥିଲେ । ସେ ଆସି ଗାଡ଼ିର ଦୁଆରମୁହଁରେ ଛିଡ଼ାହୋଇଗଲେ । ସେ କିଛି ସମୟ ଠିଆହୋଇ ରହି ସ୍ତ୍ରୀଙ୍କର ମୁହଁକୁ ଚାହିଁଲେ । କାଉଣ୍ଟେସ୍ ଅତ୍ୟନ୍ତ ସୁନ୍ଦରୀ । ତାଙ୍କ ଚାହାଣିରେ ଗୋଟାଏ ବିଶେଷତ୍ୱ ଥିଲା । ଦେହର ରଙ୍ଗ ହାଲୁକା ପରି, ନୀଳବର୍ଣ୍ଣର ଆଖିଯୋଡ଼ିକ ସାଙ୍ଗକୁ ମୁଣ୍ଡର ଘନକୃଷ୍ଣ କେଶ ମୁହଁଟିକୁ ସୁନ୍ଦର ମାନେ । କାଉଣ୍ଟେସ୍ ସ୍ୱାମୀଙ୍କୁ ଦେଖି ନଦେଖିଲା ପରି ଗାଡ଼ିଭିତରକୁ ପଶିଗଲେ ।

କାଉଣ୍ଟଙ୍କର ମୁହଁ ବିବର୍ଣ୍ଣ ହୋଇଗଲା । କେତେଦିନ ହେଲା ସେ ଈର୍ଷାରେ ଜଳୁଥିଲେ । ସ୍ତ୍ରୀଙ୍କର ଏପ୍ରକାର ବ୍ୟବହାରରେ ସେ ବିବ୍ରତ ହୋଇପଡ଼ିଲେ । କିଛିକ୍ଷଣ ଚୁପ୍‌ଚାପ୍ ରହି ସେ କହିଲେ, "ତୁମେ ବୁଲି ବାହାରିଛ ?"

Digitized by srujanika@gmail.com

ସ୍ତ୍ରୀ ବିରକ୍ତିପୂର୍ଣ୍ଣ ସ୍ୱରରେ ସଂକ୍ଷେପରେ ଉତ୍ତରଦେଲେ, "ଦେଖୁଛତ ଯିବାକୁ ବାହାରିଛି ।"

"କଅଣ ବୋଲେନକୁ ?"

"ହୋଇପାରେ, ବୋଲେନକୁ ।"

"ମୁଁ ତୁମ ସାଥିରେ ଯାଇପାରେ ?"

"ଗାଡ଼ି ହେଉଛି ତୁମର ।"

ସ୍ତ୍ରୀଙ୍କର କଥାବାର୍ତ୍ତା ଭଙ୍ଗୀରେ କାଉଣ୍ଟ ବିସ୍ମିତ ହେଲେନାହିଁ । ସେ ଗାଡ଼ି ଭିତରକୁ ଯାଇ ସ୍ତ୍ରୀଙ୍କ ପାଖରେ ବସିପଡ଼ି କହିଲେ, "ବୋଲେନକୁ ଚଳାଅ ।" ଚାକର ଜଣକ ଗାଡ଼ିଉପରକୁ ଉଠିଯାଇ କଚୁଆନ ପାଖରେ ବସିଲା । ଘୋଡ଼ାଯୋଡ଼ିକ ମୁଣ୍ଡ ହଲାଇ ଭୂଇଁରେ ଥରେ ଦୁଇଥର ଖୁରମାରି ଚାଲିଲେ । ଗାଡ଼ି ସଦର ରାସ୍ତା ଉପରେ ଚାଲିବାକୁ ଲାଗିଲା । ସ୍ୱାମୀ ସ୍ତ୍ରୀ ଦୁହେଁଯାକ ନୀରବ । ସ୍ୱାମୀଙ୍କର ଇଚ୍ଛା, କଥାବାର୍ତ୍ତା କରିବେ; କିନ୍ତୁ ସ୍ତ୍ରୀଙ୍କର ମୁହଁକୁ ଦେଖି ସେ କପରି କଥା ଆରମ୍ଭ କରିବେ ସ୍ଥିର କରି ପାରୁନଥିଲେ । ଶେଷରେ ସେ ଅକସ୍ମାତ୍ ନ ଜାଣିଲାପରି ନିଜର ହାତଟିକୁ ସ୍ତ୍ରୀଙ୍କ ହାତ ଉପରେ ପକାଇଦେଲେ; କିନ୍ତୁ ସ୍ତ୍ରୀ ହାତଟା ଘୁଞ୍ଚାଇନେଲେ । ସେ ଯେ ଖୁବ୍ ବିରକ୍ତ ଥିଲେ, ତାହା ତାଙ୍କର ହାତ ଘୁଞ୍ଚାଇନେବା ଭଙ୍ଗୀରୁ ଜଣାପଡ଼ୁଥିଲା ।

କାଉଣ୍ଟ୍‌ଙ୍କର ସ୍ୱଭାବ ରୁକ୍ଷ ଓ ନିଜ କ୍ଷମତା ବିଷୟରେ ସେ ସର୍ବଦା ସଚେତନ । ତଥାପି ସେ ନିଜକୁ ସମ୍ଭାଳି ନେଇ ଧୀର ସ୍ୱରରେ କହିଲେ, "ଗେବ୍ରିଏଲ୍ ।"

"ତୁମେ କଅଣ ଚାହଁ ?"

"ତୁମେ ଆଜି ଅତି ସୁନ୍ଦର ଦିଶୁଛ ।"

Digitized by srujanika@gmail.com

ସ୍ତ୍ରୀ କିଛି ଉତ୍ତର ନ ଦେଇ ଗାଡ଼ି ଭିତରେ ଆଉଜି ବସିଲେ; ମୁହଁରେ ଘୃଣା ବିରକ୍ତିର ଚିହ୍ନ । ସେତେବେଳକୁ ଗାଡ଼ି ଟ୍ରାଏମ୍ଫ ଆର୍କକୁ ପଡ଼ିଥିବା ରାସ୍ତାରେ ଯାଉଥିଲା । ରାସ୍ତା ଦୁଇଧାରରେ ଗଛ । ରାସ୍ତା ଶେଷରେ ଟ୍ରାଏମ୍ଫର ବିରାଟ ଆର୍କ ରକ୍ତିମ ଆକାଶକୁ ସ୍ପର୍ଶ କଲାପରି ଦେଖାଯାଉଥିଲା । ସୂର୍ଯ୍ୟ ତା ଉପରେ ବୁଡ଼ିଯାଉଥିବା ପରି ମନେହେଉଥିଲା । ଅସ୍ତଗାମୀ ସୂର୍ଯ୍ୟଙ୍କର ରକ୍ତିମ କିରଣ ପୃଥିବୀ ଉପରେ ବିଞ୍ଚି ପଡ଼ୁଥିଲା ।

ରାସ୍ତା ଉପରେ ଗାଡ଼ିପରେ ଗାଡ଼ି ଚାଲିଛି । ସୂର୍ଯ୍ୟକିରଣ ପଡ଼ିବାରୁ ଘୋଡ଼ାମାନଙ୍କର ସାଜ ଚକ୍‌ଚକ୍ କରୁଛି । ରାସ୍ତାକଡ଼ର ଆଲୁଅ ଧାଡ଼ିହୋଇ ଦେଖାଯାଉଛି; ଗୋଟିଏ ଧାଡ଼ି ସହର ପର୍ଯ୍ୟନ୍ତ, ଅନ୍ୟ ଧାଡ଼ିଟି ଜଙ୍ଗଲ ପର୍ଯ୍ୟନ୍ତ ଲାଗିଛି । ଏହି ଦୃଶ୍ୟ ମଧ୍ୟରେ କାଉଣ୍ଟ ଗାଡ଼ି ଭିତରେ ବସି ପୁଣି ସ୍ତ୍ରୀଙ୍କୁ କହିଲେ, "ଗେବ୍ରିଏଲ, ପ୍ରିୟେ !"

ତାକଥା ଅସହ୍ୟ ବୋଧହେଲାପରି ସେ ଘୋର ବିରକ୍ତିରେ ଉତ୍ତର କଲେ, "ଓଃ, ମୋତେ ଟିକିଏ ଶାନ୍ତିରେ ରହିବାକୁ ଦିଅ ! ମୋର କଅଣ ନିଜ ଗାଡ଼ିରେ ଶାନ୍ତିରେ ବସିବାର ଅଧିକାର ମଧ୍ୟ ନାହିଁ !"

କାଉଣ୍ଟ ସ୍ତ୍ରୀଙ୍କର କଥା ଶୁଣିନଥିବାର ଛଳନାକରି କହିଲେ, "ଆଜି ତୁମେ ଯେତେ ସୁନ୍ଦର ଦିଶୁଛ, ସେପରି କେବେ ଦେଖିନଥିଲି ।"

କାଉଣ୍ଟେସଙ୍କର ଧୈର୍ଯ୍ୟଚ୍ୟୁତି ଘଟିଲା । ସେ କ୍ରୋଧ ଦମନ କରିନପାରି ଉତ୍ତର କଲେ, "ମୋର ସୌନ୍ଦର୍ଯ୍ୟକୁ ଲକ୍ଷ୍ୟ କରିବାଟା ତୁମର ଭୁଲ୍ । ମୁଁ ପ୍ରତିଜ୍ଞାକରି କହୁଛି, ଏଣିକି ତୁମ

Digitized by srujanika@gmail.com

ସନ୍ତ୍ରତ ମୋର ପୂର୍ବ ପ୍ରକାରର ସମ୍ବନ୍ଧ ରହିବନାହିଁ ।” କାଉଣ୍ଟ ଅବାକ୍ ହୋଇଗଲେ । ହଠାତ ହେବାରୁ ତାଙ୍କର ରୁକ୍ଷ ପ୍ରକୃତି ପ୍ରକାଶ ପାଇଲା । କ୍ରୁଦ୍ଧ ସ୍ୱରରେ ସେ ପଚାରିଲେ, “ତୁମ କଥାର ଅର୍ଥ କଅଣ ?” ତାଙ୍କ ଭାଷା ଓ ସ୍ୱରରେ ପ୍ରେମିକ ସ୍ୱାମୀର ଚିହ୍ନ ନ ଥିଲା; ବରଂ ଭୃତ୍ୟ ପ୍ରତି ଜଣେ ନିଷ୍ଠୁର ପ୍ରଭୁର ଲକ୍ଷଣ ପ୍ରକାଶ ପାଉଥିଲା । ଗାଡ଼ି ଚାଲିବାର ଶବ୍ଦ ହେଉଥିଲା; ତଥାପି ଚାକର ବା କଚୁଆନ୍ ଶୁଣି ନ ପାରିବା ଭଳି ନିମ୍ନ ସ୍ୱରରେ କାଉଣ୍ଟେସ୍ କହିଲେ, “ମୋ କଥାର ଅର୍ଥ ? ମୁଁ ତୁମକୁ ଚିହ୍ନିଛି । ମୋର ସବୁ କଥା ସ୍ପଷ୍ଟ କହିବା କଅଣ ତୁମେ ଚାହଁ ?”

“ହଁ, କହ ।”

“ତୁମର ଏପରି ସ୍ୱାର୍ଥପରତାର ଶିକାର ହେବା ଦିନୁ ମୋ ପେଟରେ କେତେ କଥା ରହିଛି, ସବୁ କହିବ ?”

ବିସ୍ମୟ ଓ କ୍ରୋଧରେ କାଉଣ୍ଟ୍ ନାଲ ପଡ଼ିଯାଇଥିଲେ । ଦାନ୍ତଚିପି ସେ ଗର୍ଜି ଉଠିଲେ, “ହଁ, ସବୁ କହିଯାଅ ।”

କାଉଣ୍ଟ ଜଣେ ଉନ୍ନତ, ସୁନ୍ଦର ପୁରୁଷ । ମୁହଁରେ ଦାଢ଼ି । ଜଣେ ଭଦ୍ରଲୋକ ଭାବରେ ତାଙ୍କର ସୁନାମ ଥିଲା । ଜଣେ ଆଦର୍ଶ ଗୃହସ୍ଥ, ସ୍ନେହୀ ପିତା ଓ ଉତ୍ତମ ଲୋକ ବୋଲି ସେ ଜଣାଶୁଣା ଥିଲେ । ଜୀବନରେ ଏବେ ପ୍ରଥମଥର ପାଇଁ କାଉଣ୍ଟେସ୍ ସ୍ୱାମୀଙ୍କ ଆଡ଼କୁ ମୁହଁ ବୁଲାଇ, ସ୍ୱାମୀଙ୍କ ମୁହଁକୁ ଚାହିଁ କହିଲେ, “ହାୟ ! ତୁମକୁ କିଛି ନିତାନ୍ତ ଅପ୍ରିୟ କଥା ଶୁଣିବାକୁ ପଡ଼ିବ; କିନ୍ତୁ ତୁମେ ଜାଣ ମୁଁ ଯେ କୌଣସି ପରିଣାମ ପାଇଁ ପ୍ରସ୍ତୁତ । ତେଣୁ ମୋର କାହାରିକୁ ଭୟ ନାହିଁ । ଆଜି ତୁମକୁ ମୋର ଲେଶ ମାତ୍ର ଭୟ ନାହିଁ ।”

Digitized by srujanika@gmail.com

କାଉଣ୍ଟ କ୍ରୋଧରେ ଥରିଯାଉଥିଲେ । ସ୍ତ୍ରୀଙ୍କ ମୁହଁକୁ ଚାହିଁ ସେ ଧୀର ସ୍ୱରରେ କହିଲେ, "ତୁମର ମୁଣ୍ଡ ବିଗିଡ଼ିଯାଇଛି ।"

"ନା, ମୋର ମୁଣ୍ଡ ଠିକ୍ ଅଛି । ମୁଁ ଏଣିକି ତୁମର ସନ୍ତାନ-ପ୍ରସବ ଦଣ୍ଡକୁ ଗ୍ରହଣ କରିପାରିବିନାହିଁ । ଗଲା ଏଗାର ବର୍ଷ ହେଲା ମୁଁ ଏ ଦଣ୍ଡ ସହି ସହି ଆସିଛି; ଆଉ ନୁହେଁ । ସଂସାରରେ ଅନ୍ୟାନ୍ୟ ସ୍ତ୍ରୀମାନେ ଯେପରି ଅଛନ୍ତି, ମୋର ମଧ୍ୟ ସେହିପରି ବଞ୍ଚିରହିବାର ଅଧିକାର ଅଛି ।"

କାଉଣ୍ଟ ପୁଣି ବିମର୍ଷଭାବରେ କହିଲେ, "ତୁମେ କଅଣ କହୁଛ, ମୁଁ ବୁଝିପାରୁନାହିଁ ।"

"ହଁ, ହଁ, ତୁମେ ମୋ କଥା ବେଶ୍ ବୁଝିପାରୁଛ । ମୋର ଶେଷ ସନ୍ତାନ ଜନ୍ମ ହେବାର ମୋଟେ ତିନି ମାସ ହୋଇଛି । ତୁମେ ମୋର ସୌନ୍ଦର୍ଯ୍ୟକୁ ଧ୍ୱଂସ କରିବାକୁ ଚାହଁ । ତୁମର ଶତ ଚେଷ୍ଟା ସତ୍ତ୍ୱେ ମୁଁ ଏବେ ମଧ୍ୟ ସୁନ୍ଦରୀମାନଙ୍କ ମଧ୍ୟରେ ଗଣ୍ୟ । କିଛି ସମୟ ପୂର୍ବେ ତୁମେ ପରା ସେହି କଥା କହୁଥିଲ । ତୁମେ ଭାବୁଛ ଯେ ମୁଁ ପୁଣି ଗର୍ଭବତୀ ହେବା ଉଚିତ ।"

"ତୁମେ ଗୁଡ଼ାଏ ବାଜେ କଥା ଗପୁଛ ।"

"ନା, ମୁଁ ମୋଟେ ବାଜେ କଥା କହୁନାହିଁ । ମୋର ବୟସ ହେଲା ତିରିଶବର୍ଷ; ମୁଁ ସାତଟି ପିଲାର ମାଆ ହେଲଣି । ଆମର ବିବାହ ହେବାର ଏଗାର ବର୍ଷ ହେଲଣି । ତୁମେ ଭାବୁଛ ଯେ ଆହୁରି ଦଶବର୍ଷ ପର୍ଯ୍ୟନ୍ତ ମୁଁ ଏହିପରି ସନ୍ତାନ ପ୍ରସବ କରୁଥିବି । ତାହାପରେ ତୁମର ଈର୍ଷା ରହିବନାହିଁ ।"

କାଉଣ୍ଟ ପତ୍ନୀଙ୍କର ହାତକୁ ଚିପିଧରି କହିଲେ, "ତୁମେ ଏପରି କଥା କହିପାରିବ ନାହିଁ ।"

Digitized by srujanika@gmail.com

"ମୋର ତୁମକୁ ଯାହା କହିବାର ଅଛି ସବୁ କହିବାପାଏ ମୁଁ କହୁଥିବି । ତୁମେ ମୋତେ ଜବରଦସ୍ତି ବନ୍ଦ କରିବାକୁ ଚେଷ୍ଟା-କଲେ ଏତେ ପାଟିକରି କହିବି ଯେ ଗାଡ଼ି ଉପରେ ଥିବା କୋଚୁଆନ ଓ ଚାକର ମଧ୍ୟ ଶୁଣିପାରିବେ । ଏହି କଥା କହିବି ବୋଲି ତୁମକୁ ମୋ ସାଥିରେ ଆସିବା ପାଇଁ ଆପତ୍ତି କରିନାହିଁ । ଏଠାରେ ଦୁଇଜଣ ଲୋକ ଅଛନ୍ତି । ମୋତେ ବନ୍ଦ କରିବାକୁ ଚେଷ୍ଟାକଲେ ସେମାନେ ତୁମକୁ ବାଧ କରି ମୋ କଥା ଶୁଣାଇବେ । ତେଣୁ ମୁଁ ଯାହା କହୁଛି ଶୁଣ ! ମୋର ତୁମ ପ୍ରତି ବରାବର ଘୃଣାଭାବ ରହିଛି; ମୁଁ କେବେ ତୁମ ଆଗରେ ମିଛ କହିନାହିଁ । ତୁମ ପ୍ରତି ମୋର ମନୋଭାବ କେବେ ଲୁଚାଇ ନାହିଁ । ତୁମେ ମୋ ଇଚ୍ଛା ବିରୁଦ୍ଧରେ ମୋତେ ବିବାହ କରିଛ । ମୋର ବାପ, ମାଆ ଅର୍ଥାଭାବରେ ପଡ଼ିଥିଲେ । ଏହାରି ସୁଯୋଗ ନେଇ ସେମାନଙ୍କୁ ବାଧ୍ୟକରି ମୋତେ ବିବାହ କରିବାପାଇଁ ସେମାନଙ୍କ ସ୍ୱୀକୃତି ଆଦାୟ କରିଅଛ । ତୁମର ଧନ ଅଛି; ମୋର ବାପ, ମାଆ ମୋତେ ନ ପଚାରି ତୁମ ହାତରେ ମୋତେ ଅର୍ପଣ କରିଛନ୍ତି । ତୁମେ ମୋତେ କିଣି ଆଣିଛ । ତୁମ ଅଧିକାରକୁ ଆସିଲାକ୍ଷଣି ମୁଁ ତୁମ ପ୍ରତି ଆସକ୍ତ ହୋଇ, ତୁମର ଅନ୍ୟାୟ ଅତ୍ୟାଚାରକୁ ଭୁଲି ଜଣେ ଅନୁଗତା ପତ୍ନୀ ହେବାକୁ ଚେଷ୍ଟାକଲି; କିନ୍ତୁ ତୁମେ ଈର୍ଷାପରବଶ ହୋଇ ମୋତେ ଦିନରାତି ଜଗିରହିଲ । ଏଇଟା ତୁମ ପକ୍ଷରେ ନିନ୍ଦାର କଥା; ମୋ ପକ୍ଷରେ ମଧ୍ୟ । ବିବାହର ଆଠ ମାସ ନ ଯାଉଣୁ ତୁମେ ମୋତେ ସନ୍ଦେହଦୃଷ୍ଟିରେ ଦେଖିଲ । ସେ କଥା ତୁମେ ମୋ ଆଗରେ ମଧ୍ୟ କହିଛ । କି ଘୋର ଲଜ୍ଜାର କଥା ! ମୁଁ ସୁନ୍ଦରୀ, ଲୋକେ ମୋର ପ୍ରଶଂସା କରନ୍ତି । ଅନେକ ଲୋକ ମୋତେ ନିମନ୍ତ୍ରଣ କରନ୍ତି । ଖବରକାଗଜରେ ମୋର ରୂପର

Digitized by srujanika@gmail.com

ପ୍ରଶଂସା ବାହାରେ । ମୋର ପ୍ରଶଂସାକାଂକ୍ଷୀମାନଙ୍କୁ ମୋଠାରୁ ଦୂରରେ ରଖିବାକୁ ଓ ମୋର ସୁନ୍ଦରପଣ ନଷ୍ଟ କରିବାକୁ ତୁମେ ସବୁପ୍ରକାର ଉଦ୍ୟମ କରିଛ । ତେଣୁ ତୁମେ ମୋତେ ବରାବର ମାତୃତ୍ୱ ବନ୍ଧନରେ ବାନ୍ଧି ରଖିବାକୁ ବସିଛ । ମୁଁ ଯାହା କହୁଛି, ତାହା ତୁମେ ଅସ୍ୱୀକାର କରିପାରିବ ନାହିଁ । ପ୍ରଥମେ ମୁଁ ତୁମର ଉଦ୍ଦେଶ୍ୟ ଜାଣି ନଥିଲି; ପରେ ଅନୁମାନ କଲି । ଥରେ ତୁମେ ତୁମ ଭଉଣୀଙ୍କ ଆଗରେ ମୋର ମାତୃତ୍ୱ ବିଷୟରେ କହିଥିଲ । ସେ ମୋତେ ଭଲ ପାଆନ୍ତି; ତୁମର ବ୍ୟବହାର ପଶୁତୁଲ୍ୟ ବୋଲି ଜାଣନ୍ତି । ସେ ମୋତେ ସେ କଥା କହିଛନ୍ତି । କେତେଥର ତୁମେ ତାଲି ଖୁଣ୍ଟି କବାଟ ଠେଲି ମୋ କୋଠରିକୁ ଆସିଛ ମନେପକାଅ । ଏଗାର ବର୍ଷ ହେଲା ତୁମେ ମୋତେ କେବଳ ସନ୍ତାନ ପ୍ରସବର ଗୋଟାଏ ଯନ୍ତ୍ରରୂପେ ବ୍ୟବହାର କରିଆସିଛ । ମୁଁ ଗର୍ଭବତୀ ହେବାପରେ କେତେମାସ ଯାଏ ତୁମର ଦେଖାମିଳେନାହିଁ । ସନ୍ତାନ ଜନ୍ମବେଳକୁ ମୋତେ ତୁମ ମଫସଲର ଖମାରଘରକୁ ପଠାଇଦିଅ; କିନ୍ତୁ ପାରିସ୍‌କୁ ଫେରିଲାବେଳକୁ ମୋର ସେହି ପୂର୍ବରୂପ ରହିଥାଏ । ମୋର ପ୍ରଶଂସାକାଂକ୍ଷୀମାନେ ପୁଣି ଦେଖାଯାନ୍ତି । ମୁଁ ଜଣେ ଧନୀ ଘର ଭଦ୍ର-ମହିଳା ଭଳି ଚଳିବାକୁ ବସିଲାବେଳକୁ ତୁମେ ପୁଣି ମୋ ଉପରେ ଅତ୍ୟାଚାର ଆରମ୍ଭ କରିଦିଅ । ଏଇ ମୁହୂର୍ତ୍ତରେ ତୁମେ ମୋ ପାଖରେ ବସିଛ; କିନ୍ତୁ ତୁମ ମନରେ ସେହି ଈର୍ଷାଭାବ ରହିଛି । ମୁଁ ତୁମ ଅଧୀନରେ ରହିବାକୁ କୁଣ୍ଠିତ ନୁହେଁ; କିନ୍ତୁ ତୁମେ ମୋତେ ଅସୁନ୍ଦର କରିବାକୁ ବରାବର ଚେଷ୍ଟାକରି ଆସିଛ ।

"ତୁମେ ପିଲାମାନଙ୍କୁ ଅତିରିକ୍ତ ସ୍ନେହ ଦେଖାଇଥାଅ । ଅନେକଦିନଯାଏ ମୁଁ ସେଥିର କାରଣ ଜାଣିପାରି ନଥିଲି । ତୁମେ

Digitized by srujanika@gmail.com

ମୋତେ ଯେତିକ ପରିମାଣରେ ଘୃଣାକର, ସେମାନଙ୍କୁ ସେତିକ ପରିମାଣରେ ଆଦର କର; କାରଣ ସେମାନେ ମୋର ସୌନ୍ଦର୍ଯ୍ୟ ଅପହରଣ କରିବାରେ ତୁମର ସହାୟକ; କିନ୍ତୁ ମୋର ମାତୃତ୍ୱରେ ତୁମର ଆନନ୍ଦ ବେଶି ଦିନ ରହିପାରେନାହିଁ ।

"ମୁଁ ମାଆ ହେବାକୁ ଯାଉଛି ଜାଣିଲେ ତୁମର ଯେଉଁ ଆନନ୍ଦ ତାହା ମୁଁ ଲକ୍ଷ୍ୟକରିଛି । ତୁମେ ମନେକର, ଏ ପିଲାଗୁଡ଼ିକ ହେଉଛନ୍ତି ତୁମର, ମୋ ଉପରେ ବିଜୟର ସନ୍ତକ । ସେମାନେ ତୁମର ରକ୍ତ ଘେନି ଜନ୍ମିଛନ୍ତି ବୋଲି ତୁମେ ସେମାନଙ୍କୁ ଯେ ଭଲପାଅ ତାହା ନୁହେଁ । ମୋ ଉପରେ, ମୋର ଯୌବନ ଉପରେ, ମୋର ସୌନ୍ଦର୍ଯ୍ୟ ଉପରେ ସେମାନେ ହେଉଛନ୍ତି ତୁମର ବିଜୟ ନିଶାଣ । ତୁମେ ସେଇ ପିଲାମାନଙ୍କୁ ଗାଡ଼ିରେ ବସାଇ ବୁଲିଯାଅ । ସେମାନଙ୍କୁ ଥିଏଟର ଦେଖାଇବାକୁ ନିଅ; ଜଣେ ସ୍ନେହୀ ବାପ ବୋଲି ପରିଚୟ ଦେବାକୁ ତୁମର ଏ ପ୍ରୟାସ !"

କାଉଣ୍ଟ ଆଉ ଧୈର୍ଯ୍ୟଧରି ନ ପାରି ସ୍ତ୍ରୀଙ୍କ ହାତକୁ ଜୋର୍‌ରେ ଧରି ଝିଙ୍କିଦେଲେ । ତାଙ୍କ କଥାର ସ୍ରୋତ ବନ୍ଦ ହୋଇଗଲା । ସେ ଚୁପ୍ ଚୁପ୍ କରି ସ୍ତ୍ରୀଙ୍କୁ କହିଲେ, "ମୁଁ ପିଲାଙ୍କୁ ସ୍ନେହ କରେ; କିନ୍ତୁ ତୁମେ ଯାହା କହିଲ, ସେପରି କହିବା ଯେ କୌଣସି ମାଆପକ୍ଷରେ ଲଜ୍ଜାର କଥା । ତୁମେ ମୋର; ତୁମ ଉପରେ ମୋର ପୂର୍ଣ୍ଣ ଅଧିକାର ଅଛି । ମୁଁ ତୁମଠାରୁ ଯାହା ଇଚ୍ଛା ତାହା ଆଦାୟ କରିପାରେଁ । ଯେତେବେଳେ ଇଚ୍ଛା । ଆଇନ୍ ଅନୁସାରେ ମୋର ଏ ଅଧିକାର ସ୍ୱୀକୃତ ।"

କାଉଣ୍ଟେସ୍‌ଙ୍କ ହାତକୁ କଷ୍ଟ ହେଉଥିଲା । ସେ ହାତକୁ ମୁକ୍ତ କରିବାକୁ ଚେଷ୍ଟାକରି ବିଫଳ ହେଲେ । ଯନ୍ତ୍ରଣାରେ ତାଙ୍କ ଆଖିରୁ ଲୁହ ଗଡ଼ିପଡ଼ିଲା । ତାଙ୍କର ବିକଳ ଦେଖି କାଉଣ୍ଟ ପୁଣି କହିଲେ,

Digitized by srujanika@gmail.com

"ଜାଣିଛ, ମୁଁ ତୁମର ପ୍ରଭୁ, ତୁମଠାରୁ ବଳବାନ୍ ।" ସେ ହାତକୁ ଟିକିଏ ହୁଗୁଳା କରିଦେବାରୁ, କାଉଣ୍ଟେସ୍ କହିଲେ, "ମୁଁ ଧର୍ମ-ବିଶ୍ୱାସୀ ବୋଲି ତୁମେ ମନେକର ?"

କାଉଣ୍ଟ ବିସ୍ମିତ ହୋଇ ଉତ୍ତରକଲେ "ହଁ ।"

"ଯିଶୁ ଖ୍ରୀଷ୍ଟଙ୍କର ମୂର୍ତ୍ତି ଥିବା ବେଦି ଉପରେ ମୁଁ ଯଦି ଶପଥ କରି କିଛି କହେଁ, ତୁମେ ତାହା ମିଥ୍ୟା ବୋଲି ମନେ-କରିବ କି ?"

"ନା, କଦାପି ନୁହେଁ ।"

"ମୋ ସାଥିରେ ତୁମେ କୌଣସି ଗିର୍ଜାକୁ ଯାଇ ପାରିବ ?"

"କାହିଁକି ? ଯିବି କାହିଁକି ?

"କାହିଁକି, ଗଲେ ଜାଣିବ । ଯିବ କି ?"

"ତୁମେ ଯଦି ନିତାନ୍ତ ଦରକାର ମନେକରୁଥାଅ, ତେବେ ଯିବି ।"

କାଉଣ୍ଟେସ କୋଚୁଆନକୁ ଉଚ୍ଚ-ସ୍ୱରରେ ଡାକିଲେ, "ଫିଲିପ୍, ସେଣ୍ଟ ଫିଲିପ ଗିର୍ଜାକୁ ଗାଡ଼ି ଚଳା ।" ଗାଡ଼ି ବୋଲୋନ ନିକଟରେ ପହଞ୍ଚି ଯାଇଥିଲା; କିନ୍ତୁ କାଉଣ୍ଟେସ୍‌ଙ୍କ ଆଦେଶରେ ସେଠାରୁ ପାରିସ୍‌କୁ ଫେରିଲା ।

ବାଟରେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ପଦେହେଲେ କଥାବାର୍ତ୍ତା ନାହିଁ । ଗାଡ଼ି ସେଣ୍ଟ ଫିଲିପ୍ ଗିର୍ଜା ପାଖରେ ରହିଲା ମାତ୍ରେ କାଉଣ୍ଟେସ୍ ଗାଡ଼ିରୁ ଓହ୍ଲାଇ ପଡ଼ି ଚାଲିଲେ । କାଉଣ୍ଟ୍ ମଧ୍ୟ ଗାଡ଼ିରୁ ଓହ୍ଲାଇ ତାଙ୍କ ପଛେ ପଛେ ଚାଲିଲେ । ଦୁହେଁ ଗିର୍ଜାରେ ପ୍ରବେଶ କଲେ । କାଉଣ୍ଟେସ୍ ଆଣ୍ଠେଇ ପଡ଼ି ଅନେକ ବେଳଯାଏ ପ୍ରାର୍ଥନା କଲେ । ତାଙ୍କ ସ୍ୱାମୀ ପାଖରେ ଛିଡ଼ାହୋଇ ଚାହିଁରହିଲେ । ଘୋର

Digitized by srujanika@gmail.com

ଦୁଃଖରେ ପଡ଼ିଲେ ସ୍ତ୍ରୀମାନେ ଯେପରି ମାରବରେ ଲୁହ ଢାଳି କାନ୍ଦନ୍ତି, ତାଙ୍କର କାନ୍ଦ ସେହିପରି ଥିଲା । ମଝିରେ ମଝିରେ ସେ ଧକେଇ ଉଠୁଥିଲେ ।

କାଉଣ୍ଟ ଭାବିଲେ ଯେ ପ୍ରାର୍ଥନାର ସମୟ ଅନ୍ତରିକ୍ତ ହେଲାଣି; ସେ ସ୍ତ୍ରୀଙ୍କର କାନ୍ଧରେ ଧୀରେ ହାତମାରିଲେ । ସେ ହଠାତ୍ ଉଠି ସ୍ୱାମୀଙ୍କ ମୁହଁକୁ ଚାହିଁ କହିଲେ, "ମୋର ଯାହା କହିବାକୁ ଅଛି, କହୁଛି । ମୋର କାହାରିକୁ ଭୟ ନାହିଁ । ତୁମେ ମୋ ପ୍ରତି ଯାହା ଇଚ୍ଛା ତାହା କରିପାର; ଇଚ୍ଛାକଲେ ମୋର ପ୍ରାଣ ନେଇପାର । କଥା ହେଉଛି, ଏ ପିଲାଙ୍କ ଭିତରୁ ଗୋଟିଏ ତୁମର ନୁହେଁ, ତୁମେ ତାର ପିତା ନୁହଁ । ମୁଁ ଏହା ଶପଥ କରି କହୁଛି । ତୁମେ ମୋ ପ୍ରତି ଯେତେ ଅତ୍ୟାଚାର କରିଛ, ତାର ପ୍ରତିଶୋଧ ନେବାପାଇଁ ଏହା କରିବା ଛଡ଼ା ମୋର ଅନ୍ୟ ପନ୍ଥା ନ ଥିଲା । ତାର ପିତା କିଏ, ସେ କଥା କହିବି ନାହିଁ । ତୁମେ ସମସ୍ତଙ୍କୁ ସନ୍ଦେହ କରିପାର । ମୁଁ ଯେ ତାକୁ ଭଲପାଇ ତାକୁ ମୋର ଶରୀର ଦେଇଥିଲି, ତାହା ନୁହେଁ; ତୁମ ଉପରେ ପ୍ରତିଶୋଧ ପାଇଁ ଏକଥା କରିଛି । ସେ ପିଲାଟି କିଏ ତାହା ମଧ୍ୟ ମୁଁ କହିବିନାହିଁ । ସାତଟି ପିଲା ଆମର । ସେଇଟି କିଏ, ତା ତୁମେ ବାହାର କରିବାକୁ ଚେଷ୍ଟାକରିପାର । ପ୍ରତିହିଂସା ନେବାକୁ ହେଲେ କେବଳ ବିଶ୍ୱାସଘାତକତା କଲେ ଚଳିବନାହିଁ; ଯାହା ପ୍ରତି ବିଶ୍ୱାସଘାତକତା କରାଗଲା, ସେ ତାହା ଜାଣିବା ଦରକାର । ଏ କଥାଟି ମୁଁ ପରେ ତୁମକୁ କହିବାକୁ ଭାବିଥିଲି; ମାତ୍ର ଆଜି ସେ କଥା ପ୍ରକାଶ କରିବାକୁ ତୁମେ ମୋତେ ବାଧ୍ୟ କଲ ।"

କାଉଣ୍ଟେସ୍ ଗିର୍ଜା ବାହାରକୁ ଚାଲିଆସିଲେ । ତାଙ୍କର ଆଶଙ୍କା ହେଉଥିଲା ଯେ ସ୍ୱାମୀ ତାଙ୍କ ପଛେ ପଛେ ଆସି ତାଙ୍କୁ

Digitized by srujanika@gmail.com

ହୁଏତ ମାଡ଼ଦେବେ; କିନ୍ତୁ ସେପରି କିଛି ଘଟିଲିନାହିଁ । ଦୁଃଖ ଓ ଭୟରେ ବିହ୍ୱଳ ହୋଇ ସେ ଯାଇ ଗାଡ଼ିରେ ବସିଗଲେ ଓ କୋଚୁଆନକୁ କହିଲେ, "ଘରକୁ ଗାଡ଼ିଚଳା ।"

(ଦୁଇ)

ପ୍ରାଣଦଣ୍ଡରେ ଦଣ୍ଡିତ ବ୍ୟକ୍ତି ଫାଶୀଖୁଣ୍ଟକୁ ନିଆଯିବା ପାଇଁ ଅପେକ୍ଷା କରିଥିଲି ପରି କାଉଣ୍ଟେସ୍ ଖାଇବା ଘରେ ଅପେକ୍ଷା କରି ରହିଥିଲେ । ସ୍ୱାମୀ କଅଣ କରିବେ ? ସେ ଘରକୁ ଆସିଅଛନ୍ତି ତ ? କ୍ରୋଧୀ, ଅତ୍ୟାଚାରୀ, କାମୁକ ସେ । ତାଙ୍କର ଅଭିପ୍ରାୟ କଅଣ ? କାଉଣ୍ଟେସ୍ କିଛି ସ୍ଥିର କରି ନ ପାରି କେବଳ ଘଣ୍ଟା-କଣ୍ଟାକୁ ଚାହିଁ-ରହିଲେ । ଏହିମଧ୍ୟରେ ତାଙ୍କ ଦାସୀ ଆସି ତାଙ୍କୁ ପୋଷାକ ପିନ୍ଧାଇଦେଇଗଲା । ଆଠଟା ବାଜିଲା । ଏତିକିବେଳେ କେହି ଆସି କବାଟରେ ଠକ୍‌ଠକ୍ କଲା । ଖାନ୍‌ସମା ଭିତରକୁ ପଶି ଆସି କହିଲା, "ଆଜ୍ଞା, ଖାନା ପ୍ରସ୍ତୁତ ।"

"କାଉଣ୍ଟ ଆସିଲେଣି ?"

"ଆଜ୍ଞା ହଁ, ସେ ଖାଇବା ଘରେ ଅପେକ୍ଷା କରିଛନ୍ତି ।"

ପ୍ରଥମେ କାଉଣ୍ଟେସ୍ ଭାବିଲେ, ଗୋଟାଏ ରିଭଲଭର ନେଇ-ଯିବେ; କିନ୍ତୁ ପରମୁହୂର୍ତ୍ତରେ ସେ ଏହି କଳ୍ପନା ତ୍ୟାଗକଲେ । ସେ ଚିନ୍ତା କଲେ, ଖାଇବାଘରେ ବାପାଙ୍କ ପାଖରେ ପିଲାମାନେ ଥିବେ । ସେଠାରେ ରିଭଲଭରର ବ୍ୟବହାର ଦରକାର ହେବ-

Digitized by srujanika@gmail.com

ନାହିଁ । ତେଣୁ ସେ ଖାଲି ହାତରେ ଖାଇବା ଘରକୁ ଗଲେ । ସ୍ୱାମୀ-ସ୍ତ୍ରୀ ଦୁହେଁ ପରସ୍ପରକୁ ଶୁଭସମ୍ଭାଷଣ ଜଣାଇ ବସିଲେ । ଛଅଗୋଟିଯାକ ପୁଅ ଓ ସେମାନଙ୍କ ଶିକ୍ଷକ ମି: ମାର୍ଟିନ କାଉଣ୍ଟେସଙ୍କ ଡାହାଣ ପାଖରେ ଓ ତିନିଝିଅ ଓ ସେମାନଙ୍କ ଶିକ୍ଷୟିତ୍ରୀ ମିସ୍ ସ୍ମିଥ୍ ତାଙ୍କ ବାମ ପାଖରେ ବସିଥିଲେ । ତିନି ମାସର ସବା ସାନ ଝିଅଟି ଉପରମହଲରେ ଜଣେ ଦାସୀର ଦାୟିତ୍ୱରେ ଥିଲା ।

ମି: ମାର୍ଟିନ ପ୍ରାର୍ଥନା କଲେ । ସମସ୍ତଙ୍କର ଖାଇବା ଆରମ୍ଭ ହେଲା । କାଉଣ୍ଟେସ ଭାବାବେଗରେ ତଳକୁ ମୁହଁ ପୋତିଦେଲେ । କାଉଣ୍ଟଙ୍କ ଦୃଷ୍ଟି କେତେବେଳେ ତିନି ପୁଅଙ୍କ ଉପରେ, କେତେବେଳେ ଅବା ଝିଅମାନଙ୍କ ଉପରେ । ସେ ଜଣକ ପରେ ଜଣକୁ ନିରେଖି ଚାହିଁ ଥାନ୍ତି । ହଠାତ୍ ସେ ପାନୀୟ ଗ୍ଲାସଟାକୁ ଠେଲିଦେଲେ । ପାନୀୟତକ ଟେବୁଲ କନା ଉପରେ ଢାଳିହୋଇଗଲା । କାଉଣ୍ଟେସ ନିଜ ଚଉକିରୁ ଉଠିପଡ଼ିଲେ । ସ୍ୱାମୀ ସ୍ତ୍ରୀ ଦୁହେଁ ପରସ୍ପରକୁ ଚାହିଁଲେ; କିନ୍ତୁ ସେ ଚାହାଣିରେ ଥିଲା କ୍ରୋଧ, ବିରକ୍ତି ।

ମି:ମାର୍ଟିନ ଏପରି ଅବସ୍ଥାର କାରଣ ଅନୁମାନ କରିପାରିଲେନାହିଁ । ସେ କିଛି କହିବାକୁ ଚେଷ୍ଟାକଲେ; କିନ୍ତୁ ସେ ଯାହା କିଛି କହିଲେ, ତାହା ଦ୍ୱାରା କିଛି ପରିବର୍ତ୍ତନ ଘଟିଲାନାହିଁ । କେବଳ କାଉଣ୍ଟେସ୍ ନାରୀସୁଲଭ ପ୍ରବୃତ୍ତିବଶତଃ ଦୁଇ ତିନି ଥର ମି: ମାର୍ଟିନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟାକରିଥିଲେ; କିନ୍ତୁ ତାଙ୍କ ତୁଣ୍ଡକୁ ଭାଷା ଆସିଲାନାହିଁ । ଘର ଭିତରେ କେବଳ କଣ୍ଟାଚାମଚର କ୍ଷୀଣ ଶବ୍ଦ ଛଡ଼ା ଆଉ କିଛି ଶୁଣାଯାଉନଥିଲା ।

ହଠାତ୍ କାଉଣ୍ଟ ଆଗକୁ ନଇଁପଡ଼ି ପତ୍ନୀଙ୍କୁ କହିଲେ, "ଏଠି ପିଲାମାନେ ଅଛନ୍ତି । ସେମାନଙ୍କ ନାମରେ ରାଣଦେଇ କହିଲ, ଆଜି ତୁମେ ମୋତେ ଯାହା କହିଛ, ତାହା କଣ ସତ ?"

Digitized by srujanika@gmail.com

କାଉଣ୍ଟେସ୍ ଡାହାଣ ହାତଟି ପୁଅମାନଙ୍କ ଆଡ଼କୁ ଓ ବାଁ ହାତଟି ଝିଅମାନଙ୍କ ଆଡ଼କୁ ଦେଖାଇ ଦୃଢ଼ସ୍ୱରରେ ଉତ୍ତର କଲା, "ଏ ପିଲାମାନଙ୍କ ଗଣ ପକାଇ କହୁଛି, ମୋ କଥା ସତ।"

କାଉଣ୍ଟ ଟେବୁଲ ପାଖରୁ ଉଠି ଚଉକିଟାକୁ କାନ୍ଥ ପାଖକୁ ଠେଲିଦେଇ ବାହାରକୁ ଚାଲିଗଲେ। ତାହାପରେ କାଉଣ୍ଟେସ୍ ଧୀର ସ୍ଥିର ଭାବରେ ପିଲାମାନଙ୍କୁ କହିଲେ, "ବାପା ଯାହା କହିଲେ, ସେ ବିଷୟରେ ତୁମମାନଙ୍କର ମୁଣ୍ଡ ଖେଳାଇବା ଦରକାର ନାହିଁ। ତାଙ୍କ ମନ ଭଲ ନାହିଁ, କିଛି ଦିନ ଗଲେ ପୂର୍ବ ଅବସ୍ଥାକୁ ଆସିବେ।"

ଏହାପରେ ସେ ମିଃମାର୍ଟିନ ଓ ମିସ୍ ସ୍ମିଥଙ୍କ ସଙ୍ଗେ କଥାବାର୍ତ୍ତା କଲେ; ପିଲାମାନଙ୍କୁ ଆଦର ଦେଖାଇଲେ। ତାଙ୍କ ମଧୁର କଥାରେ ପିଲାମାନଙ୍କ ମନ ଭୁଲିଗଲା। ଭୋଜନ ପରେ ସେ ପିଲାମାନଙ୍କୁ ନେଇ ବୈଠକଖାନାକୁ ଗଲେ। ବଡ଼ ପିଲାମାନେ ଆପଣା ଭିତରେ ଗଳ୍ପକଲେ। ଶୋଇବା ବେଳ ହେବାରୁ ସେ ପିଲାମାନଙ୍କୁ ଚୁମ୍ବନ ଦେଇ ବିଛଣାକୁ ପଠାଇଦେଲେ ଓ ଆପେ ନିଜ କୋଠରୀକୁ ଗଲେ।

ତାଙ୍କର ବିଶ୍ୱାସ ଥିଲା ଯେ ସ୍ୱାମୀ ତାଙ୍କ ପାଖକୁ ଆସିବେ। ସେ ମନେ ମନେ ସ୍ଥିରକଲେ, "ମୁଁ ସଂସାରର ଜଣେ ନାରୀଭାବରେ ନିଜକୁ ରଖିବାପାଇଁ ଏତେ କଥା କରୁଛି; ଶରୀରର ରକ୍ଷାପାଇଁ କୁଣ୍ଠିତ ହେବି କାହିଁକି?" ସେ ନିଜ ପୋଷାକ ଭିତରେ ରିଭଲଭରକୁ ଲୁଚାଇ ପ୍ରସ୍ତୁତ ହୋଇ ରହିଲେ। ଘଣ୍ଟା ପରେ ଘଣ୍ଟା ବିତିଗଲା; ଘରେ ପୂର୍ଣ୍ଣ ନୀରବତାର ରାଜତ୍ୱ। ରାସ୍ତାରେ ଯାଉଥିବା ଗାଡ଼ିମାନଙ୍କର ଶବ୍ଦ ଅତି ଅସ୍ପଷ୍ଟଭାବରେ ଶୁଣାଯାଉଥିଲା; କାରଣ ଦ୍ୱାର ଝରକା ସବୁ ବନ୍ଦ ଥିଲା।

Digitized by srujanika@gmail.com

କାଉଣ୍ଟେସ ଅପେକ୍ଷା କରି ରହିଲେ । ଯାହା କିଛି ଘଟନ୍ତୁ ସେ ସହିବାପାଇଁ ପ୍ରସ୍ତୁତ ଥିଲେ; ତେଣୁ ତାଙ୍କର ଆଦୌ ଭୟ ନ ଥିଲା । ସ୍ୱାମୀଙ୍କୁ ଜୀବନର ପ୍ରତି ମୁହୂର୍ତ୍ତରେ ଯନ୍ତ୍ରଣା ଭୋଗିବାକୁ ହେବ; ଏହାର ଉପାୟ କରିପାରିଥିବାରୁ ସେ ମନେ ମନେ ଗର୍ବ ଅନୁଭବ କରୁଥିଲେ । ତାଙ୍କୁ ନିଦ ହେଉ ନ ଥିଲା ।

ସକାଳର ଆଲୁଅ ଝରକା ରନ୍ଧ୍ର ବାଟେ ଘରେ ପଡ଼ିଲା । କାଉଣ୍ଟେସ୍ ଜାଣିଲେ, ରାତିରେ ସ୍ୱାମୀ ଆସିଲେ ନାହିଁ । ତାଙ୍କ ମନରେ ବିସ୍ମୟ ଜାତହେଲା । ଭିତରୁ କବାଟରେ ତାଲା ଦେଇ ସେ ଶୋଇବାକୁ ଚେଷ୍ଟାକଲେ; କିନ୍ତୁ ଆଖିକୁ ନିଦ ଆସିଲାନାହିଁ । ସେ କେବଳ ଭାବିବାକୁ ଲାଗିଲେ; ସ୍ୱାମୀ ରାତିରେ ଆସିଲେନାହିଁ କାହିଁକି ? ଏହାପରେ ସ୍ୱାମୀ କଅଣ କରିବେ ?

ଦାସୀ ଚାହା ଆଣିଆସିଲା । କାଉଣ୍ଟେସ କବାଟ ଫିଟାଇଲେ । ଦାସୀ ଚାହା ରଖିଦେଇ ତାଙ୍କ ହାତକୁ ଖଣ୍ଡିଏ ଚିଠି ବଢ଼ାଇଦେଲା । ଚିଠିଟି ତାଙ୍କର ସ୍ୱାମୀ ଦେଇଥିଲେ । ସେଥିରେ ଲେଖାଥିଲା— ମୁଁ ଗୋଟାଏ ଦୂରସ୍ଥାନକୁ ଯାଉଛି । ତୁମର ଖର୍ଚ୍ଚପାଇଁ ଯାହା ଟଙ୍କା ଦରକାର ହେବ, ମୋର ଓକିଲ ତାହା ତୁମକୁ ଦେବେ ।

(ତିନି)

ଛଅବର୍ଷ ପରର କଥା । ଗ୍ରାଣ୍ଡ ଥିଏଟରରେ ଅଭିନୟ ଚାଲିଛି । ଦର୍ଶକ ଗ୍ୟାଲେରୀର ଏକ ପାଖରେ ମହିଳାମାନେ, ଅନ୍ୟ ପାଖରେ

Digitized by srujanika@gmail.com

ପୁରୁଷମାନେ । ପୁରୁଷମାନଙ୍କର ପୋଷାକରୁ ସେମାନଙ୍କର ଆଡ଼ମ୍ବରପ୍ରିୟତା ଜଣାପଡ଼ୁଯାଉଅଛି । ମହିଳାମାନଙ୍କର ଚକ୍‌ଚକ୍ ପୋଷାକ ସଙ୍ଗକୁ ବହୁ ମୂଲ୍ୟ ମଣିମୁକ୍ତାର ଅଳଙ୍କାର । ପୁରୁଷ-ମାନଙ୍କ ମଧ୍ୟରୁ ଅନେକଙ୍କର ଦୃଷ୍ଟି ସେଇଆଡ଼େ ।

ଦୁଇଜଣ ବନ୍ଧୁ ଦର୍ଶକମାନଙ୍କ ଭିତରେ ବସି ଏହି ପ୍ରାକୃତିକ ଓ କୃତ୍ରିମ ସୌନ୍ଦର୍ଯ୍ୟ ଉପଭୋଗ କରୁଥିଲେ । ରଜର୍ ତାଙ୍କ ବନ୍ଧୁଙ୍କୁ କହିଲେ, "ବର୍ଣ୍ଣାଡ଼, ମଷ୍କାରେଟର କାଉଣ୍ଟେସ୍‌ଙ୍କ ଆଡ଼କୁ ଚାହିଁଲ । କେଡ଼େ ସୁନ୍ଦରୀ ! ଏଭଳି ସୁନ୍ଦରୀ ଦେଖି ନ ଥିବ ।" ବର୍ଣ୍ଣାଡ଼ ଆଖିରେ ଚଷମା ଦେଇ ଅପର ପାର୍ଶ୍ୱକୁ ଚାହିଁଲେ । ବାସ୍ତବରେ କାଉଣ୍ଟେସ ଖୁବ୍ ସୁନ୍ଦରୀ; ବୟସ ଅଳ୍ପ ଜଣାଯାଉଛି । ତାଙ୍କ ସୌନ୍ଦର୍ଯ୍ୟରେ ଏକ ବିଶେଷତ୍ୱ ଥିଲା; ଯାହା କି ସବୁ ପୁରୁଷଙ୍କର ଦୃଷ୍ଟି ତାଙ୍କ ଆଡ଼କୁ ଆକର୍ଷଣ କରୁଥିଲା ।

ବର୍ଣ୍ଣାଡ଼ କିଛି ସମୟ ଚାହିଁ ରହିବା ପରେ ତାଙ୍କ ବନ୍ଧୁଙ୍କୁ କହିଲେ, "ରଜର୍, ତୁମେ ତାଙ୍କୁ ସୁନ୍ଦରୀ କହିବା ଯଥାର୍ଥ ।"

"ଆଚ୍ଛା, କହିଲ, ତାଙ୍କର ବୟସ କେତେ ହୋଇଥିବ ?"

"ଟିକିଏ ରହ । ମୁଁ ତାଙ୍କର ଠିକ୍ ବୟସ କହିପାରିବି । ମୁଁ ତାଙ୍କୁ ପିଲାଟିଦିନୁ ଦେଖିଆସିଛି । ତାଙ୍କର ବୟସ ହେଉଛି, ଛତିଶ ବର୍ଷ ।"

"ଅସମ୍ଭବ !"

"ମୁଁ ନିଶ୍ଚୟ କରି କହିପାରେ, ତାଙ୍କର ବୟସ ଛତିଶ ବର୍ଷ ।"

"କିନ୍ତୁ ତାଙ୍କର ଚେହେରା ଦେଖିଲେ ପଚିଶ ବର୍ଷ ପରି ଜଣାପଡ଼ୁଛି ।"

"ତାଙ୍କର ପରା ସାତଟା ପୁଅଝିଅ ହେଲେଣି ।"

Digitized by srujanika@gmail.com

"ଏକବାରେ ଅସମ୍ଭବ ! ମୁଁ ବିଶ୍ୱାସ କରିପାରୁନାହିଁ ।"

"ଆଉ ଗୋଟିଏ କଥା, ସେ ପିଲାଙ୍କର ଏପରି ଯତ୍ନ ନିଅନ୍ତି ଯେ ସାତୋଟିଯାକ ବଞ୍ଚିଛନ୍ତି । ମୁଁ ବେଳେ ବେଳେ ତାଙ୍କ ଘରକୁ ଯାଏଁ । ତାଙ୍କ ଘରଟି ସୁଖଶାନ୍ତିରେ ପୂର୍ଣ୍ଣ । ପିଲାଙ୍କ ପ୍ରତି ତାଙ୍କର ଅପୂର୍ବ ସ୍ନେହ । ଗୋଟାଏ ଆଦର୍ଶ ପରିବାର କହିଲେ ଚଳେ ।"

"ଆଚ୍ଛା, ତାଙ୍କ ବିଷୟରେ କେବେ କୌଣସି ଦୁର୍ନାମ ଶୁଣାଯାଇନାହିଁ ?"

"ନା, କେବେ ହେଲେ କିଛି ଶୁଣାନାହିଁ ।"

"କିନ୍ତୁ ତାଙ୍କ ସ୍ୱାମୀଙ୍କ କଥା କଅଣ ? ସେ ତ ଜଣେ ଅଦ୍ଭୁତ ଲୋକ ! ନୁହେଁ କି ?"

"ମୁଁ କହିବି 'ହଁ'; ପୁଣି କହିବି 'ନା' । ହୁଏତ ଦୁହିଁଙ୍କ ଭିତରେ ଟିକିଏ ଦାମ୍ପତ୍ୟ କଳହର ଅଭିନୟ ହୋଇଥିଲା । ଏମିତି ପ୍ରାୟ ପ୍ରତି ପରିବାରରେ ହୋଇଥାଏ । ସମସ୍ତେ ନାନା କଥା ସନ୍ଦେହ କରନ୍ତି; କିନ୍ତୁ ପ୍ରକୃତ ଘଟଣା ଜାଣିପାରନ୍ତିନାହିଁ । ହୁଏତ ଅନେକ କ୍ଷେତ୍ରରେ ଲୋକଙ୍କର ଅନୁମାନ ସତ୍ୟର ନିକଟବର୍ତ୍ତୀ ହୋଇଥାଏ ।"

"କାଉଣ୍ଟଙ୍କ ପରିବାରରେ କଅଣ ଏପରି ହୋଇଥିଲା ?"

"ମୁଁ ସେ ବିଷୟରେ କିଛି ଜାଣେନାହିଁ । ତେବେ କାଉଣ୍ଟ ବରାବର ଜଣେ ଆଦର୍ଶ ସ୍ୱାମୀ ଥିଲେ; କିନ୍ତୁ ଏବେ ତାଙ୍କ ଜୀବନ-ଯାତ୍ରା ଟିକିଏ ଭିନ୍ନ । ଆଗେ ତାଙ୍କର ସ୍ୱଭାବ ରୁକ୍ଷ ଥିଲା; ଅଳ୍ପକେ ଅପମାନ ବୋଧକରୁଥିଲେ; କିନ୍ତୁ ଏବେ ଘର ଛାଡ଼ିବା ଦିନୁ ସେ ବଡ଼ ଉଦାସୀନ । ବୋଧହୁଏ, ତାଙ୍କ ମନରେ କିଛି କୀଟ ପ୍ରବେଶ କରି କାଟୁଛି । ଏବେ ଦେଖିବ, ତାଙ୍କର ବାର୍ଦ୍ଧକ୍ୟ ଲକ୍ଷଣ ଦେଖାଗଲାଣି ।"

Digitized by srujanika@gmail.com

ଏହା ପରେ ଦୁଇ ବନ୍ଧୁଙ୍କ ମଧ୍ୟରେ ପାରିବାରିକ ସମ୍ବନ୍ଧ ନେଇ ତାତ୍ତ୍ୱିକ ଆଲୋଚନା ଚାଲିଲା । ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଚରିତ୍ରଗତ ବା ଶରୀରଗତ ପାର୍ଥକ୍ୟ ରହିପାରେ, ତାହା ପ୍ରଥମେ ଜଣା ପଡ଼େ ନଥାଏ; ପରେ ପ୍ରକାଶ ପାଏ । ଏଭଳି ଅଶାନ୍ତିର କାରଣ ଖୋଜି ସ୍ଥିର କରିବା କଠିନ । ରଜର୍ କାଉଣ୍ଟେସ୍‌ଙ୍କ ଉପରେ ଦୃଷ୍ଟି ରଖି କହିଲେ, "ଏଭଳି ଯୁବତୀ ସାତୋଟି ସନ୍ତାନର ମାଆ ବୋଲି କେହି ବିଶ୍ୱାସ କରିବେନାହିଁ ।"

"ହଁ, ସେ କଥା ସତ । ଏଗାର ବର୍ଷ ଭିତରେ ସାତୋଟି ପିଲା ଜନ୍ମ କରି ତିରିଶ ବର୍ଷ ବେଳକୁ ଏକବାରେ ସନ୍ତାନ ପ୍ରସବ ବନ୍ଦ । ତା'ପରେ ତାଙ୍କର ଆମୋଦ-ପ୍ରମୋଦରେ ଦିନ କଟୁଛି । ସେ ଆମୋଦ-ପ୍ରମୋଦ କେବେ ଶେଷହେବ ବୋଲି ଜଣାଯାଉ ନାହିଁ ।"

"ସ୍ତ୍ରୀମାନେ ହତଭାଗିନୀ ।"

"ସ୍ତ୍ରୀ ଜାତିକୁ ହତଭାଗିନୀ ବୋଲି କାହିଁକି ମନେ-କରୁଛ ?"

"କାହିଁକି ? ବନ୍ଧୁ, ଟିକିଏ ବିଚାର କରି ଦେଖ । ଏଭଳି ଜଣେ ସୁନ୍ଦରୀ ସ୍ତ୍ରୀ ପକ୍ଷରେ ଏଗାର ବର୍ଷବ୍ୟାପୀ ଗର୍ଭଧାରଣ ଓ ସନ୍ତାନ ପରେ ସନ୍ତାନ ପ୍ରସବ ! ଏ କଅଣ ନରକ-ଯନ୍ତ୍ରଣା ନୁହେଁ ! ସମସ୍ତ ଯୌବନ, ସମସ୍ତ ରୂପବିଭବ, ସାମାଜିକ ଜୀବନର ଆଦର୍ଶ ଉଜ୍ଜ୍ୱଳ ସୁଖମୟ ଜୀବନଯାପନର ଆଶା—ସବୁ ବଂଶବୃଦ୍ଧି-ରୂପକ କଠୋର ନିୟମ ନିକଟରେ ବଳିଦେବା କି କଷ୍ଟର କଥା ! ସାଧାରଣ ନାରୀ ମଧ୍ୟ ଏହା ଫଳରେ ମନୁଷ୍ୟ ହୋଇ ନରହି ସନ୍ତାନ-ଉତ୍ପାଦନର ଗୋଟିଏ ଯନ୍ତ୍ରରେ ପରିଣତ ହୋଇଯିବ ।"

Digitized by srujanika@gmail.com

"ତୁମର ମତ ତେବେ କଅଣ ? ସେଇଟା ତ ହେଉଛି ପ୍ରକୃତିର ନିୟମ ।"

"ହଁ, ପ୍ରକୃତି ! କିନ୍ତୁ ମୁଁ କହେ, ପ୍ରକୃତି ହେଉଛି ଆମର ଶତ୍ରୁ; ଆମକୁ ପ୍ରତି ମୁହୂର୍ତ୍ତରେ ପ୍ରକୃତି ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ପ୍ରକୃତି ସର୍ବଦା ଆମକୁ ପଶୁସ୍ତରକୁ ନେବାପାଇଁ ଚେଷ୍ଟିତ; ମନୁଷ୍ୟତ୍ୱ ରଖିବାକୁ ହେଲେ ପ୍ରକୃତି ସହିତ ଯୁଦ୍ଧ ଅନିବାର୍ଯ୍ୟ । ମୁଁ ଦୃଢ଼ଭାବରେ କହିପାରେ, ଜଗତରେ ଯାହାର କିଛି ଶୁଦ୍ଧ, ସୁନ୍ଦର, ସୁରୁଚିସମ୍ପନ୍ନ ବା ଆମ ଆଦର୍ଶର ସହାୟକ, ସେସବୁ ମନୁଷ୍ୟର ମସ୍ତିଷ୍କ ସୃଷ୍ଟି କରିଛି; ଈଶ୍ୱର କରିନାହାନ୍ତି । ଈଶ୍ୱରଙ୍କ ସୃଷ୍ଟିର ପ୍ରଶଂସା ଗାନ କରି କବି, ଚିତ୍ରକର ବା ଦାର୍ଶନିକ ଭାବରେ ମନୁଷ୍ୟ ସେଥିରେ ଯାହା କିଛି ସୌନ୍ଦର୍ଯ୍ୟ ଆଣିଛି ।"

"ଈଶ୍ୱର କେବଳ ଅସଭ୍ୟ ଜୀବ ସୃଷ୍ଟି କରିଥିଲେ । ତାର ଶରୀର ରୋଗଜୀବାଣୁରେ ପୂର୍ଣ୍ଣ । ସେ କିଛିକାଳ ପଶୁପରି ଜୀବନ କଟାଇ ଦୁର୍ବଳ ଓ ବୃଦ୍ଧ ହୋଇଯାଉଥିଲେ । ଈଶ୍ୱରଙ୍କ ମନୁଷ୍ୟ ଅନ୍ୟାନ୍ୟ କୀଟ-ପତଙ୍ଗ ପରି କେବଳ ଘୃଣ୍ୟଭାବରେ ନିଜର ବଂଶ ବୃଦ୍ଧି କରିବ ଓ ମରିବ ବୋଲି ସୃଷ୍ଟ । ଜୀବମାନଙ୍କର ହାସ୍ୟାସ୍ପଦ ବଂଶରକ୍ଷା ପ୍ରକ୍ରିୟାଠାରୁ ଅଧିକ ନୀଚ, ଅଭଦ୍ର, ଘୃଣ୍ୟ ଆଉ କଅଣ ହୋଇପାରେ ? ସୁରୁଚିସମ୍ପନ୍ନ ଲୋକେ ବରାବର ଏହା ବିରୁଦ୍ଧରେ କହିଅଛନ୍ତି ଓ କହିବେ ।

"ଈଶ୍ୱର ଖୁବ୍ ବୁଦ୍ଧି ଖରଚ କରି ଜୀବମାନଙ୍କୁ ଯେଉଁ ଇନ୍ଦ୍ରିୟଗୁଡ଼ିକ ଦେଲେ, ପ୍ରତ୍ୟେକଟିକୁ ଦୁଇଟି କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ସୃଷ୍ଟି କଲେ । ଦେଖ, ତୁଣ୍ଡ ଖାଦ୍ୟଦ୍ରବ୍ୟ ପେଟକୁ ନେଇ ଦେହରେ ବଳ ଦିଏ; ପୁଣି କଥା କହି ମନର ଭାବ ମଧ୍ୟ ପ୍ରକାଶ କରେ । ନାକ ନିଃଶ୍ୱାସରେ ପବନ ନେଇ ଫୁସ୍‌ଫୁସ୍‌ରେ

Digitized by srujanika@gmail.com

ପହଞ୍ଚାଏ; ଆହୁରି ମଧ୍ୟ ବିଭିନ୍ନ ଗନ୍ଧ ଗ୍ରହଣ କରି ମସ୍ତିଷ୍କକୁ ଦିଏ । କାନ ସାହାଯ୍ୟରେ ଆମେ ପରସ୍ପର ଭାବ ବିନିମୟ କରୁ; ତାହା ସଙ୍ଗେ ସଙ୍ଗୀତର ମାଧୁରୀ ମଧ୍ୟ ଅନୁଭବ କରୁ । ସେହିପରି ବଂଶବୃଦ୍ଧି ପାଇଁ ଈଶ୍ୱର କରିଛନ୍ତି କି ? ବଂଶବୃଦ୍ଧି ଭଳି ପବିତ୍ର ଉଦ୍ଦେଶ୍ୟରେ ସେହିପରି ବିଶୁଦ୍ଧ ପବିତ୍ର ଇନ୍ଦ୍ରିୟ ସୃଷ୍ଟି କଲେନାହିଁ କାହିଁକି ?

"ଯୁକ୍ତି ହୋଇପାରେ, ନାରୀ ସହିତ ପୁରୁଷର ଅହରହ ସମ୍ପର୍କ ଓ ନାରୀ ପୁରୁଷର ଧର୍ମ୍ମାନ୍ଧକୁ ଏକ ଆଦର୍ଶ ବୋଲି ଦେଖାଇବାରୁ ପୁରୁଷକୁ ନିବୃତ୍ତ କରାଇବା ପାଇଁ ଈଶ୍ୱର ଏପରି କରି-ଅଛନ୍ତି; କିନ୍ତୁ ମନୁଷ୍ୟ ସୃଷ୍ଟି କରିଛି ପ୍ରେମ । ସେ କାବ୍ୟ-କବିତାରେ ପ୍ରେମକୁ ଏତେ ଉଚ୍ଚ ସ୍ଥାନ ଦେଇଛି ଯେ ନାରୀ ପୁରୁଷ ନିକଟରେ ଆତ୍ମ-ସମର୍ପଣ କଲାବେଳେ ସେ ପ୍ରକୃତ ସତ୍ୟ ଭୁଲିଯାଇ ଭାବେ ଯେ ଏହା ପ୍ରେମ । ଆମ ପୁରୁଷଙ୍କ ଭିତରୁ ଯେଉଁମାନେ ଅକ୍ଷମ, ସେମାନେ ଏହାକୁ 'ପାପ' ବୋଲି କହି ଆତ୍ମ-ପ୍ରତାରଣା କରନ୍ତି ଅଥବା ଏକରକମ ବ୍ୟଭିଚାର ବୋଲି କହନ୍ତି । ଏହା ମଧ୍ୟ ଈଶ୍ୱରଙ୍କ ପ୍ରତି ଏକ ଉପହାସ; ସୌନ୍ଦର୍ଯ୍ୟ ପ୍ରତି ଏକପ୍ରକାର ପ୍ରଶଂସା ।

"ଐଶ୍ୱରିକ ନିୟମରେ ପଶୁରାଜ୍ୟରେ ଯେପରି ଜୀବର ଉତ୍ପତ୍ତି, ସାଧାରଣ ମନୁଷ୍ୟ ଠିକ୍ ସେହିପରି ମନୁଷ୍ୟ ଶିଶୁର ଜନ୍ମ ଦେଇଥାଏ ।

"ଏଇ କାଉଣ୍ଟେସ୍‌ଙ୍କୁ ଦେଖ । ଏ ତ ନାରୀଜାତିର ଗୋଟାଏ ରତ୍ନ । ସୁନ୍ଦରୀ ହେବାପାଇଁ ତାର ଜନ୍ମ; ଲୋକେ ତାର ପ୍ରଶଂସା ଗାଇବେ, ଅଭ୍ୟର୍ଥନା କରିବେ; କିନ୍ତୁ ହୋଇଛି କଅଣ ? ଊର୍ଦ୍ଧ୍ୱ ଏଗାର ବର୍ଷ ହେଲା ସେ କେବଳ କାଉଣ୍ଟଙ୍କ ବଂଶବୃଦ୍ଧି କରିବାରେ ଲାଗିଛି ।"

Digitized by srujanika@gmail.com

ବର୍ଣ୍ଣାଡ଼ ହସି ଦେଇ କହିଲେ, "ତୁମେ ଯାହା କହିଲ; ସେଥିରେ ଯଥେଷ୍ଟ ସତ୍ୟ ଅଛି; କିନ୍ତୁ ସେ ସତ୍ୟ ବୁଝିବାକୁ ଲୋକ ନାହାନ୍ତି ।"

ରଜର୍ ଉତ୍ତେଜିତ ହୋଇ କହିଲେ, "ଈଶ୍ୱରଙ୍କୁ ମୁଁ କିପରି ଚିହ୍ନଣ କରେଁ କହିବି । ସେ ହେଉଛନ୍ତି ଏକ ବିରାଟ ଇନ୍ଦ୍ରିୟ, ଆମର ଅଜ୍ଞାତ ଇନ୍ଦ୍ରିୟ । ସେ କେବଳ କୋଟି କୋଟି ପୃଥିବୀ ସୃଷ୍ଟି କରି ଆକାଶକୁ ପଠାଉଛନ୍ତି । ତାଙ୍କର କର୍ତ୍ତବ୍ୟ ହେଉଛି ସୃଷ୍ଟି ; ସେ ସୃଷ୍ଟି କରିଚାଲିଛନ୍ତି; କିନ୍ତୁ ଏହା ନିର୍ବୋଧତା । ସେ ଯେଉଁ ବୀଜ ନିକ୍ଷେପ କରୁଅଛନ୍ତି, ସେ ସବୁର ସଂଯୋଗରେ ଯେ କଅଣ ହେଉଛି, ସେ ବିଷୟରେ ସେ ଅଜ୍ଞ; କିନ୍ତୁ ମନୁଷ୍ୟର ଚିନ୍ତା-ଶକ୍ତି ଅଛି । ପୃଥିବୀର ବିଲୟ ସଙ୍ଗେ ତାର ବିଲୟ ହେବ । ହୁଏତ ଏଠାରେ ହେଉ ବା ଅନ୍ୟ କୌଣସିଠାରେ ହେଉ, ସେ ଅନ୍ୟ ବୀଜ ସହିତ ମିଳି ନୂତନ ରୂପ ଧାରଣ କରିବ । ମନୁଷ୍ୟର ବୁଦ୍ଧି ଏକ ଦୈବୀ ଘଟଣା । ସେ ବୁଝୁଛି, ପୃଥିବୀରେ ଆମ ଜୀବନ ସୁଖକର ନୁହେଁ; ସଂସାର ତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ; ଆମକୁ ଖାଇବାକୁ, ରହିବାକୁ ଦେବା ପାଇଁ ସଂସାର ପ୍ରସ୍ତୁତ ନୁହେଁ । ଯାହାହେଉ, ବିଧାତାଙ୍କର ବିଧିବିଧାନ ବିରୁଦ୍ଧରେ ଅହରହ ଲଢ଼ିବା ପାଇଁ ଈଶ୍ୱର ଆମକୁ ପ୍ରବୃତ୍ତି ଦେଇଅଛନ୍ତି । ଏହାହିଁ ହେଉଛି ସଭ୍ୟ ମାନବର ଲକ୍ଷଣ ।"

ବର୍ଣ୍ଣାଡ଼ ମନୋଯୋଗ ଦେଇ ଏହି ବକ୍ତୃତା ଶୁଣୁଥିଲେ । ଶେଷରେ ସେ କହିଲେ, "ତାହାହେଲେ ତୁମର ମତ ହେଉଛି, ଏକ ଅନ୍ଧ ସୃଷ୍ଟିଶକ୍ତିରୁ ବଳେ ବଳେ ମନୁଷ୍ୟର ଚିନ୍ତାଶକ୍ତିର ଜନ୍ମ ?"

Digitized by srujanika@gmail.com

"ଏହା ସ୍ବତଃସିଦ୍ଧ । ଚିନ୍ତାଶକ୍ତି ଆମ ମସ୍ତିଷ୍କର ସ୍ନାୟୁମାନଙ୍କର ଗୋଟିଏ କ୍ରିୟା ମାତ୍ର; ରାସାୟନିକ ଦ୍ରବ୍ୟର ମିଶ୍ରଣରେ ଗୋଟାଏ ନୂଆ ପଦାର୍ଥ ହେଲପରି ।"

"ତୁମେ ଯାହା କହିଲ, ତାହା ଯେ କେହି ଜାଣିପାରିବ । କିନ୍ତୁ ସର୍ବଜ୍ଞ ବିଧାତା ମନୁଷ୍ୟର ଚିନ୍ତାର ସ୍ରଷ୍ଟା । ଚିନ୍ତାଶକ୍ତିକୁ ଯେବେ ସେ ଅନ୍ୟ କୌଣସି ଉଦ୍ଦେଶ୍ୟରେ ସୃଷ୍ଟି କରିଥାଆନ୍ତେ, ତେବେ ଏ ପୃଥିବୀ ଆମଭଳି ମନୁଷ୍ୟଙ୍କ ପକ୍ଷରେ ସୁଖକର ସ୍ଥାନ ହୋଇ ନଥାନ୍ତା; ଆମେ ବଣ ଜଙ୍ଗଲରେ ଲଙ୍ଗଳା ହୋଇ ବୁଲୁଥାନ୍ତେ; ପଶୁ ଶିକାର କରି କଞ୍ଚା ମାଉଁସ ଖାଉଥାନ୍ତେ; ହୁଏତ ମଣିଷକୁ ମାରି ଖାଉଥାନ୍ତେ । ତଥାପି ଟିକିଏ ଚିନ୍ତା କଲେ ଦେଖାଯିବ ଯେ ଏ ପୃଥିବୀ ଆମଭଳି ଜୀବଙ୍କ ପାଇଁ ସୃଷ୍ଟି ହୋଇ ନଥିଲା । ଆମର ମସ୍ତିଷ୍କ ଓ ସ୍ନାୟୁରେ ଯେଉଁ ଚିନ୍ତାର ଜନ୍ମ, ତାହା ଯେତେ ଶକ୍ତିହୀନ, ବୁଦ୍ଧିହୀନ ଓ ବିଶୃଙ୍ଖଳ ହେଲେ ସୁଦ୍ଧା ଆମକୁ ବୁଦ୍ଧିମାନ୍ ଜୀବରେ ପରିଣତ କରିଛି । ଚିରଦିନ ପାଇଁ ଆମେ ଏ ପୃଥିବୀପୃଷ୍ଠରେ ନିର୍ବାସିତ । ଏ ପୃଥିବୀକୁ ଦେଖ । ଏଥିରେ ଯେଉଁ ବଣଜଙ୍ଗଲ ଅଛି, ତାକୁ ଦେଖିଲେ ଜଣାଯିବ, ଏହା କେବଳ ଜୀବଜନ୍ତୁମାନଙ୍କ ପାଇଁ ସୃଷ୍ଟ । ମନୁଷ୍ୟ ପାଇଁ ଏ ପୃଥିବୀରେ କିଛି ନାହିଁ; କିନ୍ତୁ ଇତର ଜୀବଜନ୍ତୁଙ୍କ ପାଇଁ ସବୁ ଅଛି । ସେମାନଙ୍କର ଖାଇବା ଛଡ଼ା ଅନ୍ୟ କିଛି କାମ ନାହିଁ; ଶିକାର କରି ପରସ୍ପରକୁ ଖାଇବେ । ଈଶ୍ବର କେବେହେଁ ଶାନ୍ତିପୂର୍ଣ୍ଣ କୋମଳ ବ୍ୟବହାର କଳ୍ପନା କରି ନଥିଲେ । ପ୍ରକୃତି ଜୀବମାନଙ୍କୁ ପରସ୍ପରର ଶତ୍ରୁରୂପେ ସୃଷ୍ଟି କରିଛି । ହିଂସା ହେଉଛି ଜୀବର ପ୍ରବୃତ୍ତି ।

"କିନ୍ତୁ ମନୁଷ୍ୟକୁ ଦେଖ । ଆମେ ଯେତିକି ସଭ୍ୟ ହେଉଛୁ, ବୁଦ୍ଧିମାନ୍ ହେଉଛୁ, ସେତିକି ଆମେ ଆମର ପଶୁପ୍ରବୃତ୍ତିକୁ ଦମନ

Digitized by srujanika@gmail.com

କରୁଛୁ । ଏହ ପଶୁପ୍ରବୃତ୍ତି କି ହେଉଛି ମନୁଷ୍ୟଠାରେ ଅଥବା ଈଶ୍ୱରଙ୍କ ଇଚ୍ଛା । ଆମର ପଶୁତ୍ୱକୁ ଲଘୁକରିବାପାଇଁ ଆମେ ଘର ତିଆରି କରିଛୁ, ଗାଡ଼ି ଘୋଡ଼ା, ରେଳ ପ୍ରଭୃତି ଯାନବାହନ କରିଛୁ, ଶତ ଶତ ଯନ୍ତ୍ର ତିଆରି କରିଛୁ, ନାନାପ୍ରକାର ଖାଦ୍ୟ ପ୍ରସ୍ତୁତ କରିଛୁ, ପୋଷାକ ଅଳଙ୍କାର କରିଛୁ; କାବ୍ୟ-ଉପନ୍ୟାସ ଲେଖିଛୁ, ନାନା ଶିଳ୍ପ ପ୍ରତିଷ୍ଠା କରିଛୁ । ଈଶ୍ୱର ଆମକୁ ବଂଶବୃଦ୍ଧି କରିବା ଉଦ୍ଦେଶ୍ୟରେ ସୃଷ୍ଟି କରିଥିଲେ; ସେହି ଉଦ୍ଦେଶ୍ୟରେ ଜୀବନକୁ ସରଳ ଓ ସୁଗମ କରିବା ହେଲା ଆମର ଏ ସବୁ କାର୍ଯ୍ୟର ଆଦର୍ଶ ।

"ମାଷ୍ଟାରେଣ୍ଟ୍‌ର କାଉଣ୍ଟେସ୍‌ଙ୍କୁ ଦେଖ । ସେ ଗୋଟାଏ ଗୁହାରେ ଉଲଗ୍ନ ଜୀବନଯାପନ କରୁଥାନ୍ତା, ହୁଏତ ପଶୁଚର୍ମଦ୍ୱାରା ଶରୀର ଆବୃତ କରିଥାନ୍ତା; କିନ୍ତୁ ବର୍ତ୍ତମାନ ସେ କଅଣ ସୁଖରେ ନାହିଁ ? ଥରେ ଭାବି ଦେଖ, ତାର ପଶୁତୁଲ୍ୟ ସ୍ୱାମୀ ତାକୁ ସାତ ଥର ଗର୍ଭଯନ୍ତ୍ରଣା ଦେଇ ହଠାତ୍ କୁଆଡ଼େ ଚାଲିଯାଇଛି; ହୁଏତ ଭ୍ରଷ୍ଟା ସ୍ତ୍ରୀମାନଙ୍କ ପଛରେ ଲାଗିଥିବ ।"

ବର୍ଣ୍ଣାଡ଼୍ ଉତ୍ତର କଲେ, "ମୋର ମନେହୁଏ, ସେ ଦେଖିଲେ ସବୁବେଳେ କାଉଣ୍ଟେସ୍‌ଙ୍କ ସଙ୍ଗେ ରହିଲେ ବେଶି ଖର୍ଚ୍ଚ । ତୁମେ ଏତେ ଦାର୍ଶନିକ ତତ୍ତ୍ୱର ଆଲୋଚନା ଫଳରେ ଯେଉଁ ସିଦ୍ଧାନ୍ତରେ ପହଞ୍ଚିଛ, ସେ ହୁଏତ ପାରିବାରିକ ବ୍ୟୟସଙ୍କୋଚ ଦୃଷ୍ଟିରୁ ସେହି ସିଦ୍ଧାନ୍ତ ଗ୍ରହଣ କରିଅଛନ୍ତି ।"

ଏହି ସମୟରେ ରଙ୍ଗମଞ୍ଚର ପର୍ଦ୍ଦା ଉଠିଲା ଓ ଗୋଟିଏ ନୂତନ ଅଙ୍କର ଅଭିନୟ ଆରମ୍ଭ ହେଲା । ବନ୍ଧୁ ଦୁହେଁ ବସି-ପଡ଼ିଲେ ।

Digitized by srujanika@gmail.com

(ଚାର)

ଏହି ଘଟନାର କିଛି ଦିନ ପରର କଥା । ଗୋଟିଏ ଯାତ୍ରା ଦେଖି କାଉଣ୍ଟ ମାସ୍କାରେନ୍ସ ଓ ତାଙ୍କ ପତ୍ନୀ ଲଗାଲଗି ହୋଇ ଗାଡ଼ିରେ ବସି ଘରକୁ ଫେରୁଥିଲେ; କିନ୍ତୁ ଦୁହେଁଯାକ ନୀରବ । ଦୁହିଁଙ୍କ ଦେହ ପରସ୍ପରର ନିକଟରେ ଥିଲେହେଁ ଦୁହିଁଙ୍କ ମନ ମଧ୍ୟରେ ବହୁ ଦୂର ବ୍ୟବଧାନ ଥିଲା । ହଠାତ୍ କାଉଣ୍ଟ ଡାକିଲେ, "ଗେବ୍ରିଏଲ୍ !"

"ତୁମେ କଅଣ ଚାହଁ ?"

"ଆମର ଏଭଳି ଜୀବନ ଖୁବ୍ ଦୀର୍ଘକାଳ ହୋଇଯାଇନାହିଁ କି ?"

"କେଉଁ ଜୀବନ ?"

"ଏଇ ଯେ ଗଲା ଛଅ ବର୍ଷ ହେଲା ତୁମେ ମୋତେ ଘୋର ଯନ୍ତ୍ରଣା ଦେଇଆସିଛ ।"

"ତୁମେ କଅଣ ଚାହଁ ? ତୁମେ ଯନ୍ତ୍ରଣା ଭୋଗୁଛ ! କିନ୍ତୁ ମୁଁ ନିରୁପାୟ ।"

"କହିଦିଅ, ସେ ପିଲାଟି କିଏ ?"

"ନା, କଦାପି କହିବି ନାହିଁ ।"

"ଭାବି ଦେଖ । ମୋର ପିଲାମାନଙ୍କୁ ଦେଖିଲାମାତ୍ରେ ମୋର ସେଇ ସନ୍ଦେହ ଜାଗିଉଠୁଛି । ସେ ପିଲାଟି କିଏ କହିଦିଅ । ମୁଁ

Digitized by srujanika@gmail.com

ଶପଥ କରି କହୁଛି, ମୁଁ ତୁମକୁ କ୍ଷମା ଦେବି ଓ ସେ ପିଲାଟିକୁ ମଧ୍ୟ ଅନ୍ୟମାନଙ୍କ ପରି ଆଦର କରିବି ।”

“ନା, ତା କହିବା ପାଇଁ ମୋର ଅଧିକାର ନାହିଁ ।”

“ତୁମେ ଦେଖୁଛ, ମୁଁ ଏପରି ଦୁଃସହ ଦୁଃଖ ସହିପାରିବି ନାହିଁ । ପିଲାମାନଙ୍କୁ ଚାହିଁଲା ମାତ୍ରେ ମୋ ମନରେ ପ୍ରଶ୍ନ ହେଉଛି ସେ ପିଲାଟି କିଏ ? ଏହି ଚିନ୍ତାରେ ମୋର ଶରୀର ଶୀର୍ଣ୍ଣ ହୋଇ-ଗଲାଣି । ମୁଁ ପାଗଳ ହୋଇଯିବି ।”

“ତେବେ ତୁମେ ଖୁବ୍ କଷ୍ଟ ଭୋଗିଲଣି ?”

“ଏଥିରେ କଅଣ ସନ୍ଦେହ ଅଛି ? ଭାବି ଦେଖ, ଏଇ ପିଲାମାନଙ୍କ ଭିତରୁ ଗୋଟିକର ପିତା ମୁଁ ନୁହେଁ; କିନ୍ତୁ ସେ ଗୋଟିକୁ ମୁଁ ଚିହ୍ନେ ନାହିଁ; ଏହା ଫଳରେ ମୁଁ ମୋର କୌଣସି ପିଲାକୁ ସ୍ନେହ କରିପାରୁନାହିଁ । ଏହାଠାରୁ ବଳି କି କଷ୍ଟ ହୋଇପାରେ ?”

କାଉଣ୍ଟେସ୍ ଅନୁତପ୍ତ ସ୍ୱରରେ କହିଲେ, “ତେବେ ତୁମେ ପ୍ରକୃତରେ ଖୁବ୍ କଷ୍ଟ ଭୋଗିଲଣି ?”

“ନିଶ୍ଚୟ ! ସେ କଥା ମୁ ପ୍ରତିଦିନ ତୁମକୁ କହୁଛି । ତୁମକୁ ଓ ସେ ପିଲାମାନଙ୍କୁ ସେତିକି ଭଲ ପାଉ ନଥିଲେ ମୁଁ କି ଘରେ ରହିବାକୁ ଫେରିଆସିଥାନ୍ତି ! ତୁମେ ମୋ ପ୍ରତି ନିତାନ୍ତ କଦର୍ଯ୍ୟ ବ୍ୟବହାର କରିଛ । ତୁମେ ଜାଣ, ମୁଁ ପିଲାଗୁଡ଼ିକୁ କେତେ ଭଲ ପାଏଁ ? ମୁଁ ପୁରୁଣା ଧରଣର ଲୋକ; ତୁମେ ଆଧୁନିକ ଧରଣର । ତୁମେ ସେଦିନ ମୋତେ ଯାହା କହିଛ, ମୁଁ ଭୁଲିପାରୁନାହିଁ । ସେହି ଦିନଠାରୁ ତୁମ ସଙ୍ଗେ ମୋର ସମ୍ପର୍କ କ୍ଷୀଣ ହୋଇ-ଯାଇଛି । କେଉଁ ପିଲାଟି ମୋର ନୁହେଁ, ତାହା ଜାଣିବାର

Digitized by srujanika@gmail.com

କୌଣସି ଉପାୟ ମୁଁ ଦେଖିପାରୁନାହିଁ । ମୁ ଏତେ ଦିନ ହେଲି ଅପେକ୍ଷା କରିଛି; ଆଉ ପାରିବି ନାହିଁ । ଛଅବର୍ଷ ହେଲା ମୁଁ ତୁମ ପ୍ରତି ଯେଉଁ ବ୍ୟବହାର କରିଆସିଛି, ତାକୁ କେହି ଅନ୍ୟାୟ ବୋଲି କହିବେନାହିଁ । ସତ କଥାଟି କହିଦେଲେ ମୁଁ ଏ ମାନସିକ ଯନ୍ତ୍ରଣାରୁ ଉଦ୍ଧାର ପାଇବି । ମୁଁ ଶପଥ କରି କହୁଛି, ମୁଁ ତୁମ ପ୍ରତି ନିର୍ଦ୍ଦୟ ବ୍ୟବହାର କରିବିନାହିଁ । ସେ ପିଲାଟିକୁ ମଧ୍ୟ ଅନ୍ୟ ପିଲାଙ୍କ ପରି ସ୍ନେହ ଆଦର କରିବି । ମୁଁ ଅନୁନୟ କରୁଛି, ପ୍ରାର୍ଥନା କରୁଛି—ସତ କଥା କହିଦିଅ !"

କାଉଣ୍ଟେସ୍ ଏଥିରେ ବିଗଳିତ ହୋଇ କହିଲେ, "ତୁମେ ମୋତେ ଅପରାଧିନୀ ମନେକରିଛ । ବାସ୍ତବରେ ମୋର ଅପରାଧର ମାତ୍ରା ତୁମର ଧାରଣାଠାରୁ ଆହୁରି ଅଧିକ; କିନ୍ତୁ ସେଭଳି ଅପରାଧ କରିବାର କାରଣ ଥିଲା । ଅବିରାମ ମାତୃତ୍ୱର ଯନ୍ତ୍ରଣା ସହ୍ୟ କରି ନ ପାରି ମୁଁ ତୁମକୁ ମୋ ପାଖରୁ ଦୂର କରିବା ଅଭିପ୍ରାୟରେ ଏ ଅପରାଧ କରିଛି । ମୁଁ ତୁମକୁ ମିଛ କହିଛି । ଖାଲି ଯେ କହିଛି, ତା ନୁହେଁ; ପବିତ୍ର ଧର୍ମମନ୍ଦିରରେ ମିଛ କହିଛି; ପିଲାମାନଙ୍କ ରାଣ ପକାଇ ମିଛ କହିଛି । ମୁଁ ଜୀବନରେ କେବେହେଲେ ତୁମ ନିକଟରେ ବିଶ୍ୱାସଘାତକତା କରିନାହିଁ କିମ୍ବା ପରପୁରୁଷକୁ ମନରେ ସ୍ଥାନ ଦେଇନାହିଁ ।"

କାଉଣ୍ଟ୍ ବିସ୍ମୟରେ ସ୍ତବ୍ଧ ହୋଇଗଲେ । ସେ ଅନ୍ଧକାରରେ ପତ୍ନୀଙ୍କର ହାତ ଧରି ପକାଇ ପଚାରିଲେ, "ଯାହା କହୁଛ କଅଣ ସତ ।"

"ଅକ୍ଷରେ ଅକ୍ଷରେ ସତ୍ୟ ।"

"ତୁମେ ମୋତେ ଆହୁରି ସନ୍ଦେହରେ ପକାଉଛ । ଛଅ ବର୍ଷ ତଳେ ଦେବମନ୍ଦିରରେ ଶପଥ କରି ଯାହା କହିଥିଲ, ତାହା

Digitized by srujanika@gmail.com

ମିଥ୍ୟା କି ବର୍ତ୍ତମାନ ଯାହା କହୁଛ, ତାହା ମିଥ୍ୟା ? ଏପରି କରିବାଦ୍ୱାରା ତୁମେ ମୋତେ ଅାହୁରି ଯନ୍ତ୍ରଣା ଦେଉଛ । ବରଂ ଯଦି ତୁମେ କହିଥାନ୍ତ ଯେ ସେ ପିଲାଟି ହେଉଛି ଟମ୍ କି ଡିକ୍, ତେବେ ମୁଁ ନିଃସନ୍ଦେହ ହୋଇ ଶାନ୍ତି ପାଇଥାନ୍ତି; ମାତ୍ର ତୁମର ବର୍ତ୍ତମାନ କଥାରେ କେବଳ ମୋର ସନ୍ଦେହ ବୃଦ୍ଧି ପାଉଛି ।”

ଏଥିମଧ୍ୟରେ ଗାଡ଼ିଟି ତାଙ୍କ ଘର ପାଖରେ ପହଞ୍ଚି ଯାଇଥିଲା । କାଉଣ୍ଟ ପ୍ରଥମେ ଗାଡ଼ିରୁ ଓହ୍ଲାଇଗଲେ ଓ ପତ୍ନୀଙ୍କର ହାତ ଧରି ତାଙ୍କୁ ଓହ୍ଲାଇବାରେ ସାହାଯ୍ୟ କଲେ ।

ଦୁହେଁ ଘର ଭିତରକୁ ଗଲେ । କାଉଣ୍ଟେସ୍ ନିଜ କୋଠରିକୁ ଯିବାବେଳକୁ ସ୍ୱାମୀ କହିଲେ, “ମୋର ଆଉ କିଛି ତୁମକୁ କହିବାର ଅଛି । ଏଇ କୋଠରିରେ ବସିପାରିବ କି ?”

“ଖୁବ୍ ଆନନ୍ଦରେ ବସି କଥାବାର୍ତ୍ତା କରିପାରିବ ।”

ଦୁହେଁ ଗୋଟିଏ ଶ୍ରେଷ୍ଠ ବୈଠକଖାନାରେ ପଶିଗଲେ । ଜଣେ ଚାକର ବିସ୍ମିତ ହୋଇ ଦୌଡ଼ିଗଲା ଓ ଦୁଇଟି ବତି ଆଣି ସେଠାରେ ଆଲୁଅ କରିଦେଲା । ଚାକର ଚାଲିଯିବାପରେ କାଉଣ୍ଟ୍ କହିଲେ, “ମୁଁ କେଉଁ କଥାକୁ ସତ ମଣିବି ? ଏତେ ଦିନ ହେଲା, ମୁଁ ତୁମକୁ ଯେତେ ଅନୁରୋଧ କଲେ ସୁଦ୍ଧା ତୁମେ ନୀରବ ରହିଥିଲ । ସେ ପିଲାଟି କିଏ ? ଏହାର ପଦେ ଉତ୍ତର ଦେଇଥିଲେ ମୋର ସଂଶୟ ତୁଟିଯାଇଥାନ୍ତା; କିନ୍ତୁ ତୁମେ ସେହି ପଦକ ଉତ୍ତର ନ ଦେଇ ମୋତେ ସଂଶୟାଗ୍ନିରେ ପୋଡ଼ିଆସିଛ । ଆଜି କହୁଛ, ତୁମର ପ୍ରଥମ କଥାଟି ମିଛ । ମୋର ମନେହେଉଛି, ତୁମର ଆଜିର କଥାଟି ମିଛ । କେବଳ ମୋର କଷ୍ଟ ଦେଖି ଦୟାକରି ଏ ମିଛ କଥାଟି ବାହାର କରିଛ ।”

Digitized by srujanika@gmail.com

"ଆଜ କଥାଟି ସତ୍ୟ; ଏକାନ୍ତ ସତ୍ୟ । ତୁମେ ପଚ୍ଛରପାର—ଏପରି ମିଥ୍ୟା କହି ଛଅବର୍ଷଯାଏ ମୋତେ ଯନ୍ତ୍ରଣା ଦେବାର କି ପ୍ରୟୋଜନ ଥିଲା ? ତାର ଉତ୍ତର ଶୁଣ । ମୁଁ ତାହା କରିନଥିଲେ ହୁଏତ ଏହି ଗତ ଛଅବର୍ଷ ମଧ୍ୟରେ ମୁଁ ଆଉ ଗୋଟିଏ ପିଲାର ମାଆ ହୋଇସାରିଥାନ୍ତି ।"

କାଉଣ୍ଟ ବିସ୍ମିତ ଭାବରେ କହିଉଠିଲେ, "କୌଣସି ମାଆ କି ଏଭଳି କଥା କହିପାରେ ? ସନ୍ତାନ ଲଭ ହେଉଛି ଈଶ୍ୱରଙ୍କର ଏକ ଆଶୀର୍ବାଦ ।"

"ମୁଁ ତା ସ୍ୱୀକାର କରୁଛି । ଯେଉଁ ସନ୍ତାନ ଜନ୍ମଲଭ କରି ନାହିଁ, ମୁଁ ତାର ମାଆ ବୋଲି କହିବାର ଅର୍ଥ ନାହିଁ । ଈଶ୍ୱର ଯେଉଁ ସାତୋଟି ପିଲା ଦେଇଛନ୍ତି, ସେମାନଙ୍କୁ ଲଳନପାଳନ କରିବା ଓ ସମସ୍ତ ସ୍ନେହ ସେମାନଙ୍କ ଉପରେ ଅଜାଡ଼ି ଦେବା ମୋର କର୍ତ୍ତବ୍ୟ ବୋଲି ମୁଁ ମନେକରେ । ଏଇ ସାତୋଟି ପିଲା ମୋ ପକ୍ଷରେ ଯଥେଷ୍ଟ । ସେମାନଙ୍କୁ ଦେଇ ଈଶ୍ୱର ମୋ ଉପରେ ଯଥେଷ୍ଟ ଆଶୀର୍ବାଦ ବୃଷ୍ଟି କରିଅଛନ୍ତି । ମୁଁ ହେଉଛି ଏ ଯୁଗର, ଏ ସଭ୍ୟ ଜଗତର ଜଣେ ଭଦ୍ରମହିଳା । ଆଧୁନିକ ନାରୀଜାତି ପୁରୁଷର ପ୍ରବୃତ୍ତିକୁ ଆହାର ଯୋଗାଇ କେବଳ ପୃଥିବୀର ଜନସଂଖ୍ୟା ବୃଦ୍ଧି କରିବାକୁ ପ୍ରସ୍ତୁତ ନୁହେ ।"

ଏତିକ କହି କାଉଣ୍ଟେସ୍ ଚାଲିଯାଉଥିଲେ; କିନ୍ତୁ କାଉଣ୍ଟ୍ ଡାକି କହିଲେ, "ଗେବ୍ରିଏଲ, ପଦେ କଥା ଅଛି । ପ୍ରକୃତ ସତ କଥା କହିଦିଅ ।'

"ବର୍ତ୍ତମାନ ଯାହା କହିଲି, ତାହା ସତ । ମୁଁ କେବେ-ହେଲେ ତୁମ ପାଖରେ ବିଶ୍ୱାସଘାତକତା କରିନାହିଁ ।"

Digitized by srujanika@gmail.com

କାଉଣ୍ଟ୍ ପତ୍ନୀଙ୍କ ମୁହଁକୁ ଚାହିଁ ରହିଲେ । କିଛି ସମୟ ପର୍ଯ୍ୟନ୍ତ ତାଙ୍କ ସୌନ୍ଦର୍ଯ୍ୟକୁ ଲକ୍ଷ୍ୟ କଲେ । କି ସୁନ୍ଦର ମୁଖ ! କି ନୀଳ ଚକ୍ଷୁ ! ମସ୍ତକର କୃଷ୍ଣ କେଶରାଶି ଉପରେ ହୀରାର ଜାଲି ! ସତେ ଅବା କୃଷ୍ଣ ମେଘରେ ତାରକାର ଦୀପ୍ତି ! ହଠାତ୍ କାଉଣ୍ଟ୍ଙ୍କ ମନରେ ଗୋଟାଏ ଭାବନା ଆସିଲା—ବିଧାତା କେବଳ ବଂଶବୃଦ୍ଧି ପାଇଁ କଦାପି ଏ ସୌନ୍ଦର୍ଯ୍ୟ ସୃଷ୍ଟି କରି ନଥିଲେ । ଜଗତରେ କେତେକ ନାରୀଙ୍କୁ ବିଧାତା ଅନ୍ୟ ଉଦ୍ଦେଶ୍ୟରେ ସୃଷ୍ଟି କରିଥାନ୍ତି । ସେମାନେ ପୁରୁଷର ସ୍ୱପ୍ନର ବସ୍ତୁ; ସେମାନେ ନିଜର ସୌନ୍ଦର୍ଯ୍ୟ ଦ୍ୱାରା ପୁରୁଷର ଜୀବନକୁ ଆଲୋକିତ କରନ୍ତି ।

କାଉଣ୍ଟ୍ ଗୋଟାଏ ନୂତନ ସତ୍ୟ ଆବିଷ୍କାର କଲାପରି ମନେକଲେ । ସେ ସ୍ତବ୍ଧଭାବରେ ନିଜର ପୂର୍ବ ଈର୍ଷା ଓ ସନ୍ଦେହର କାରଣ ଖୋଜିବାକୁ ଚେଷ୍ଟାକଲେ । କିଛି ସ୍ଥିର କରି ନ ପାରି ସେ କହିଲେ, "ପ୍ରିୟେ, ମୁଁ ତୁମର ଆଜିର କଥାକୁ ବିଶ୍ୱାସ କରୁଛି । ମୋର ହୃଦୟ ତୁମ କଥାରେ ବିଶ୍ୱାସ ଜନ୍ମାଇଛି । ତୁମେ ସେଦିନ ଗିର୍ଜାରେ ମିଛ କହିଥିଲ ବୋଲି ମୋର ମନରେ ସେତେବେଳେ ମଧ୍ୟ ଧାରଣା ହୋଇଥିଲା ।"

କାଉଣ୍ଟେସ୍ ଉଠିପଡ଼ି କହିଲେ, "ତେବେ ଆମର ପୂର୍ବ ବନ୍ଧୁତ୍ୱ ଫେରିଆସିଛି ।"

ପତିପତ୍ନୀ ପରସ୍ପରର ଆଲିଙ୍ଗନରେ ଆବଦ୍ଧ ହେଲେ ।

□□□

Digitized by srujanika@gmail.com

ଖଣ୍ଡିଏ ଛତା

ଶ୍ରୀମଣି ଅରଳି ଟଙ୍କା-ପଇସା ବିଷୟରେ ଭାରି ସାବଧାନ । ସାମାନ୍ୟ ପଇସାଟିର ମୂଲ୍ୟ କେତେ ତାହା ତାଙ୍କୁ ଜଣା । ଟଙ୍କା-ପଇସା କପରି ବୃଦ୍ଧି କରାଯାଇପାରେ ସେ ସମ୍ବନ୍ଧରେ ତାଙ୍କର କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ମତ ଥିଲା ଓ ସେ ସେହି ମତଗୁଡ଼ିକୁ ଦୃଢ଼-ଭାବରେ ପାଳନକରୁଥିଲେ । ତାଙ୍କର ପୂର୍ବପୁରୁଷମାନେ ବଜାର-ସଉଦାରୁ ପଇସାଟିଏ ଉପୁରି ଆୟ କରିବାର ବାଟ ନଥିଲା । ସ୍ୱୟଂ ମିଷ୍ଟର ଅରଳିଙ୍କୁ ମଧ୍ୟ ପକେଟ୍ ଖର୍ଚ୍ଚ ବୋଲି କିଛି ମିଳିବା କଷ୍ଟକର ବ୍ୟାପାର ଥିଲା । ସେମାନଙ୍କର ଯେ ଅର୍ଥାଭାବ ଥିଲା, ତାହା ନୁହେଁ । ସେମାନେ ଏକପ୍ରକାର ସୁଖରେ ଚଳିବାର ସୁଯୋଗ ଥିଲା । ସେଥିରେ ପୁଣି ସେମାନେ ଥିଲେ ନିଃସନ୍ତାନ । ତଥାପି ଶ୍ରୀମଣି ଅରଳି ପଇସାଟିଏ ସୁଦ୍ଧା ଖରଚ କରିବାକୁ କୁଣ୍ଠିତ ଥିଲେ । ପକେଟ୍ରୁ ପଇସାଟିଏ ଖରଚ କଲାବେଳେ ତାଙ୍କ ଛାତିରୁ ପଳେ ରକ୍ତ ବାହାରିଗଲା ପରି ଜଣାଯାଉଥିଲା । କୌଣସି ଦିନ ନିତାନ୍ତ ଦରକାର ହେତୁ କିଛି ଖରଚ କଲେ ସେଦିନ ରାତିରେ ତାଙ୍କୁ ଆଦୌ ନିଦ ହେଉ ନଥିଲା ।

ଅନେକ ସମୟରେ ମିଷ୍ଟର ଅରଳି ଶ୍ରୀମଣିଙ୍କୁ କହୁଥିଲେ, "ଖରଚପତ୍ର ବିଷୟରେ ତୁମେ ଟିକିଏ ମୁକ୍ତହସ୍ତ ହେବା ଦରକାର । ଆମର ତ ପିଲାପିଲି ନାହାନ୍ତି । ଆମର ଯାହା ଆୟ, ତାହାକୁ

Digitized by srujanika@gmail.com

ସବୁ ଖରଚ କରି ଦେବା ଆବଶ୍ୟକ ନାହିଁ । ଖରଚ ଟିକିଏ କମାଅ ।"

ଶ୍ରୀମତୀ ଅରେଲ ଏହାର ପ୍ରତିବାଦ କରି କହୁଥିଲେ, "ଭବିଷ୍ୟତରେ କଅଣ ଘଟିବ, କିଏ କହିପାରେ । ବେଶି ସଞ୍ଚୟ କରିବା ନିରାପଦ ନୁହେଁ କି ?"

ଶ୍ରୀମତୀ ଅରେଲଙ୍କର ବୟସ ପ୍ରାୟ ଚାଳିଶ ବର୍ଷ ହେଲେହେଁ ସେ ଖୁବ୍ କାର୍ଯ୍ୟଦକ୍ଷ ଥିଲେ । ପ୍ରତ୍ୟେକ କାର୍ଯ୍ୟ ସେ ସୁନ୍ଦରଭାବରେ କରୁଥିଲେ । କିନ୍ତୁ ସେ ଅଳ୍ପକେ ରାଗିଯାଉଥିଲେ । ତାଙ୍କର ଏହି କୃପଣତା ଯୋଗୁଁ ମିଷ୍ଟର ଅରେଲଙ୍କୁ ଅନେକ ଅସୁବିଧା ଭୋଗିବାକୁ ହେଉଥିଲା; ତେଣୁ ଅନେକ ସମୟରେ ସେ ଶ୍ରୀମତୀଙ୍କ ଆଗରେ ଆପତ୍ତି କରୁଥିଲେ । ବାସ୍ତବରେ କେତେକ ବିଷୟରେ ମି: ଅରେଲଙ୍କର ଅସୁବିଧା ନିତାନ୍ତ କଷ୍ଟକର ଥିଲା ଓ ଅନ୍ୟମାନଙ୍କ ଆଗରେ ସେ ମୁଣ୍ଡଟେକି ଚାଲିପାରୁନଥିଲେ ।

ମି: ଅରେଲ ଯୁଦ୍ଧବିଭାଗରେ କିରାନିକାର୍ଯ୍ୟ କରୁଥିଲେ । ଏ କାମ ନକଲେ ଯେ ସେ ଚଳି ନ ପାରନ୍ତେ ତାହା ନୁହେଁ; ତେଣୁ ଚାକିରି ଛାଡ଼ିଦେବା ତାଙ୍କର ଇଚ୍ଛା । କିନ୍ତୁ ଶ୍ରୀମତୀଙ୍କର ଏକାଜିଦ୍ ଚାକିରି କରିବାକୁ ହେବ । ଯାହା ଦରମା ମିଳୁଛି, ସେତିକି ଆୟ ଛାଡ଼ିଦେବା ଦରକାର କଅଣ ? ଟଙ୍କା ତ ଘରେ ରହିବ ! ଖରଚ ନ ହେଲେ ହେଲା କଅଣ ?

ଦୁଇବର୍ଷ ହେଲାଣି ମି: ଅରେଲ ସେହି ଗୋଟିଏ ଛତା ଧରି ଅଫିସକୁ ଯିବାଆସିବା କଲେଣି । ଛତାର କନାରେ କେତେ ଜାଗାରେ ତାଳି ପଡ଼ିଲାଣି । ତଥାପି ତାଙ୍କର ଛତା ବଦଳି ନାହିଁ; ଏପରିକି ଛତାରେ ନୂଆ କନା ପଡ଼ିନାହିଁ । ତାଙ୍କ ସାଥୀ କିରାନିମାନେ

Digitized by srujanika@gmail.com

ମି: ଅରିଲଙ୍କ ଏହି ତାଳପକା ଛତା ଦେଖି ତାଙ୍କୁ ଉପହାସ କରନ୍ତି । ଶେଷରେ ସାଙ୍ଗମାନଙ୍କର ଥଟ୍ଟା ପରିହାସ ତାଙ୍କୁ ଅସହ୍ୟ ବୋଧହେଲା । ସେ ଶ୍ରୀମତୀଙ୍କୁ ସନିର୍ବନ୍ଧ ଅନୁରୋଧକଲେ—ଗୋଟିଏ ନୂଆ ଛତା କିଣିଦେବାକୁ ହେବ ।

ଶ୍ରୀମତୀ ଅରିଲ ଖଣ୍ଡିଏ ନୂଆ ଛତା କିଣିବାକୁ ସ୍ଥିରକଲେ । କେତେ କମ୍ ଦାମରେ ଛତା ମିଳିପାରିବ ସେ ବିଷୟରେ ଶ୍ରୀମତୀ ଅନୁସନ୍ଧାନ କରି ଦେଖିଲେ ଯେ, ବଡ଼ ବଡ଼ ଦୋକାନୀମାନେ ନିଜ ନିଜ ଜିନିଷର ପ୍ରଚାରର ପାଇଁ ଖୁବ୍ ଶସ୍ତା ଦାମରେ ଛତା ବିକ୍ରି କରନ୍ତି । ସେ ଛତାର କନାରେ ଦୋକାନର ବିଜ୍ଞାପନ ମଧ୍ୟ ଥାଏ । ଶ୍ରୀମତୀ ସାଢ଼େ ଆଠଟଙ୍କା ମୂଲ୍ୟରେ ସେହି ଛତାରୁ ଗୋଟିଏ କିଣି ଆଣିଲେ । ମି: ଅରିଲ ସେହି ଛତା ନେଇ ଅଫିସକୁ ଗଲେ; କିନ୍ତୁ ତାଙ୍କର ସାଙ୍ଗସାଥୀମାନେ ଏହାକୁ ଦେଖି ପୂର୍ବ ଅପେକ୍ଷା ବେଶି ପରିହାସ କରିବାକୁ ଲାଗିଲେ । କେହି ଜଣେ ଏହି ବିଚିତ୍ର ଛତା ବିଷୟରେ ପଦେ କବିତା ରଚନା କରିଦେଲା । କ୍ରମେ ସେହି ପଦଟି ସମସ୍ତଙ୍କ ମୁହଁରୁ ଶୁଣାଗଲା । ପ୍ରକାଣ୍ଡ ଅଫିସ ଘରଭିତରେ ସର୍ବତ୍ର ମି: ଅରିଲଙ୍କ ଛତା ବିଷୟରେ ଆଲୋଚନା ଲାଗିଲା ।

ମି: ଅରିଲଙ୍କର ଧୈର୍ଯ୍ୟଚ୍ୟୁତି ଘଟିଲା । ସାରାଦିନ ତାଙ୍କ ଛତାର ସମାଲୋଚନା ସେ କେତେ ଶୁଣିବେ ? ଅଗତ୍ୟା ସେ ସ୍ତ୍ରୀଙ୍କୁ କହିଲେ, "ଏ ଛତା ନେଇ ମୁଁ ଆଉ ଅଫିସକୁ ଯାଇ ପାରିବି ନାହିଁ । ଖଣ୍ଡିଏ ଭଲ ଛତା କିଣି ଆଣିବାକୁ ହେବ; ରେଶମର କନା ପଡ଼ିଥିବ । ଆମ ଅଫିସର ଅନେକେ ରେଶମକନାର ଛତା ଆଣନ୍ତି, ମୁଁ ଦେଖିଛି । ଦାମ୍ ପଡ଼ିବ କୋଡ଼ିଏ ଟଙ୍କା । ହଁ, ଦୋକାନିଠାରୁ କ୍ୟାଶ୍ମେମୋ ଆଣିଥିବ; ମୁଁ ଦେଖିବି ଯେ ଠିକ୍ ଜିନିଷ ଆଣିଛ ।"

Digitized by srujanika@gmail.com

ଯାହାହେଉ ଶ୍ରୀମତୀ ଅରଲ ସ୍ୱାମୀଙ୍କ ପ୍ରତି ଦୟା ଦେଖାଇ ବା ତାଙ୍କ ଦୁଃଖରେ ସହାନୁଭୂତି ଦେଖାଇ ଅଠର ଟଙ୍କା ମୂଲ୍ୟରେ ଖଣ୍ଡିଏ ଛତା କିଣି ଆଣିଲେ । ସ୍ୱାମୀଙ୍କୁ ତାହା ଦେଲବେଳେ କହିଲେ, "ଦେଖ, ଏ ଛତାଟା ପାଞ୍ଚ ବର୍ଷରୁ କମ୍ ଯିବ ନାହିଁ । ସାବଧାନ !" କହିଲବେଳେ ରାଗ ଓ ବିରକ୍ତିରେ ତାଙ୍କ ମୁହଁ ଲାଲ ପଡ଼ିଯାଇଥିଲା ।

ମି: ଅରଲ ନୂଆ ଛତା ନେଇ ଅଫିସରେ ଉପସ୍ଥିତ ହେଲେ । କେହି କେହି ଛତାର ପ୍ରଶଂସା କଲେ, କେହି ଅବା ମି: ଅରଲଙ୍କ ଭାଗ୍ୟର ପ୍ରଶଂସା କଲେ । ସନ୍ଧ୍ୟାବେଳକୁ ମି: ଅରଲ ଛତାଟିକୁ କାଖରେ ଜାକି ଘରେ ପହଞ୍ଚିବା ମାତ୍ରେ ଶ୍ରୀମତୀ ଅରଲ ଛତା ଆଡ଼କୁ ନଚେଇ ଗୃହିଁ କହିଲେ, "ଏଣିକି ଛତାର ଫିତାକୁ ଏପରି କନା ଉପରେ ବାନ୍ଧିବ ନାହିଁ । ସେମିତି କଲେ ଅଳ୍ପ ଦିନରେ ରେଶମ କନା ଚିରି କଣା ହୋଇଯିବ । ମନେରଖିଥିବ, ପାଞ୍ଚ ବର୍ଷ ନ ଗଲେ ଆଉ ନୂଆ ଛତା କିଣାହେବ ନାହିଁ ।"

ଏହା କହି ସେ ଛତାଟିକୁ ନେଇ ଫିତାଟି ଫିଟାଇଦେଲେ । ଯାହା ଦେଖିଲେ ସେଥିରେ ସେ କ୍ରୋଧ ଓ ବିସ୍ମୟରେ ସ୍ତମ୍ଭୀଭୂତ ହୋଇଗଲେ । ଛତା କନାର ମଝିରେ ଗୋଟାଏ ଅଧଲି ଆକାରର କଣା । ହୁଏତ କାହାରି ଜଳନ୍ତା ସିଗାରେଟ୍ ଝୁଲି ପଡ଼ି ଏହି କଣାଟି ହୋଇଥିଲା ।

କିଛି ସମୟ ପରେ ଶ୍ରୀମତୀ ଚିତ୍କାର କରିଉଠିଲେ, "ଏ କଅଣ ହୋଇଛି ? ଏଁ, କଅଣ କଲ ? ଛତାଟା ଏକବାରେ ପୋଡ଼ି ନଷ୍ଟ କରି ଦେଇଛ ! ତୁମ ମୁଣ୍ଡ କଅଣ ବିଗିଡ଼ି ଯାଇଥିଲା । ତୁମେ ଆମର ସର୍ବନାଶ କରିବ ନା କଅଣ ?"

Digitized by srujanika@gmail.com

ମି: ଅରଲ ଉପରେ ଚକିତ ହୋଇ ସ୍ୱାମୀଙ୍କଆଡ଼କୁ ଚାହିଁ କହିଲେ; "ତୁମେ କଅଣ କହୁଛ, ମୁଁ କିଛି ବୁଝିପାରୁନାହିଁ !"

"କଅଣ କହୁଛି ? କହୁଛି ପରା ତୁମେ ଛତାଟା ପୋଡ଼ି ନଷ୍ଟ କରିଦେଇଛ । ଏଇ ଦେଖନ୍ତୁ, କଅଣ ହୋଇଛି !"

ଏତକ କହି ଶ୍ରୀମତୀ ଶାନ୍ତ ହେଲେନାହିଁ । ଛତାଟା ଧରି ସ୍ୱାମୀଙ୍କଆଡ଼କୁ ଆଗେଇଗଲେ । ମନେହେଲା, ସ୍ୱାମୀଙ୍କୁ ଛତାରେ ପିଟିବେ କି ? ଭାଗ୍ୟର କଥା ଛତାର ପାହାର ତାଙ୍କ ଉପରେ ବସିଲା ନାହିଁ । କେବଳ ପୋଡ଼ିଯାଇଥିବା ଅଂଶଟିକୁ ଧରି ସେ ସ୍ୱାମୀଙ୍କ ନାକରେ ଗେଞ୍ଜିଦେଲେ ।

ଅବସ୍ଥା ଉପଲବ୍ଧିକରି ମି: ଅରଲ ହତବୁଦ୍ଧି ହୋଇପଡ଼ିଲେ । ବାଧୁକଣ୍ଠରେ ସେ କହିଲେ, "ଏ କଅଣ ? ଛତାକନାଟା ପୋଡ଼ିଗଲା କିପରି ? ମୁଁ ତ କିଛି କରିନାହିଁ । ଶପଥକରି କହୁଛି, ମୁଁ କିଛି କରିନାହିଁ । ଛତାରେ କିପରି କଣା ହେଲା ମୁଁ ଆଦୌ ଜାଣେନା ।"

"ଜାଣିନ ତ କଣାହେଲା କିପରି ? ମୁଁ ଜାଣେ, ତୁମେ ଅଫିସରେ ଛତାଧରି ଖେଳୁଥିଲ । ସମସ୍ତଙ୍କୁ ନୂଆ ଛତା ଦେଖାଇ-ହେଉଥିଲ ।"

"ସତ କହୁଛି, ମୁଁ ଅଫିସରେ ଥରେ ମାତ୍ର ଛତା ଫିଟାଇ ଦେଖାଇଥିଲି । କେଡ଼େ ସୁନ୍ଦର ଛତା ଦେଖିବାପାଇଁ ସମସ୍ତେ ଆଗ୍ରହ ପ୍ରକାଶ କରିବାରୁ ଥରେ ମାତ୍ର ଫିଟାଇଥିଲି । ରାଣ ପକାଇ କହୁଛି; ସେଇ ଥରେ ମାତ୍ର ।"

ଶ୍ରୀମତୀ ରାଗରେ କମ୍ପୁଥିଲେ । ଏ ଯେଉଁ ପାରିବାରିକ କଳହ ତାକୁ ମି: ଅରଲଙ୍କ ଭଳି ଶାନ୍ତିପ୍ରିୟ ଲୋକ ଭପୁକରିବାର କଥା ।

Digitized by srujanika@gmail.com

ବାସ୍ତବରେ ମି: ଅରଲ ଯୁଦ୍ଧକ୍ଷେତ୍ରର ଗୁଳିଗୋଳାଠାରୁ ଶ୍ରୀମତୀଙ୍କ ବାକ୍ୟବାଣକୁ ଅଧିକ ଭୟକରୁଥିଲେ ।

ଶ୍ରୀମତୀ ଅରଲ ପୁରୁଣା ରେଶମଛତାର କନାରୁ ଖଣ୍ଡେ କାଟିଆଣି ନୂଆଛତାରେ ତାଳି ପକାଇଲେ; କିନ୍ତୁ ପୁରୁଣାଛତାର କନାର ରଙ୍ଗ ଭିନ୍ନ ହୋଇଥିବାରୁ ତାଳିଟି ସହଜେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଥିଲା । ଯାହାହେଉ ମି: ଅରଲ ତତ୍ପରଦିନ ସେହି ମରାମତି ହୋଇଥିବା ଛତାଟିକୁ ନେଇ ଅଫିସକୁ ଗଲେ । ଅଫିସରେ ପହଞ୍ଚିବାମାତ୍ରେ ସେ ଚୁପ୍‌କରି ଛତାଟିକୁ ଡାନ୍ଦ୍ର-ଆଲମାରିରେ ରଖିଦେଇ ନିଜ କାମରେ ଲାଗିଲେ । କାମରେ ତାଙ୍କର ମନ ଲାଗିଲା ନାହିଁ । ସେଦିନ ଘରେ ଯେଉଁ ଅପ୍ରୀତିକର ଘଟଣା ଘଟିଥିଲା, ତାହାହିଁ ତାଙ୍କୁ ବିବ୍ରତ କରିବାରେ ଲାଗିଲା ।

ସନ୍ଧ୍ୟାବେଳକୁ ମି: ଅରଲ ଛତାଧରି ଘରେ ପହଞ୍ଚିବାମାତ୍ରେ ଶ୍ରୀମତୀ ତାଙ୍କ ହାତରୁ ଛତାଟା ନେଇ ଖୋଲିଦେଲେ । ଯାହା ଦେଖିଲେ, ସେଥିରେ ସେ ଅଚୈତନ୍ୟ ହୋଇ ପଡ଼ିଯିବାର ଆଶଙ୍କା ହେଲା । ଆଜି ଛତାର ଯେଉଁ ଅବସ୍ଥା, ସେଥିରେ ତାକୁ ମରାମତି କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଛତାଯାକ ଗ୍ରେଟ ଗ୍ରେଟ କଣାରେ ପୂର୍ଣ୍ଣ । ବୋଧହୁଏ କେହି ଜଳନ୍ତା ପାଇପ୍‌ର ପାଉଁଶକୁ ଛତାଉପରେ ଫିଙ୍ଗି ଦେଇଥିଲା । ନୋହିଲେ ଏତେ କଣା ହୁଅନ୍ତା କପରି ?

ଶ୍ରୀମତୀଙ୍କ ତୁଣ୍ଡରୁ ବାକ୍ୟ ବାହାରିଲା ନାହିଁ । ଅନେକ କ୍ଷଣଯାଏ ସେ ନିରବରେ ଛତାକୁ ଚାହିଁ ରହିଲେ । ମି: ଅରଲ ମଧ୍ୟ ଛତାର ଅବସ୍ଥା ଦେଖି ଭୟ ଓ ବିସ୍ମୟରେ ସ୍ତମ୍ଭୀଭୂତ ହୋଇ ରହିଲେ ।

Digitized by srujanika@gmail.com

ଦୁହେଁ ପରସ୍ପରକୁ କିଛି ସମୟ ଗୃହିଁବା ପରେ ମି: ଅଚଲ ମୁହଁପୋଡ଼ି ତଳକୁ ଗୃହିଁରହିଲେ । ଏଥିମଧ୍ୟରେ ଶ୍ରୀମତୀଙ୍କର ବସ୍ଥିଗ୍ଧ କଟିଯାଇଥିଲା । ସେ କ୍ରୋଧାନ୍ୱିତ ହୋଇ ଛତାଟାକୁ ସ୍ୱାମୀଙ୍କ ମୁଣ୍ଡ-ଉପରକୁ ଫିଙ୍ଗିଦେଇ କହିଲେ, "ତୁମେ ମଣିଷ ନୁହଁ, ପଶୁ ! ଜାଣିଶୁଣି ତୁମେ ଛତାଟାକୁ ନଷ୍ଟ କରିଛ । ତାର ଫଳ ତୁମକୁ ଭୋଗିବାକୁ ପଡ଼ିବ । ତୁମକୁ କେବେହେଲେ ଆଉ ଛତା ଦିଆଯିବ ନାହିଁ ।"

ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଏହିପରି କଳହର ପ୍ରବଳ ଝଞ୍ଜା ବୋହିଲା ପରେ ମି: ଅଚଲ ନିଜର ନିର୍ଦ୍ଦୋଷିତା ପ୍ରମାଣ କରିବାକୁ କହିଲେ, "ମୁଁ ଶପଥକରି କହୁଛି, ଛତା କିପରି ପୋଡ଼ିଲା ମୁଁ ଜାଣେନାହିଁ । ହୁଏତ କେହି ଈର୍ଷାରେ କି ହିଂସାରେ ଏ କାମ କରିଛି ।"

ମି: ଅଚଲଙ୍କ ଉପରେ ଆଉ କି ବିପଦ ଘଟିଥାନ୍ତା କେଜାଣି, ମାତ୍ର ଦୈବ ତାଙ୍କୁ ସେଥିରୁ ରକ୍ଷାକରିଦେଲା । ଜଣେ ଭଦ୍ର-ଲୋକଙ୍କର ଖାଇବା ପାଇଁ ତାଙ୍କ ଘରେ ନିମନ୍ତ୍ରଣ ଥିଲା, ସେ ଆସି ପହଞ୍ଚିଗଲେ । ଶ୍ରୀମତୀ ଅଚଲ ତାଙ୍କ ଆଗରେ ସମସ୍ତ ଘଟଣା ବର୍ଣ୍ଣନାକରି କହିଲେ, "ଆଉ ଗୋଟାଏ ନୂଆଛତା କିଣିବାର ପ୍ରଶ୍ନ ଉଠିନପାରେ । ମି: ଅଚଲଙ୍କୁ ଏଣିକି ବିନା ଛତାରେ ଯିବା ଆସିବା କରିବାକୁ ହେବ ।" ଏହାଶୁଣି ଅତିଥି ମହାଶୟ ଆପତ୍ତି କରି କହିଲେ, "ତାହାହେଲେ ମି: ଅଚଲଙ୍କ ପୋଷାକପତ୍ର ଖରାବର୍ଷାରେ ନଷ୍ଟ ହୋଇଯିବ । ସେଗୁଡ଼ିକର ମୂଲ୍ୟ ଛତାଟାର ମୂଲ୍ୟଠାରୁ ଯେ ଯଥେଷ୍ଟ ବେଶି ଏଥିରେ ସନ୍ଦେହନାହିଁ ।"

ଶ୍ରୀମତୀଙ୍କର ରାଗ ଶାନ୍ତ ହୋଇନଥିଲା । ସେ କହିଲେ, "ତାହାହେଲେ ବର୍ଷା ସମୟରେ ସେ ପୂର୍ବାଗ୍ରା ବୁକରଙ୍କ ପାଇଁ ଥିବା

Digitized by srujanika@gmail.com

ଛତାଟିକୁ ନେଇଯାଇପାରନ୍ତି । ମୁଁ କେବେହେଁ ଆଉ ଗୋଟାଏ ରେଶମଛତା କଣିପାରିବିନାହିଁ ।” ଏହି ପ୍ରସ୍ତାବ ଶୁଣିଲାକ୍ଷଣି ମିଃ ଅରେଲ ବିଦ୍ରୋହୀ ହୋଇଉଠିଲେ । ସେ କହିଲେ, “ବେଶ୍, ସେ ଯଦି ଗୋଟାଏ ନୂଆ ରେଶମଛତା କଣିବା ପାଇଁ ଏତେ ଅନିଚ୍ଛୁକ୍, ତେବେ ମୁଁ ଚାକିରିରୁ ଇସ୍ତଫା ଦେଇଦେବି; କିନ୍ତୁ ଚୋଷେଇଘର ଛତାନେଇ ଅଫିସକୁ ଯାଇପାରିବି ନାହିଁ ।”

ଅତିଥି ମହାଶୟ ସମସ୍ୟାର ସମାଧାନ କରିବା ଉଦ୍ଦେଶ୍ୟରେ ଗୋଟାଏ ପ୍ରସ୍ତାବ ଉପସ୍ଥାପନ କଲେ । “ନୂଆଛତା କଣିବା ଆବଶ୍ୟକ ନାହିଁ । କେବଳ ଛତାରେ ଗୋଟାଏ ରେଶମକନା ପକାଇଦେଲେ କାମ ଚଳିବ ।” କିନ୍ତୁ ଶ୍ରୀମତୀଙ୍କର କ୍ରୋଧ ସପ୍ତମରେ ଉଠିଥିବାରୁ ସେ ଏ ପ୍ରସ୍ତାବକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଦେଇ କହିଲେ, “ଛତାରେ ନୂଆ ରେଶମକନା ପକାଇଲେ ଆଠଟଙ୍କା ଲାଗିବ । ଛତା କଣା ହୋଇଥିଲା ଅଠର ଟଙ୍କାରେ । ଆଠ, ଅଠର ମିଶି ହେଲା ଛବିଶ । ଗୋଟାଏ ଛତାପାଇଁ ଛବିଶ ଟଙ୍କା ଖରଚ ? କୌଣସି ପାଗଳ ସୁଦ୍ଧା ଏପରି କାମ କରିବନାହିଁ ।”

ଅତିଥି ଜଣକ ଜଣେ ନିମ୍ନ-ମଧ୍ୟବିତ୍ତ ଶ୍ରେଣୀର ଲୋକ । ତାଙ୍କ ଦୃଷ୍ଟିରେ ଛବିଶଟଙ୍କା କମ୍ ନୁହେଁ । ହଠାତ୍ ତାଙ୍କ ମଗଜରୁ ଗୋଟାଏ ବୁଦ୍ଧି ବାହାରିଲା । ସେ କହିଲେ, “ବାସ୍ତବିକ ଛବିଶଟଙ୍କା ଖୁବ୍ ବେଶି । ଆଚ୍ଛା, ଆପଣ ଏ ଟଙ୍କାଟା ଫାୟାର ଇନସିଓରାନ୍ସ କମ୍ପାନିଠାରୁ ଦାବି କରୁନାହାନ୍ତି କାହିଁକି ? ଆପଣଙ୍କ ନିଜ ଘରେ ଥିବା କୌଣସି ଜିନିଷରେ ନିଆଁ ଲାଗି ନଷ୍ଟ ହୋଇଗଲେ ଫାୟାର ଇନସିଓରାନ୍ସ କମ୍ପାନି ତାର କ୍ଷତିପୂରଣ କରିବାର କଥା ।”

ଏକଥା ଶୁଣିଲାମାତ୍ରେ ନିଆଁରେ ପାଣିପଡ଼ିଲାପରି ଶ୍ରୀମତୀ ଅରେଲଙ୍କ ରାଗ ଶାନ୍ତ ପଡ଼ିଗଲା । ମୁହୂର୍ତ୍ତେ ଚିନ୍ତାକରି ସେ ସ୍ୱାମୀଙ୍କୁ

Digitized by srujanika@gmail.com

କହିଲେ, "କାଲି ଅଫିସକୁ ଯିବା ଆଗରୁ ମାଟେରନିଲ ଇନସିଓରାନ୍‌ସ କମ୍ପାନୀର ଅଫିସକୁ ଯାଇ ଛତାକୁ ଦେଖାଇବ ଓ ସେଥିପାଇଁ କ୍ଷତିପୂରଣ ଦାବି କରିବ ।" ଏକଥା ଶୁଣିଲାକ୍ଷଣି ମି: ଅରିଲ ବିସ୍ମିତ ହୋଇ କହିଲେ, "ମୋର ଜୀବନ ଯିବ ପଛକେ ମୁଁ ଏ କାମ କରିପାରିବ ନାହିଁ । ଅଠର ଟଙ୍କା ନଷ୍ଟ ହୋଇଯାଇଛି; ଆଉତ କଷ୍ଟ ହୋଇନାହିଁ ! ଅଠର ଟଙ୍କା ଯୋଗେ ଆମର ସର୍ବନାଶ ହୋଇଯାଉନାହିଁ । ନା, ମୁଁ ଇନସିଓରାନ୍‌ସ କମ୍ପାନୀକୁ ଯାଇ ଛତାଟାଏ ପାଇଁ ଅଠରଟଙ୍କା ଦାବି କରିପାରିବ ନାହିଁ ।"

ଭାଗ୍ୟକୁ ତା' ପରଦିନ ବର୍ଷା ନଥିଲା । ମି: ଅରିଲ ହାତରେ ଖଣ୍ଡିଏ ବାଡ଼ି ଧରି ଅଫିସକୁ ବାହାରିଗଲେ ।

ଶ୍ରୀମତୀ ଅରିଲ ଘରେ ଏକୁଟିଆ ବସି କେବଳ ସେହି ଛତା କଥା ଚିନ୍ତାକରିବାକୁ ଲାଗିଲେ । ଅନ୍ୟ କୌଣସି ଚିନ୍ତା ତାଙ୍କ ମନକୁ ଆସିଲା ନାହିଁ । ଅଠର ଟଙ୍କା ! ଖାଇବାଘର ଟେବୁଲ ଉପରେ ଛତାଟା ପଡ଼ିଥିଲା । ସେଠାକୁ ଯାଇ ସେ ଅନେକ ବେଳଯାଏ ଛତାକୁ ନିରେଖି ଚାହିଁଲେ । ମନେ ମନେ କଅଣ କରିବେ—ଚିନ୍ତା କରିବାକୁ ଲାଗିଲେ । ସେ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲେନାହିଁ ।

ଇନସିଓରାନ୍‌ସ କମ୍ପାନୀକୁ ଯାଇ କ୍ଷତିପୂରଣ ଦାବିକରିବା କଥା ବାରମ୍ବାର ତାଙ୍କ ମନକୁ ଆସିଲା; କିନ୍ତୁ କମ୍ପାନୀର କର୍ମଚାରୀମାନେ ନାନା ପ୍ରଶ୍ନ ପଚାରି ତାଙ୍କୁ ବିବ୍ରତ କରିଦେବେ, ଏ ଭୟ ତାଙ୍କର ଥିଲା । ତାଙ୍କର ସ୍ୱାମୀଙ୍କ ଉପରେ ଅଖଣ୍ଡ ପ୍ରଭାବ ସତ୍ତ୍ୱେ ବାହାର ଲୋକଙ୍କୁ ସେ ଭୟ କରୁଥିଲେ । ଏଣେ ଅଠର ଟଙ୍କାର କ୍ଷତି ତାଙ୍କ ଛାତି ବିଦାରିପକାଉଥିଲା । ପ୍ରଥମେ ସେ ଛତା ବିଷୟ ଭୁଲିଯିବାକୁ ଖୁବ୍ ଚେଷ୍ଟାକଲେ; କିନ୍ତୁ ସେ ଅନ୍ୟ

Digitized by srujanika@gmail.com

ବିଷୟ ଚିନ୍ତା କରିବାକୁ ଯେତିକି ଚେଷ୍ଟାକଲେ, ଛତା ବିଷୟଟି ସେତିକି ତାଙ୍କ ମନକୁ ଅଧିକାର କଲା । ଏହାପରେ ଚିନ୍ତାରେ କଟିଗଲା ଦିନ ଗଲା; ତଥାପି ସେ କଅଣ କରିବେ ସ୍ଥିର କରିପାରିଲେ ନାହିଁ ।

ଯେଉଁମାନେ ଭୟାଳୁ ସେମାନେ କୌଣସି ବିଷୟରେ ଗୋଟାଏ ସିଦ୍ଧାନ୍ତ କରିପାରନ୍ତିନାହିଁ । ସେହିମାନେ ପୁଣି ହଠାତ୍ ଗୋଟାଏ ସିଦ୍ଧାନ୍ତରେ ଉପନୀତ ହୋଇଯାଆନ୍ତି । ଶ୍ରୀମତୀ ଅରିଲ ଦିନେ ସ୍ଥିର କରିପକାଇଲେ, 'ଆଚ୍ଛା, ମୁଁ ନିଜେ ଇନସିଓରାନ୍ସ କମ୍ପାନୀକୁ ଯାଇ ଚେଷ୍ଟାକରେଁ, କଅଣ ହେବ ଦେଖାଯାଉ ।'

କମ୍ପାନୀକୁ ଯିବା ପୂର୍ବରୁ ଶ୍ରୀମତୀ ଅରିଲଙ୍କୁ ପ୍ରସ୍ତୁତହେବାକୁ ପଡ଼ିଲା । ପ୍ରଥମେ ଦେଖାଇବାକୁ ହେବ ଯେ, ଛତାଟି ଏକବାରେ ପୋଡ଼ିଯାଇଛି; ମରାମତିର ଅଯୋଗ୍ୟ । ସେ ଦିଆସିଲି କାଠି ଜାଳି ଛତା କନାରେ ଖୁବ୍ ବଡ଼ ବଡ଼ କଣାଗୁଡ଼ିଏ କରିଦେଲେ । ତାପରେ ଛତାଟିକୁ ଗୋଟିଏ ରବର ଫିତାରେ ବାନ୍ଧିଦେଲେ । ନିଜର ପୋଷାକପତ୍ର ପିନ୍ଧି ଛତାଟିକୁ ହାତରେ ଧରି ସେ ଇନସିଓରାନ୍ସ କମ୍ପାନୀର ଅଫିସଆଡ଼କୁ ଚାଲିଲେ । ଅଫିସ ଯେତିକି ନିକଟ ହୋଇଆସିଲା, ତାଙ୍କର ପାଦର ଗତି ସେତିକି ମନ୍ଥର ହୋଇଆସିଲା । ସେ ଅଫିସରେ ପହଞ୍ଚି କାହାକୁ କଅଣ କହିବେ, ଅଫିସର କର୍ମଚାରୀମାନେ ତାଙ୍କୁ କି ପ୍ରକାର ପ୍ରଶ୍ନ ପଚାରିବେ, ସେ ସେହି ପ୍ରଶ୍ନମାନଙ୍କର କି ପ୍ରକାର ଉତ୍ତର ଦେବେ, ଏହି ସବୁ ଚିନ୍ତା ତାଙ୍କୁ ଅସ୍ଥିର କରିପକାଇଲା ।

ରାସ୍ତାଧାରର ଗୋଟିଏ ଘର ନମ୍ବରକୁ ଚାହିଁ ଶ୍ରୀମତୀ ଅରିଲ ଜାଣିପାରିଲେ ଯେ ଆଉ ଅଠେଇଶଟି ଘର ଅତିକ୍ରମ କରିଗଲେ ଇନସିଓରାନ୍ସ ଅଫିସ ପଡ଼ିବ । ବେଶ୍, ଚିନ୍ତା କରିବାକୁ ଯଥେଷ୍ଟ

Digitized by srujanika@gmail.com

ସମଯ୍ୟ ମିଳବ । ଖୁବ୍ ଧୀର ପଦରେ କିଛି ଦୂର ଯିବାପରେ ତାଙ୍କ ନଜରରେ ପଡ଼ିଲା, ଗୋଟିଏ ପିତଳ ପଟା; ସେଥିରେ ଲେଖାଥିଲା—ମାଟରନଲ୍ ଇନସିଓରାନ୍ସ କମ୍ପାନୀ ଅଫିସ ।

ଏତେ ଶୀଘ୍ର ସେ ଇନସିଓରାନ୍ସ ଅଫିସରେ ପହଞ୍ଚି-ଯାଇଛନ୍ତି ବୋଲି ସେ ବିଶ୍ୱାସ କରିପାରିଲେନାହିଁ । ସେ ଟିକିଏ ଆଗକୁ ଗଲେ, ପୁଣି ପଛକୁ ଫେରିଆସିଲେ । ଏହିପରି ତିନି ଚାରିଥର ଆଗପଛ ହେବାପରେ ସେ ଭାବିଲେ, 'ଅଫିସକୁ ଯିବାପାଇଁ ଆସିଛି; ଯିବି । ଏପରି ଆଗ ପଛ ହୋଇ ଡେରି କରିବାରେ ଲାଭ କଅଣ ? ଏଇ ମୂହୂର୍ତ୍ତରେ ନ ଯିବି କାହିଁକି ?'

ଅଫିସ ଭିତରକୁ ପଶିଗଲାବେଳକୁ ତାଙ୍କ ଛାତି ଧଡ଼ପଡ଼ ହେଉଥାଏ । ସେ ଗୋଟିଏ ପ୍ରକାଣ୍ଡ ହଲ୍ ଦେଖିପାରିଲେ । ହଲ୍‌ରେ ଅନେକ ଦରଜା ଓ ପ୍ରତ୍ୟେକ ଦରଜା ପାଖରେ ଜଣେ-ଲେଖାଏଁ ଲୋକ ବସିଥିଲେ । ଏହି ସମୟରେ ଜଣେ ଭଦ୍ରଲୋକ ହାତରେ ଗୁଡ଼ିଏ ଫାଇଲ ଧରି ତାଙ୍କ ପାଖବାଟେ ଯାଉଥିଲେ । ସେ ଉକ୍ତ ଭଦ୍ରବ୍ୟକ୍ତିଙ୍କୁ ପଚାରିଲେ, "ମହାଶୟ, ଦୟାକରି କହିବେ କି ଦୈବାତ୍ ପୋଡ଼ିଯାଇଥିବା ଜିନିଷର କ୍ଷତିପୂରଣ ଦାବି-କରି କେଉଁଠାରେ ଦରଖାସ୍ତ କରିବାକୁ ହୁଏ ?"

ଭଦ୍ରବ୍ୟକ୍ତିଟି ଗମ୍ଭୀର ସ୍ୱରରେ ଉତ୍ତର ଦେଲେ, "ଏଇ ବାଁ ପାଖରେ ଉପର ମହଲାର ଯେଉଁ ପ୍ରଥମ ଦରଜାଟା ଦିଶୁଛି ସେଇଠାରେ ଆପଣଙ୍କ ଅଭିଯୋଗ ଜଣାଇପାରନ୍ତି ।"

ଭଦ୍ରବ୍ୟକ୍ତିଙ୍କର ସ୍ୱର ଓ କହିବା ଭଙ୍ଗୀରେ ଶ୍ରୀମନ୍ତଙ୍କର ଭୟ ହୋଇଗଲା । କ୍ଷତିପୂରଣ ଦାବି ନ କରି ପଳାଇଯିବାକୁ ତାଙ୍କର

Digitized by srujanika@gmail.com

ଇଚ୍ଛା ହେଲା । ଅଠର ଟଙ୍କା ଗଲା ତ ଯାଉ; ଏତେ ହଇରାଣରେ ପଡ଼ୁଛୁ କିଏ ? ପୁଣି ତାଙ୍କର ମନେପଡ଼ିଲା—ଅଠର ଟଙ୍କା କଅଣ କମ୍ ? ଆଚ୍ଛା, ପାଇବାକୁ ଚେଷ୍ଟା ନ କରିବ କାହିଁକି ? ଏତେ ବାଟ ତ ଆସିଲିଣି ।

ଆଶା ତାଙ୍କୁ ସାହସ ଦେଲା । ସେ ଉପର ମହଲାକୁ ଉଠିଲେ । ପାହାଚେ ଉଠିଲାବେଳକୁ ଗୋଟାଏ ଟାଣ ନିଃଶ୍ୱାସ ନେବାକୁ ପଡ଼ୁଥାଏ । ଉପର ମହଲାରେ ପହଞ୍ଚି ସେ ଟିକିଏ ଛିଡ଼ା-ହୋଇ ନିଜକୁ ସ୍ଥିର କରିନେଲେ । ତତ୍ପରେ ସେ ନିର୍ଦ୍ଦିଷ୍ଟ କୋଠରିର ଦ୍ୱାରରେ କରାଘାତ କଲେ । ସଙ୍ଗେ ସଙ୍ଗେ କେହି ଉତ୍ତର କଲା, "ଭିତରକୁ ଆସନ୍ତୁ ।"

ସେ ଯନ୍ତ୍ରଚାଳିତ ପରି ଘର ଭିତରକୁ ପ୍ରବେଶକଲେ । ଘରଟି ଖୁବ୍ ପ୍ରଶସ୍ତ । ଭିତରେ ତିନି ଜଣ ଭଦ୍ରଲୋକ ଛିଡ଼ାହୋଇ କଥାବାର୍ତ୍ତା ହେଉଥିଲେ । ସେମାନଙ୍କ କୋଟ୍‌ର ବୋତାମଗୁଡ଼ିକ ଚକ୍‌ଚକ୍ ଦିଶୁଥିଲା ଓ ସେଥିରେ କେତୋଟି ଅକ୍ଷର ଖୋଳାଥିଲା । ସେମାନଙ୍କ ମଧ୍ୟରୁ ଜଣେ ଶ୍ରୀମତୀ ଅରିଲଙ୍କୁ ପ୍ରଶ୍ନ କଲେ, "ଆପଣ କଅଣ ଚାହାନ୍ତି ?"

କଅଣ କହିବେ ବୋଲି ଶ୍ରୀମତୀ ଅରିଲ ହଠାତ୍ ଠିକ୍ କରି-ପାରିଲେନାହିଁ । ସେ ରହିରହି କହିଲେ, "ମୁଁ ଆସିଛି, ହଁ ଗୋଟାଏ ଦୁର୍ଘଟଣା ସମ୍ବନ୍ଧରେ । ଗୋଟାଏ ଦୁର୍ଘଟଣାରେ··· !"

ଭଦ୍ରବ୍ୟକ୍ତିଟି ଗୋଟିଏ ଆସନ ଦେଖାଇ ଅତି ଭଦ୍ରଭାବରେ କହିଲେ, "ଆପଣ ଏଇ ଆସନରେ ବସନ୍ତୁ । ଏଇ ଅଳ୍ପ ସମୟ ଭିତରେ ଆପଣଙ୍କର କାର୍ଯ୍ୟ ଶେଷକରିଦେବି ।" ଏହା କହି ସେ ପୁଣି ଅନ୍ୟ ଦୁଇଜଣଙ୍କ ସଙ୍ଗେ କଥାବାର୍ତ୍ତାରେ ଯୋଗଦେଲେ । ଶ୍ରୀମତୀ ଅରିଲ ବସି ରହିଲେ ।

Digitized by srujanika@gmail.com

ସେ ଉକ୍ତ ଭଦ୍ରଲୋକ ଦୁହିଁଙ୍କୁ କହିଲେ, "କମ୍ପାନୀ ଆପଣ-ମାନଙ୍କୁ ଗୃହଲକ୍ଷ ଟଙ୍କାରୁ ଟଙ୍କାଟିଏ ସୁଦ୍ଧା ଅଧିକ ଦେବାକୁ ବାଧ୍ୟ ହୋଇ ନ ପାରେ । ଆପଣ ଯେଉଁ ଅଧିକା ଏକ ଲକ୍ଷ ଟଙ୍କା ଦାବି କରିଅଛନ୍ତି, ତାହା ଆମର ଆଦୌ ବିଚାର୍ଯ୍ୟ ବିଷୟ ନୁହେଁ । ତାହା-ଛଡ଼ା ସର୍ଦ୍ଦପ୍ପର କ୍ଷତିର ଯେଉଁ ବିବରଣ ଦେଇଅଛନ୍ତି ···।"

ଏହି ସମୟରେ ସେ ଦୁହିଁଙ୍କ ମଧ୍ୟରୁ ଜଣେ କହିଉଠିଲେ, "ଆଉ କିଛି ଶୁଣିବା ଦରକାର ନାହିଁ । ଆମର ଦାବି ବିଷୟରେ ଏଣିକି ଅଦାଲତ ଯାହା ନିଷ୍ପତ୍ତି ଦେବ, ତାହାହିଁ ହେବ । ବର୍ତ୍ତମାନ ଆମେ ବିଦାୟ ନେବାଛଡ଼ା ଅନ୍ୟକିଛି କରିବାର ନାହିଁ ।"

ଏହା କହି ସେ ଦୁହେଁ ଭଦ୍ରତାଖାତିରରେ ସମ୍ଭାଷଣ ଜଣାଇ ବିଦାୟ ନେଲେ । ଏହି ବ୍ୟାପାର ଦେଖି ଶ୍ରୀମନ୍ତ ଅରିଲ ଭାବୁଥିଲେ, ମୁଁ ମଧ୍ୟ ଏ ଦୁହିଁଙ୍କ ସଙ୍ଗେ ଚାଲିଗଲେ ରକ୍ଷାପାଇଯାନ୍ତି; କିନ୍ତୁ ପଳାଇ ଯିବାର ଉପାୟ ନଥିଲା । କର୍ମଚାରୀ ଜଣକ ସଙ୍ଗେ ସଙ୍ଗେ ଫେରି ପଡ଼ି ଶ୍ରୀମନ୍ତଙ୍କୁ କହିଲେ, "କହନ୍ତୁ, ଆପଣଙ୍କ ପାଇଁ ମୁଁ କଅଣ କରିପାରେଁ ?"

ଶ୍ରୀମନ୍ତ ଅରିଲଙ୍କ ତୁଣ୍ଡରୁ ସହଜରେ କଥା ବାହାରିଲା ନାହିଁ । ଦୁଇ ତିନି ଥର ଛେପ ଢୋକିବାପରେ ସେ ରହି ରହି କହିଲେ, "ମୁଁ ଆସିଛି, ଏଇଥି ପାଇଁ ।" ଏହା କହି ସେ ପୋଡ଼ା ଛତାଟିକୁ ଟେକି ଧରିଲେ ।

ଗମ୍ଭୀର ବିସ୍ମୟରେ କମ୍ପନୀଜର ପୋଡ଼ା ଛତାଆଡ଼କୁ ଚାହିଁଲେ । ତାଙ୍କ ତୁଣ୍ଡରୁ କଥା ବାହାରିଲାନାହିଁ । ଏଥିମଧ୍ୟରେ ଶ୍ରୀମନ୍ତ ଅରିଲ ଥର ଥର ହାତରେ ରବର ଫିତା ଫିଟାଇ ଛତାଟିକୁ ମେଲାଇ ଦେଲେ ।

Digitized by srujanika@gmail.com

ମେନେଜର ଛତା ଉପରେ ଦୃଷ୍ଟି ପକାଇ କହିଲେ, "ଛତାଟିର ଅବସ୍ଥା ଯେ ନିତାନ୍ତ ଖରାପ, ସେକଥା ମୁଁ ଦେଖି-ପାରୁଛି । କିନ୍ତୁ......।"

ଟିକିଏ ରହିଯାଇ ଶ୍ରୀମତୀ ଅରିଲ କହିଲେ, "ମୁଁ ଏ ଛତା-ଖଣ୍ଡିକ କୋଡ଼ିଏ ଟଙ୍କାରେ କିଣିଥିଲି ।"

ମେନେଜର ବିସ୍ମିତ ହୋଇ କହିଲେ, "ସତେ ! ଏତେ-ଗୁଡ଼ାଏ ଟଙ୍କା ଦେଇ କିଣିଥିଲେ ?"

ଶ୍ରୀମତୀ ଅରିଲ : "ହଁ, ଜିନିଷଟି ଖୁବ୍ ଭଲ ପଡ଼ିଥିଲା । ବର୍ତ୍ତମାନ ଏହାର ଅବସ୍ଥା କିପରି ହୋଇଛି, ଆପଣ ଦେଖନ୍ତୁ ।"

ମେନେଜର "ବେଶ୍, ମୁଁ ଦେଖିପାରୁଛି; କିନ୍ତୁ ଏହା ସହିତ ଆମ କମ୍ପାନୀର ଯେ କି ସମ୍ପର୍କ ମୁଁ ତାହା ବୁଝିପାରୁନାହିଁ ।"

ଏହାପରେ ଶ୍ରୀମତୀ ଅରିଲ କିପରି କଥା କହିବେ ସ୍ଥିର କରିପାରିଲେ ନାହିଁ, ସେ ଆଁ କରି ରହିଗଲେ । ହଠାତ୍ ତାଙ୍କର ମନେପଡ଼ିଗଲା ଯେ, ସେ ଅସଲ କଥାଟି ଏତେବେଳଯାଏ କହିନାହାନ୍ତି । ତହୁଁ ସେ କହିଲେ,—"ମୋର ନାମ ହେଉଛି ଶ୍ରୀମତୀ ଅରିଲ । ଆମ ଘରଟି ମାଟରନାଲ ଇନସିଓରାନ୍ସ କମ୍ପାନୀରେ ବୀମା କରାଯାଇଅଛି । ମୋର ଏହି ଛତା ପୋଡ଼ିଯିବାରେ ଯେଉଁ କ୍ଷତି ହୋଇଅଛି, ସେଥିପାଇଁ କ୍ଷତିପୂରଣ ପାଇବାପାଇଁ ମୁଁ ଆସିଛି ।

କାଳେ ତାଙ୍କର ଏହି ଦାବି ପୁରା ଅଗ୍ରାହ୍ୟ ହୋଇଯିବ, ଏହି ଆଶଙ୍କାରେ ସେ ପୁଣି କହିଲେ, "ମୁଁ ପୁରା ଛତାଟାପାଇଁ କ୍ଷତି-ପୂରଣ ଦାବି କରୁନାହିଁ । କେବଳ ଗୋଟାଏ ନୂଆ ରେଶମ କନା ପକାଇବା ଖର୍ଚ୍ଚ ଦାବି କରୁଛି ।

Digitized by srujanika@gmail.com

ମେନେଜର ବଡ଼ ଅଡ଼ୁଆରେ ପଡ଼ିଲେ । ସେ କହିଲେ, "ଆମେ ତ ଛତା ବନ୍ଦି କରୁନା କିମ୍ବା ମରାମତି କରୁନା ।"

ଶ୍ରୀମତୀ ଅରଲ ଦେଖିଲେ, ନିତାନ୍ତ ନିରାଶ ହୋଇ ଫେରିଯିବାର କାରଣ ନାହିଁ । ସେ ସାହସ ସଞ୍ଚୟ କରି କହିଲେ, "ମୁଁ କେବଳ ଛତାଟିର ମରାମତି ଖରଚ ଚାହୁଁଛି । ଟଙ୍କା ପାଇଲେ ମୁଁ ନିଜେ ମରାମତି କରାଇନେବି ।"

ମେନେଜର କଅଣ କରିବେ ସ୍ଥିର କରିପାରିଲେନାହିଁ । କିଛି ସମୟ ଚିନ୍ତାକରି ସେ କହିଲେ, "ମାଡାମ୍, ଏଇଟା ଅତି ସାମାନ୍ୟ କଥା । ଏଭଳି ଛୋଟ ଛୋଟ କ୍ଷତିପାଇଁ କେହି ଆମଠାରୁ କ୍ଷତିପୂରଣ ଚାହିଁବାର ଜଣାନାହିଁ । କାହାର ରୁମାଲଟାଏ, କି ଚୁଣ୍ଣୁଣୀଟାଏ କି ପଟେ ଜୋତା କି ସେହିଭଳି କିଛି ସାମାନ୍ୟ ଜିନିଷ ନଷ୍ଟ ହୋଇଗଲେ, ସେ କଅଣ ଆସି କ୍ଷତିପୂରଣ ଦାବିକରିବ? ଏସବୁ ଜିନିଷ ସାଧାରଣତଃ ହଜିଯାଏ କି ପୋଡ଼ିଯାଏ ।"

ଶ୍ରୀମତୀ ଅରଲଙ୍କ ମୁହଁ ଲାଲପଡ଼ିଗଲା । ସେ ରାଗିଯାଇ କହିଲେ, "ମେନେଜର ମହାଶୟ, ଗଲା ଡିସେମ୍ବର ମାସରେ ଆମ ଘରର ଧୂଆଁ ନଳୀଟା ପୋଡ଼ିଗଲା । ଏଥିରେ ପାଞ୍ଚଶହ ଟଙ୍କା କ୍ଷତି ହେଲା; କିନ୍ତୁ ମୋର ସ୍ୱାମୀ ମି: ଅରଲ କମ୍ପାନୀଠାରୁ କ୍ଷତିପୂରଣ ଦାବିକରି ନ ଥିଲେ । ବର୍ତ୍ତମାନ ମୋ'ର ଛତାପାଇଁ କ୍ଷତିପୂରଣ ନଦେବା ଘୋର ଅନ୍ୟାୟ ହେବ ।"

ମେନେଜର ବୁଝିପାରିଲେ ଯେ ଶ୍ରୀମତୀ ଅରଲ ଯାହା କହିଲେ, ତାହା ମିଥ୍ୟା କିନ୍ତୁ ସେ ଭଦ୍ରତା ରକ୍ଷାକରି ହସି ହସି କହିଲେ, "ଆପଣ ଅବଶ୍ୟ ସ୍ୱୀକାର କରିବେ ଯେ ପାଞ୍ଚଶହ ଟଙ୍କାର କ୍ଷତି ହୋଇଥିଲେ ହେଁ ମି: ଅରଲ ଯେ କ୍ଷତିପୂରଣ ଦାବି ନକଲେ

Digitized by srujanika@gmail.com

ତାହା ଏକ ଆଶ୍ଚର୍ଯ୍ୟ ବ୍ୟାପାର; ଅଥଚ ବର୍ତ୍ତମାନ ସେ ସାମାନ୍ୟ ଗୋଟାଏ ଛତାର କନାପାଇଁ ପାଞ୍ଚଟଙ୍କାର କ୍ଷତିପୂରଣ ଚାହୁଁଛନ୍ତି ।

ଶ୍ରୀମତୀ ଅରେଲ ତଥାପି ଦବି ନଯାଇ କହିଲେ, "କ୍ଷମାକରିବେ ସାର୍, ଏ ଦୁଇଟି ଘଟଣାରେ ପ୍ରଭେଦଅଛି । ଧୂଆଁ ନଳୀ ପୋଡ଼ିରେ ଯେଉଁ ପାଞ୍ଚଶହ ଟଙ୍କା କ୍ଷତିହୋଇଥିଲା, ସେଇଟା ମି: ଅରେଲଙ୍କର; କିନ୍ତୁ ଏ ଛତାପାଇଁ ଯେଉଁ ଅଠରଟଙ୍କା କ୍ଷତି, ସେଇଟା ମୋର କ୍ଷତି । ଏ ଦୁଇଟା ଘଟନା ସମ୍ପୂର୍ଣ୍ଣ ପୃଥକ୍ ।"

ମେନେଜର ଦେଖିଲେ, ଏହି ଭଦ୍ରମହିଳାଙ୍କ ହାତରୁ ନିଷ୍କୃତି ପାଇବାର ଉପାୟ ନାହିଁ । ତାଙ୍କ ସହିତ ଯୁକ୍ତିକରିବାର ଅର୍ଥ ସମୟ ନଷ୍ଟକରିବା । ତେଣୁ ସେ କହିଲେ, "ତେବେ ଦୟାକରି କହନ୍ତୁ, କିପରି ଛତାର କନାଟି ନଷ୍ଟହେଲା ।"

ଶ୍ରୀମତୀ ଅରେଲ ଭାବିଲେ, ତାଙ୍କର ବିଜୟ ସୁନିଶ୍ଚିତ । କେବଳ ଦୁର୍ଘଟନାଟିକୁ ବିଶ୍ୱାସଯୋଗ୍ୟକରି କହିପାରିଲେ ହେଲା । ସେ କହିବାକୁ ଲଗିଲେ—"ଘଟଣାଟା ହେଉଛି ଏହିପରି—ଆମର ହଲ୍‌ଘରେ ବ୍ରୋଞ୍ଜର ଗୋଟିଏ ଷ୍ଟାଣ୍ଡ ଅଛି । ସେଥିରେ ଛତା ଓ ବାଡ଼ି ରଖାଯାଏ । ସେଦିନ ମୁଁ ଘରଭିତରକୁ ଆସି ଛତାଟିକୁ ଷ୍ଟାଣ୍ଡରେ ରଖିଦେଲି । ଏଠାରେ କହିରଖିବା ଦରକାର ଯେ ଠିକ୍ ଷ୍ଟାଣ୍ଡ ଉପରକୁ ଡିଆସିଲ ଓ ମହମବତି ରଖିବାପାଇଁ ଗୋଟିଏ ସେଲ୍‌ଫ (ଥାକ) ଅଛି । ମୁଁ ହାତବଢ଼ାଇ ତିନି ଚାରିଟା ଡିଆସିଲ-କାଠି ନେଲି । ଗୋଟିଏ କାଠି ମାରିଲି । ସେଇଟା ଲଗିଲନାହିଁ । ଆଉ ଗୋଟାଏ କାଠି ମାରିଲି । ଏଇଟା ଜଳି ଉଠି ପୁଣି ଲିଭିଗଲା । ତୃତୀୟକାଠିଟା ମଧ୍ୟ ସେହିପରି ଜଳିଉଠି ଲିଭିଗଲା ।"

Digitized by srujanika@gmail.com

ଏହି ସମୟରେ ମେନେଜର ଥଙ୍କାକର କହିଲେ, "ମୋର ଅନୁମାନ ସେ ଉଆସିଲ କାଠିଗୁଡ଼ାକ ସରକାରୀ ଉଆସିଲ କାଠି ହୋଇ ନ ଥିବ ।"

କିନ୍ତୁ ଶ୍ରୀମନ୍ତ ଅରିଲ ଏହି ଉପହାସର ମର୍ମ ବୁଝି ନ ପାରି କହିବାକୁ ଲଗିଲେ, "ହୁଏତ ତା ହୋଇଥିବ । ଯାହାହେଉ, ଚତୁର୍ଥ କାଠିଟି ଜଳିଲା । ମୁଁ ସେଥିରେ ମୋର ମହମବତୀ ଜଳାଇ ଶୋଇବାପାଇଁ ମୋ କୋଠରୀକୁ ଗଲି; କିନ୍ତୁ ପ୍ରାୟ ପନ୍ଦରମିନଟ ପରେ ପାଖଘରୁ କିଛି ପୋଡ଼ାଗନ୍ଧ ଆସିଲା । ନିଆଁକୁ ମୋ'ର ପ୍ରାଣଭୟ । ମୁଁ ଦୃଢ଼ସ୍ୱରରେ କହିପାରେ, ଯଦି ଆମଘରେ କେବେ କୌଣସି ଅଗ୍ନିକାଣ୍ଡ ଘଟେ, ତେବେ ତାହା କେବେ ମୋ ଯୋଗୁ ହେବନାହିଁ । ସେଇ ଯେଉଁ ଧୂଆଁ ନଳୀ ପୋଡ଼ିଯିବା କଥା କହୁଥିଲି—ସେହି ଦୁର୍ଘଟନା ଦିନୁଁ ମୋର ନିଆଁକୁ ବଡ଼ ଭୟ । ପୋଡ଼ାଗନ୍ଧ ନାକରେ ବାଜିଲାକ୍ଷଣି ମୁଁ ବିଛଣାରୁ ଉଠି ସେ ଘରକୁ ଗଲି । ସବୁଆଡ଼ ଶୁଙ୍ଘି ଦେଖିଲି, ନିଆଁ କେଉଁଠି । ଶେଷରେ ଦେଖିଲି, ମୋ ଛତାରେ ନିଆଁ ଲାଗିଛି । ଖୁବ୍ ସମ୍ଭବ ଜଳନ୍ତା ଉଆସିଲକାଠିରୁ ଗୋଟାଏ ଛତାକନାର ଭାଙ୍ଗ ଭିତରେ ପଡ଼ି-ଯାଇଥିଲା । ଏଥିରୁ ଆପଣ ବୁଝିପାରିବେ ଦୁର୍ଘଟନା କିପରି ଘଟିଥିଲା ।"

ମେନେଜର ସବୁ ଘଟନା ଜାଣିଯାଇଥିଲେ । ସେ ପଚାରିଲେ, "ଆପଣଙ୍କ କ୍ଷତିର ପରିମାଣ କେତେ ?"

ଶ୍ରୀମନ୍ତ ଅରିଲ କେତେ ଟଙ୍କା କହିବେ ସ୍ଥିର କରି ନ ପାରି କହିଲେ, "ଆପଣ ଆଜି ଗୋଟାଏ ନୂଆ କନା ପକାଇଦିଅନ୍ତୁ । ତେଣୁ କ୍ଷତିର ପରିମାଣ ଆପଣଙ୍କ ଉପରେ ନିର୍ଭର କରେ ।"

Digitized by srujanika@gmail.com

ମେନେଜର ଉତ୍ତରକଲେ, "ନା, ଆମେ କ୍ଷତିପୂରଣ ଟଙ୍କା ଦେବୁ; ମରାମତି କରିବାର ଦାୟିତ୍ୱ ନେଇପାରିବୁନାହିଁ । ଆପଣ କେତେ ଟଙ୍କା ଚାହାନ୍ତି କହନ୍ତୁ ।"

ଶ୍ରୀମତୀ ଅରେଲ : "ଦେଖନ୍ତୁ ମହାଶୟ, ମୁଁ ଆପଣଙ୍କଠାରୁ କିଛି ଲଭ ମାରିନେବାକୁ ଇଚ୍ଛାକରେନାହିଁ । ମୁଁ ଜଣେ କାରିଗର-ପାଖକୁ ଯାଇ ତାକୁ କହିବି—ଭଲ ରେଶମକନା ପକାଇ ଛତାଟି ନୂଆ ପରି କରିଦେବ । ତାର ବିଲ୍ ଆଣି ମୁଁ ଆପଣଙ୍କୁ ଦେବି । ଆପଣ ତାକୁ ଟଙ୍କା ଦେବେ । ଏଥିରେ କିଛି ଆପତ୍ତି ଅଛି କି ?"

ମେନେଜର : "ନା, ନା, ଏଥିରେ ଆପତ୍ତିର କାରଣ କଅଣ ଥାଇପାରେ ? ବେଶ୍, ମୁଁ ଲେଖି ଦେଉଛି । ଏ ଲେଖାଟି ଆମ କ୍ୟାସିୟରଙ୍କୁ ଦେଖାଇଲେ ଆପଣ ମରାମତିରେ ଯାହା ଖରଚ କରିଥିବେ, ତାହା ତାଙ୍କଠାରୁ ନେଇଯିବେ ।"

ଏହା କହି ସେ ଶ୍ରୀମତୀ ଅରେଲଙ୍କୁ ଖଣ୍ଡିଏ ଲେଖାଦେଲେ । ଶ୍ରୀମତୀ ଅରେଲ ଲେଖାଖଣ୍ଡି ଧରିଲାମାତ୍ରେ ମେନେଜରଙ୍କୁ ଧନ୍ୟବାଦ ଜଣାଇ ବାହାରିଗଲେ । ତାଙ୍କର ଆଶଙ୍କା ହେଉଥିଲା, କାଳେ ମେନେଜର ତାଙ୍କ ମତପରିବର୍ତ୍ତନ କରିଦେବେ ।

ସେ ତରତର ହୋଇ ରାସ୍ତାକୁ ଚାଲିଗଲେ ଓ ଗୋଟିଏ ଭଲ ଛତା ମରାମତି କାରିଗରକୁ କହିଲେ—"ଏ ଛତାରେ ଭଲ ରେଶମକନା ପକାଇବ । ସବୁଠାରୁ ଭଲ ଓ ସୁନ୍ଦର କନା ହେବା ଦରକାର । ଯେପରି ଖୁବ୍ ବେଶିଦିନ ଯିବ । ସବୁଠାରୁ ସରସ ରେଶମକନା ପକାଇବ । ହଁ, ଯେତେ ଦାମ୍ ପଡ଼ୁପଛେ ସେଥିକି ମୋର ଚିନ୍ତାନାହିଁ । ମୋର ଦରକାର ଅସଲ ରେଶମ କନା ।"

□□□

Digitized by srujanika@gmail.com

ବିପଜ୍ଜନକ ଚାକର

ପାରିସ୍ ସହରରେ ଗୋଟାଏ ବଡ଼ ଧରଣର ଦୁଃସାହସିକ ଚୋରି ହୋଇଗଲା । ଏହି ଘଟଣାରେ କେତେକ ମଣିମୁକ୍ତା, ହୀରାଲଗା ଗୋଟିଏ ଓ୍ୱାଚ, ରତ୍ନଖଚିତ ଗୋଟିଏ ଫ୍ରେମ୍ ଓ ନଗଦ ଟଙ୍କା ମିଶି ଦେଢ଼ଲକ୍ଷ ଟଙ୍କା ଚୋରିଯାଇଥିଲା । ଯାହାଙ୍କ ଘରୁ ଚୋରି ଯାଇଥିଲା ସେ ଜଣେ ବଡ଼ ଧନୀ ବ୍ୟାଙ୍କ ବ୍ୟବସାୟୀ । ସେ ନିଜେ ଥାନାକୁ ଯାଇ ଚୋରିର ଏତଲା ଦେଲେ ଓ ତାହା ସଙ୍ଗେ ସଙ୍ଗେ ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବିଶେଷ ଭାବରେ ଅନୁରୋଧ କଲେ ଯେ ଏହି ଘଟଣାର ତଦନ୍ତ ଖୁବ୍ ଗୋପନୀୟ ଭାବରେ କରାଗଲେ ଭଲ ହେବ । ଆହୁରି ମଧ୍ୟ ସେ ଜଣାଇଦେଲେ ଯେ କୌଣସି ଲୋକକୁ ସେ ସନ୍ଦେହ କରିପାରୁନାହାନ୍ତି; କୌଣସି ନିର୍ଦ୍ଦୋଷ ଲୋକ ଏହି ତଦନ୍ତ ଫଳରେ ହଇରାଣ ହେବା ତାଙ୍କର ଇଚ୍ଛା ନୁହେଁ ।

ପୁଲିସ ସୁପରିଣ୍ଟେଣ୍ଡେଣ୍ଟ କହିଲେ, "ଆପଣଙ୍କର ଯେଉଁ ଶୋଇବାଘରୁ ଚୋରି ହୋଇଛି, ସେ ଘରକୁ କେଉଁମାନେ ସାଧାରଣତଃ ଯିବା ଆସିବା କରନ୍ତି, ସେମାନଙ୍କର ନାମ କହନ୍ତୁ ।"

"ମୋ' ଛଡ଼ା ମୋର ସ୍ତ୍ରୀ, ମୋର ପୁଅ ଝିଅ ଓ ଜୋସେଫ୍ ବୋଲି ଜଣେ ଚାକର ସେ ଘରେ ଚଳପ୍ରଚଳ ହୁଅନ୍ତି । ଜୋସେଫ୍

Digitized by srujanika@gmail.com

ଅତ୍ୟନ୍ତ ବିଶ୍ୱାସୀ ଲୋକ ଓ ତାକୁ ସନ୍ଦେହ କରିବାର ଅର୍ଥ ମୋ ନିଜକୁ ସନ୍ଦେହ କରିବାଭଳି ହେବ ।"

"ତେବେ ଆପଣଙ୍କର ବିଶ୍ୱାସ ଯେ ଜୋସେଫ୍ କେବେ-ହେଲେ ଏଭଳି କାମ କରିନଥିବ ।"

"ତା'ର ସାଧୁତା ବିଷୟରେ ତିଳେ ମାତ୍ର ସନ୍ଦେହ କରାଯାଇ-ନପାରେ । ମୁଁ ଦୃଢ଼ଭାବରେ କହିପାରେଁ, ସେ ଏଭଳି କାମ କରିନଥିବ ।"

"ଆଚ୍ଛା, ଆପଣ ଚୋରି ହୋଇଥିବା ଘଟନା ପ୍ରଥମେ ଜାଣିବାର ପୂର୍ବଦିନ ବା ତାହା ଆଗରୁ ଆପଣଙ୍କ ଘରର ଲୋକ-ମାନଙ୍କ ଛଡ଼ା ବାହାରର କୌଣସି ଲୋକ ଆପଣଙ୍କ ଶୋଇବା ଘରକୁ ଆସିଥିଲା କି ?"

ଏହି ପ୍ରଶ୍ନ ଶୁଣିଲାକ୍ଷଣି ବ୍ୟବସାୟୀଜଣକ କିଛିସମୟ ଚିନ୍ତାକରି ରହି ରହି କହିଲେ, "ନା, କେହି ଆସିନଥିଲେ ।"

ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଜଣେ ଅଭିଜ୍ଞ, ଦକ୍ଷ ଅଫିସର । ଭଦ୍ରଲୋକଙ୍କର ମୁଖଭଙ୍ଗୀ ଓ କହିବା ଧରଣରୁ ସେ ବୁଝିନେଲେ ଯେ ତାଙ୍କଠାରୁ କିଛି ଲୁଚାଇବାପାଇଁ ଭଦ୍ରଲୋକ ଚେଷ୍ଟା କରୁ-ଅଛନ୍ତି । ସେ ତାଙ୍କ ହାତଧରି ମୁହଁକୁ ଚାହିଁ କହିଲେ, "ଆପଣ ମୋ ପାଖରେ ସରଳ ଭାବରେ ସବୁକଥା କହୁନାହାନ୍ତି । ଆପଣଙ୍କ ଶୋଇବାଘରକୁ ନିଶ୍ଚୟ କେହି ଆସିଥିଲା; ଅଥଚ ଆପଣ ସେକଥା ଲୁଚାଇବାକୁ ଚେଷ୍ଟା କରୁଅଛନ୍ତି । ଆପଣ ସବୁ ସତକଥା ମୋ ଆଗରେ କହିବା ଉଚିତ ହେବ ।"

"ନା, ନା, ପ୍ରକୃତରେ ଅନ୍ୟ କେହି ମୋ ଶୋଇବାଘରକୁ ଆସିନଥିଲେ ।"

Digitized by srujanika@gmail.com

"ତାହାହେଲେ ବର୍ତ୍ତମାନ ପାଇଁ କେବଳ ଜଣେ ଲୋକକୁ ସନ୍ଦେହ କରିବାର କାରଣ ଅଛି; ଆଉ ସେ ହେଉଛି ଆପଣଙ୍କ ଚାକର ଜୋସେଫ୍ ।"

"ମୁଁ ତ ଆଗରୁ କହିଛି, ତାର ସାଧୁତା ବିଷୟରେ ମୁ ନିଃସନ୍ଦେହ ।"

"ଆପଣ ତାକୁ ଖୁବ୍ ବିଶ୍ୱାସ କରିପାରିଥାନ୍ତି; କିନ୍ତୁ ତାହା-ଦ୍ୱାରା ଆପଣ ଯେ ଭ୍ରମରେ ପଡ଼ି ନଥିବେ ତାହା କିଏ କହିପାରେ ? କର୍ତ୍ତବ୍ୟ ଅନୁରୋଧରେ ମୁଁ ତାକୁ ପଚରାଉଚରା କରିବାକୁ ବାଧ ହେଉଅଛି ।"

"ତେବେ ମୋର ଗୋଟିଏ ଅନୁରୋଧ ଅଛି । ତାକୁ ପଚରା-ପଚରି କଲାବେଳେ ଯେପରି ତାକୁ ଅପମାନିତ କରାନଯାଏ; ଏଥିପ୍ରତି ଦୃଷ୍ଟି ରଖିଥିବେ ।"

"ସେ ବିଷୟରେ ଆପଣ ମୋ ଉପରେ ନିର୍ଭର କରି ନିଶ୍ଚିନ୍ତ ରହିପାରନ୍ତି ।"

ଘଣ୍ଟାକ ପରେ ଜୋସେଫ୍ ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସରେ ଉପସ୍ଥିତ ହେଲା । ଜୋସେଫ୍‌କୁ ଅଫିସରଙ୍କ ଖାସ୍ କାମରାକୁ ନିଆଗଲା । ସେଠାରେ ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ ଓ ଜୋସେଫ୍ ଛଡ଼ା ଅନ୍ୟ କେହି ନଥିଲେ । ସୁପରିଣ୍ଟେଣ୍ଡେଣ୍ଟ ପ୍ରଥମେ ଜୋସେଫ୍‌ର ମୁହଁକୁ ଖୁବ୍ ନିରେଖି ଚାହିଁଲେ । ତାର ଅବିଚଳିତ ମୁଖ, ଶାନ୍ତ ଚକ୍ଷୁ ଓ ଧୀର ଆଚରଣ ଦେଖି ଅଭିଜ୍ଞ ଅଫିସର୍ ବୁଝିନେଲେ ଯେ ଏଭଳି ନିରୀହ ଲୋକ କଦାପି ଚୋରି ସହିତ ସମ୍ପୃକ୍ତ ନଥିବ ।

ସେ ପଚାରିଲେ, "ଜୋସେଫ୍, ତୁମକୁ କାହିଁକି ଡକା ହୋଇଅଛି ଜାଣ ?"

Digitized by srujanika@gmail.com

"ନା, ହଜୁର !"

"ତୁମର ଖାମିନ୍ଦଙ୍କ ଶୋଇବାଘରୁ ଗୋଟାଏ ବଡ଼ ଧରଣର ଚୋରି ହୋଇଯାଇଅଛି । ତୁମେ କାହାରିକୁ ସନ୍ଦେହ କରୁଛ କି ? ଗଲ କେତେଦିନ ଭିତରେ ସେ ଶୋଇବାଘରକୁ କିଏ କିଏ ଆସିଥିଲେ ?"

ମୁଁ ଓ ଆମ ପ୍ରଭୁଙ୍କ ପରିବାର ଛଡ଼ା ଆଉ କେହି ଆସି ନାହାନ୍ତି ।"

"ଦେଖ ଜୋସେଫ୍, ଏହା କହିବାଦ୍ୱାରା ତୁମେ ପ୍ରକାରାନ୍ତରେ ନିଜକୁ ଦୋଷୀ ବୋଲି ସନ୍ଦେହ ଜନ୍ମାଉ ନାହଁ କି ?"

"କିନ୍ତୁ ହଜୁର, ଆପଣ କଅଣ ବିଶ୍ୱାସ କରୁଅଛନ୍ତି ଯେ..."

"କିଛି ବିଶ୍ୱାସ କରିବା ବା ନକରିବା ମୋର କାମ ନୁହେଁ । ଅନୁସନ୍ଧାନ କରି ସତ୍ୟ ବାହାର କରିବା ମୋର କାମ । ଅନୁସନ୍ଧାନ କରୁ କରୁ କିଛି ସଙ୍କେତ ମିଳିପାରେ । ଗଲ କେତେଦିନ ଭିତରେ ଯଦି ତୁମ ଛଡ଼ା ଅନ୍ୟ କେହି ସେ ଶୋଇବା ଘରକୁ ଯାଇନାହାନ୍ତି, ତାହାହେଲେ ଚୋରି ପାଇଁ ତୁମକୁ ଦାୟୀ କରିବା କଅଣ ଅନ୍ୟାୟ ହେବ ?"

"ମୋର ପ୍ରଭୁ ମୋତେ ଭଲରୂପେ ଜାଣନ୍ତି । ସେ..."

"ହଁ, ତୁମର ପ୍ରଭୁ ତୁମର ସାଧୁତା ଓ ସଚ୍ଚରିତ୍ର ବିଷୟ କହି ଅଛନ୍ତି; କିନ୍ତୁ ତାଙ୍କର କହିବା କଥା ମୋ ପକ୍ଷରେ ଯଥେଷ୍ଟ ପ୍ରମାଣ ନୁହେଁ । ବର୍ତ୍ତମାନପାଇଁ କେବଳ ତୁମକୁ ହିଁ ସନ୍ଦେହ କରିବାର କଥା । ତେଣୁ ମୁଁ ତୁମକୁ ଗିରଫ କରିବାକୁ ବାଧ ହେଉଛି ।"

ଟିକିଏ ଚିନ୍ତାକରି ଜୋସେଫ୍ କହିଲା, "ତାହାହେଲେ ମୁଁ ସବୁ ସତକଥା ପ୍ରକାଶ କରିଦେବା ଉଚିତ ମନେକରୁଅଛି ।

Digitized by srujanika@gmail.com

ମୋ ମତରେ ଶୃଙ୍ଖଳ ପଛକେ ଯିବ କିନ୍ତୁ ମୋ ନାମରେ କଳଙ୍କ ନ ଲାଗୁ । କାଲି ଅନ୍ୟ ଜଣେ ଲୋକ ମୋ ପ୍ରଭୁଙ୍କ ଶୋଇବା ଘରକୁ ଆସିଥିଲେ ।”

“ବେଶ୍, ଆଉ ସେ ଲୋକଟି ...”

“ଜଣେ ଭଦ୍ରମହିଳା ।”

“ତୁମ ପ୍ରଭୁଙ୍କର ପରିଚିତା କୌଣସି ଭଦ୍ରମହିଳା ?”

କେତେବେଳ ପର୍ଯ୍ୟନ୍ତ ଜୋସେଫ୍‌ର ତୁଣ୍ଡରୁ କଥା ବାହାରିଲା ନାହିଁ । ଶେଷରେ ସେ କହିଲା, “ଯେତେବେଳେ ହେଲେ କଥାଟା ପ୍ରକାଶ ପାଇବ । ପ୍ରକୃତ ଘଟନା ହେଉଛି, ମୋ ପ୍ରଭୁଙ୍କର ଜଣେ ମହିଳାଙ୍କ ସହିତ ଭାବ ଅଛି । ମୋ କହିବାର ଉଦ୍ଦେଶ୍ୟ ବୁଝିପାରୁଥିବେ, ହଜୁର ! ସେ ମହିଳାଜଣକ ଖୁବ୍ ସୁନ୍ଦରୀ; ତାଙ୍କର କେଶର ବର୍ଣ୍ଣ ଠିକ୍ ଏ ସୁନେଲି ଓ ଦେହର ବର୍ଣ୍ଣ ମଧ୍ୟ ସେହିପରି । ମୋ ପ୍ରଭୁ ତାଙ୍କୁ ଗୋଟିଏ ଘର ଯୋଗାଇ ଦେଇଅଛନ୍ତି ଓ ସେଠାକୁ ଯାଇ ତାଙ୍କ ସଙ୍ଗେ ଦେଖାକରନ୍ତି । ଅବଶ୍ୟ ଏକଥା ମୋ ପ୍ରଭୁପତ୍ନୀଙ୍କର ଅଜ୍ଞାତ । ଏକଥା ଜଣା-ପଡ଼ିଲେ ତାଙ୍କ ଘରେ ଅଶାନ୍ତି ସୃଷ୍ଟି ହୁଅନ୍ତା । ସେହି ଭଦ୍ରମହିଳା କାଲି ଆମ ପ୍ରଭୁଙ୍କ ଶୋଇବା ଘରକୁ ଆସିଥିଲେ ।”

“ସେ ଘରେ କେବଳ ତୁମର ପ୍ରଭୁ ଓ ସେ ମହିଳା ଥିଲେ କି ଆଉ କେହି ଥିଲେ ?”

“ଭଦ୍ରମହିଳା ଆସିବାରୁ ମୁଁ ତାଙ୍କୁ ମୋ ପ୍ରଭୁଙ୍କ ଶୋଇବା ଘରକୁ ପଠାଇଦେଲି । ଘର ଭିତରେ ସେ ଓ ମୋର ପ୍ରଭୁ ରହିଲେ; କିନ୍ତୁ ଅଳ୍ପ ସମୟ ପରେ ମୋ ପ୍ରଭୁଙ୍କର ଜଣେ କିରାନି ତାଙ୍କ ସହିତ କୌଣସି ଗୋପନୀୟ ପରାମର୍ଶ ପାଇଁ ଆସିବାରୁ ମୁଁ

Digitized by srujanika@gmail.com

ତାଙ୍କୁ ଡାକିଲି; ସେ ବାହାରକୁ ଆସିଲେ । ଉକ୍ତ ମହିଳା ଘର ଭିତରେ ଏକୁଟିଆ ରହିଲେ । ବୋଧହୁଏ ପ୍ରାୟ ପନ୍ଦର ମିନିଟଯାଏ ସେ ଏକୁଟିଆ ଥିଲେ ।"

"ସେ ମହିଳାଙ୍କର ନାମ ଜାଣ ?"

"କେ. ସେସିଲିଆ । ତାଙ୍କର ଜନ୍ମସ୍ଥାନ ହଙ୍ଗେରୀ ।"

ଜୋସେଫ୍ ସେସିଲିଆଙ୍କର ପୂରା ଠିକଣା ମଧ୍ୟ ଜଣାଇଦେଲା । ଏହାପରେ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଉକ୍ତ ବ୍ୟାଙ୍କ ବ୍ୟବସାୟୀଙ୍କୁ ଡକାଇ ତାଙ୍କ ସାମନାରେ ଜୋସେଫ୍ ଯାହା ସବୁ କହିଥିଲା, ସେ ସବୁ ମୁକାବିଲା କରାଇନେଲେ । ଭଦ୍ରଲୋକ ବାଧ୍ୟହୋଇ ଜୋସେଫ୍‌ର କଥା ସତ୍ୟ ବୋଲି ସ୍ୱୀକାର କଲେ । ଜଣେ ବିଦେଶୀ ମହିଳାଙ୍କ ସଙ୍ଗେ ତାଙ୍କର ସମ୍ବନ୍ଧ ଥିବା ବିଷୟ ପ୍ରକାଶ ପାଇଯାଇଥିବାରୁ ସେ ଅତ୍ୟନ୍ତ ମନକଷ୍ଟ ଅନୁଭବ କଲେ ।

ସୁପରିଣ୍ଟେଣ୍ଡେଣ୍ଟ ଜଣେ ଇନସ୍ପେକ୍ଟରଙ୍କୁ ଆଦେଶ ଦେଲେ, "ଯାଅ, ଏହି ସେସିଲିଆକୁ ଗିରଫକରି ଆଣ ।" ଜୋସେଫ୍ ଯେଉଁ ଠିକଣା ଦେଇଥିଲା, ସେଠାରେ ସନ୍ଧାନ କରିବାରୁ ଜଣାଗଲା ଯେ ସେସିଲିଆ ଗତ ସନ୍ଧ୍ୟାରୁ ସେ ଘର ଛାଡ଼ି କୁଆଡ଼େ ଚାଲିଯାଇ ଅଛନ୍ତି । ଖୁବ୍ ସମ୍ଭବ ସେ ସହର ଛାଡ଼ି ଚାଲିଯାଇଥିଲେ ।

ଏହି ସମ୍ବନ୍ଧରେ ବ୍ୟାଙ୍କ ବ୍ୟବସାୟୀ ନିଜକୁ ଘୋର ବିପନ୍ନ ମନେକଲେ । ଲକ୍ଷାଧିକ ଟଙ୍କାର ଜିନିଷ ଚୋରିଯାଇଥିଲା । ଯେଉଁ ସୁନ୍ଦରୀ ସ୍ତ୍ରୀ ତାଙ୍କର ଆନନ୍ଦର କାରଣ ଥିଲା ଓ ଯାହାକୁ ଜଣେ ରାଣୀପରି ବିଳାସରେ ରଖିବାପାଇଁ ସେ ଅକାତରରେ ଅର୍ଥ ବ୍ୟୟ କରିଥିଲେ, ସେ ମଧ୍ୟ ତାଙ୍କୁ ଛାଡ଼ି ଚାଲିଗଲା । ଖାଲି ଏତିକି ନୁହେଁ, ଏହି ବିଦେଶୀ ମହିଳା ସହିତ ତାଙ୍କର ସମ୍ପର୍କ ଥିବା କଥା ତାଙ୍କ

Digitized by srujanika@gmail.com

ସ୍ତ୍ରୀ ଜାଣିପାରିଲେ । ଫଳରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଜାତ ହେଲା; ଘରେ ପାରିବାରିକ ଅଶାନ୍ତି ରାଜତ୍ୱ କଲା ।

ଅବଶ୍ୟ ପୁଲିସ୍ ଏହି ମହିଳାଙ୍କ ବିଷୟରେ ଧମାଧମ ଅନୁସନ୍ଧାନ ଚଳାଇଲେ; କିନ୍ତୁ କିଛି ଫଳ ହେଲାନାହିଁ । ମହିଳାଙ୍କ ବିଷୟରେ କୌଣସି ସନ୍ଧାନ ମିଳିଲାନାହିଁ । ବ୍ୟବସାୟୀଙ୍କର ଉକ୍ତ ମହିଳାଙ୍କ ପ୍ରତି ଯେଉଁ ପ୍ରେମ ଥିଲା, ତାହା କ୍ରୋଧ ଓ ବିରକ୍ତିରେ ପରିଣତ ହେଲା । ସେ ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇଲେ—ଆପଣ ଉକ୍ତ ମହିଳାଙ୍କୁ ଧରିବାପାଇଁ ଯଥାସାଧ୍ୟ ଚେଷ୍ଟାକରନ୍ତୁ । ଆବଶ୍ୟକ ହେଲେ ସେଥିପାଇଁ ସ୍ୱତନ୍ତ୍ର ଡିଟେକ୍ଟିଭ ନିଯୁକ୍ତ କରନ୍ତୁ । ମୁଁ ସେଥିର ବ୍ୟୟଭାର ବହନ କରିବାକୁ ପ୍ରସ୍ତୁତ ଅଛି । ଯେପରି ହେଉ ଦୋଷୀକୁ ଧରି ଦଣ୍ଡ ଦିଆଇବା ଉଚିତ ।”

ପୁଲିସପକ୍ଷରୁ ସକଳ ପ୍ରକାର ଉଦ୍ୟମ ସତ୍ତ୍ୱେ ସେସିଲିଆର କୌଣସି ପତ୍ତା ମିଳିଲାନାହିଁ ।

ଏହା ପରେ ତିନି ବର୍ଷ ଗତ ହୋଇଗଲା । ସେସିଲିଆ ଓ ଚୋରିଘଟଣା ଲୋକେ କ୍ରମେ ଭୁଲିଗଲେ । ବ୍ୟାଙ୍କ ବ୍ୟବସାୟୀ ପରିବାରର ଶାନ୍ତି ଦୃଷ୍ଟିରୁ ପତ୍ନୀଙ୍କ ନିକଟରେ ନିଜ ଦୋଷପାଇଁ କ୍ଷମା ମାଗିଲେ । ସେ ସେସିଲିଆ ବ୍ୟାପାର ମଧ୍ୟ ସମ୍ପୂର୍ଣ୍ଣ ଭୁଲିଗଲେ । କାରଣ ଏଥିମଧ୍ୟରେ ସେ ଆଉ ଜଣେ ସୁନ୍ଦରୀ ମହିଳାଙ୍କ ସହିତ ବନ୍ଧୁତା ସ୍ଥାପନ କରିପାରିଥିଲେ ଓ ଏ ବିଷୟ ତାଙ୍କ ପତ୍ନୀଙ୍କୁ ସମ୍ପୂର୍ଣ୍ଣ ଅଜ୍ଞାତ ଥିଲା ।

ଏହି ସମୟରେ ଲଣ୍ଡନରେ ଜଣେ ସୁନ୍ଦରୀ ଧନୀ ମହିଳାଙ୍କର ଆବିର୍ଭାବ ହେଲା । ସେ ଯେ କେବଳ ଅସାଧାରଣ ସୁନ୍ଦରୀ ଥିଲେ ତାହା ନୁହେଁ, ସେ ସ୍ୱଚ୍ଛନ୍ଦରେ ଉଚ୍ଚ ସମାଜରେ ମିଶୁଥିଲେ ଓ

Digitized by srujanika@gmail.com

ଅନେକ କୁଳୀନ ଭଦ୍ରବ୍ୟକ୍ତି ତାଙ୍କର ଅନୁଗତ ଥିଲେ । ସେ ଜଣେ ଘରୋଇ ଗୃହକର ପାଇଁ ବିଜ୍ଞାପନ ଦେଲେ । ଅନେକ ଦରଖାସ୍ତ ମିଳିଲା । ପ୍ରାର୍ଥୀମାନଙ୍କ ମଧ୍ୟରେ ଜଣେ ଯୁବକ ଥିଲେ । ତାଙ୍କର ଚେହେରା ସୁନ୍ଦର ଓ ଆଚରଣ ଅତି ଭଦ୍ର । କଥାବାର୍ତ୍ତା ଓ ଢଙ୍ଗଢାଙ୍ଗରୁ ଜଣାପଡ଼ୁଥିଲା ଯେ ସେ ଉଚ୍ଚଶିକ୍ଷିତ । ଦାସୀ ଏହି ଭଦ୍ରବ୍ୟକ୍ତିଙ୍କୁ ନେଇ ମହିଳାଙ୍କର ଖାସ୍ କୋଠରୀରେ ପହଞ୍ଚାଇ ଦେଲା । ସେ ଦେଖିଲେ ମହିଳାଜଣଙ୍କ ଖୁବ୍ ସୁନ୍ଦରୀ, ଦେଖିଲାମାତ୍ରେ ଯେ କେହି ତାଙ୍କ ପ୍ରତି ଆକୃଷ୍ଟ ହେବ । ବୟସ ପଚିଶରୁ ବେଶି ନୁହେଁ, ଘନକୃଷ୍ଣ କେଶ; ଚକ୍ଷୁ ଦୁଇଟି ଉଜ୍ଜ୍ୱଳ । ଏହି କେଶ ଓ ଚକ୍ଷୁଦ୍ୱାରା ତାଙ୍କ ମୁଖର ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଉଥିଲା । ସେ ଗୋଟିଏ ସୋଫା ଉପରେ ଶୋଇଥିଲେ । ପ୍ରାର୍ଥୀଙ୍କ ସହିତ ମହିଳାଙ୍କର ଦୃଷ୍ଟି ବିନିମୟ ହେଲା । ପ୍ରାର୍ଥୀଙ୍କର ମଧ୍ୟ କେଶ କୃଷ୍ଣବର୍ଣ୍ଣ ଓ ଚକ୍ଷୁ ଉଜ୍ଜ୍ୱଳ । ମହିଳା ତାଙ୍କୁ ଥରେ ଆପାଦମସ୍ତକ ଚାହିଁ ମୁହଁ ତଳକୁ କରି ରହିଲେ । ସେ ଏହି ସୁସ୍ଥସବଳ ସୁଦର୍ଶନ ଯୁବକଙ୍କ ଉପରେ ସନ୍ତୁଷ୍ଟ ହୋଇଗଲେ । ସେ ଗମ୍ଭୀର ସ୍ୱରରେ ପଚାରିଲେ, "ତୁମର ନାମ କଅଣ ?"

"ଲେଜସ୍ ମାରଆସି ।"

"ତୁମ ଜନ୍ମସ୍ଥାନ କଅଣ ହଙ୍ଗେରୀ ।"

"ହଁ ।"

"ତେବେ ତୁମେ ଲଣ୍ଡନକୁ ଆସିଲ କିପରି ?"

"ଆମ ଦେଶର ଅନେକ ଲୋକ ଜନ୍ମଭୂମି ଛାଡ଼ି ପଳାଇ ଆସିଛନ୍ତି । ମୋର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମ । ମୁଁ ହଙ୍ଗେରୀ ସରକାରଙ୍କର ଜଣେ କର୍ମଚାରୀ ଥିଲି; କିନ୍ତୁ ବର୍ତ୍ତମାନ ମୋତେ ଗୃହକର କରିବାକୁ ହେବ । ଈଶ୍ୱରଙ୍କ କୃପାରୁ ଆପଣଙ୍କ

Digitized by srujanika@gmail.com

ଭଳି ଜଣେ ସୁନ୍ଦରୀ ଓ ଭଦ୍ର-ସମାଜର ମହିଳାଙ୍କ ନିକଟରେ ଶୃଙ୍କାର କରିବାର ସୌଭାଗ୍ୟ ମିଳୁଛି ।”

ଏହି ଭଦ୍ରମହିଳା ନିଜର ପରିଚୟ ଦେଇ କହିଲେ,— “ମୋର ନାମ ମିସ୍ ଜୋ ।” ସେ ଟିକିଏ ହସିଦେଲେ । ମୁକ୍ତାପରି ଦୁଇ ଧାଡ଼ି ଦାନ୍ତ ଦେଖାଗଲା । “ତୁମର ଚେହେରା ଦେଖି ମୁଁ ସନ୍ତୁଷ୍ଟ । ଯଦି ତୁମେ ମୋ ସର୍ତ୍ତ ଅନୁସାରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥାଅ, ତେବେ ତୁମକୁ ନିଯୁକ୍ତ ଦେବାରେ ମୋର ଆପତ୍ତି ନାହିଁ ।”

ପାଖରେ ମିସ୍ ଜୋ’ଙ୍କର ଶୃଙ୍କାରିଣୀ ଛିଡ଼ାହୋଇଥିଲା । ମିସ୍ ଜୋ ଏହି ନୂଆଲୋକଟିକୁ ଯେପରି ଗ୍ରହଣ କରୁଥିଲେ, ତାହା ଦେଖି ସେ ମନେ ମନେ ଭାବିଲା—ଏ ଆମ ଖାଉନ୍ଦାଣୀଙ୍କର ଗୋଟାଏ ଖିଆଲ; କିନ୍ତୁ ଏ ଖିଆଲ ବେଶି ଦିନ ରହିବନାହିଁ ।

ଶୃଙ୍କାରିଣୀଟି ଯେ ବୁଦ୍ଧିମତୀ ଓ ନାରୀଚରିତ୍ର ବିଷୟରେ ତାର ଯଥେଷ୍ଟ ଅଭିଜ୍ଞତା ଥିଲା, ଏଥିରେ ସନ୍ଦେହ ନାହିଁ; କିନ୍ତୁ ଉପସ୍ଥିତ ଘଟନାରେ ତାହାର ଅନୁମାନ ଅମୂଳକ ବୋଲି ପ୍ରମାଣିତ ହୋଇଥିଲା ।

ମିସ୍ ଜୋ ଅନ୍ତରରୁ ସହିତ ଏହି ଯୁବକଙ୍କୁ ଭଲ ପାଉଥିଲେ; କିନ୍ତୁ ଲେଜସ୍ ତାଙ୍କୁ ପ୍ରଭୁଭାବରେ ଯଥେଷ୍ଟ ସମ୍ମାନ ଦେଖାଉଥିଲେ । ଏପ୍ରକାର ବ୍ୟବହାର ମିସ୍ ଜୋ’ଙ୍କୁ ଭଲ ଲାଗୁନଥିଲା । ଏଥିପାଇଁ ସେ ତାଙ୍କ ଉପରେ ବିରକ୍ତି ପ୍ରକାଶ କରୁଥିଲେ । ଦିନେ ସନ୍ଧ୍ୟାବେଳେ ମିସ୍ ଜୋ’ ଗୋଟିଏ ଇଣ୍ଟାଲିୟୁ ଥିଏଟର୍ ଦେଖିବାକୁ ବାହାରିଲେ; ଲେଜସ୍ ଗାଡ଼ି ଆଣି ଆସିଲେ; କିନ୍ତୁ ମିସ୍ ଜୋ’ ଗାଡ଼ି ଫେରାଇନେବାକୁ ଆଦେଶଦେଲେ । ଲେଜସ୍ ଖାଉନ୍ଦାଣୀଙ୍କର

Digitized by srujanika@gmail.com

ସାଗର କାରଣ ବୁଝିନପାରି ତାଙ୍କ ପାଦତଳେ ପଡ଼ିଯିବାକୁ ବସିଥିଲେ; କିନ୍ତୁ ମିସ୍ ଜୋ ବିରକ୍ତ ହୋଇ କହିଲେ, "ତୁମେ ମୋ ଖାସ୍ କାମରାକୁ ଚାଲିଯାଅ । ଦେଖ ଲେଜସ୍, ତୁମ କାର୍ଯ୍ୟରେ ମୁଁ ଆଦୌ ସନ୍ତୁଷ୍ଟ ନୁହେଁ ।"

"ମୋର ଅପରାଧ ?"

"ତୁମକୁ ପାଖରେ ରଖିବା ଆଉ ମୋର ଇଚ୍ଛା ନୁହେଁ । ତୁମକୁ ତିନିମାସର ଆଗତୁରା ଦରମା ଦେଉଛି, ନେଇ ଚାଲିଯାଅ—"

ଏହା କହି ମିସ୍ ଜୋ' ଅସ୍ଥିରଭାବରେ ପାଦଚାଳନା କରିବାକୁ ଲାଗିଲେ ।

ଲେଜସ୍ କହିଲେ, "ଆପଣଙ୍କର ଆଦେଶ ମାନି ମୁଁ ଚାଲିଯିବି; କିନ୍ତୁ ମୁଁ ଆଗତୁରା ଦରମା ନେଇପାରିବି ନାହିଁ ।"

"କାହିଁକି ?"

"କାରଣ ତାହାହେଲେ ମୁଁ ତିନିମାସ ପାଇଁ ଆପଣଙ୍କର କର୍ତ୍ତୃତ୍ୱର ଅଧୀନରେ ରହିବି । ମୁଁ ଏହି ମୁହୂର୍ତ୍ତରୁ ସ୍ୱାଧୀନ ହୋଇ ରହିବାକୁ ଚାହେଁ । ତାହାହେଲେ ମୁଁ ଆପଣଙ୍କୁ କହିପାରିବି—ମୁଁ ଦରମା ଲୋଭରେ ଆପଣଙ୍କର ଚାକର ହୋଇନଥିଲି; ଆପଣ ସୁନ୍ଦରୀ; ଆପଣଙ୍କ ପ୍ରେମ ଲାଗି ମୁଁ ଆପଣଙ୍କର ଦାସତ୍ୱ ସ୍ୱୀକାର କରିଥିଲି ।"

ଜୋ' ଚିତ୍କାର କରିଉଠି କହିଲେ, "ତୁମେ ମୋତେ ପ୍ରେମକର ? ତୁମେ ସେକଥା ପୂର୍ବରୁ କହିନଥିଲ କାହିଁକି ? ମୁଁ ତୁମକୁ ପ୍ରେମକରେଁ କିନ୍ତୁ ତୁମେ ଯେ ମୋତେ ପ୍ରେମକର ତାହା ମୋତେ ଜଣାନଥିଲା । ସେଇଥିପାଇଁ ମୁଁ ତୁମକୁ ବିଦାୟ ଦେବା ପାଇଁ ଚାହିଁଥିଲି; କିନ୍ତୁ ତୁମେ ମୋତେ ଯେଉଁ ଯନ୍ତ୍ରଣା ଦେଇଅଛ,

Digitized by srujanika@gmail.com

ସେଥିପାଇଁ ତୁମକୁ ଦଣ୍ଡ ଭୋଗକରିବାକୁ ହେବ । ଆସ, ମୋର ପାଦତଳେ ପଡ଼ ।”

ଲେଜସ୍ ମିସ୍ ଜୋ’ଙ୍କ ପାଦତଳେ ଆଣ୍ଠେଇ ପଡ଼ିଲେ । ଠିକ୍ ସେହିସମୟରେ ମିସ୍ ଜୋ’ଙ୍କର ରକ୍ତିମ ଅଧର ଲେଜସ୍‌ଙ୍କ ଅଧର ସହିତ ମିଶିଗଲା ।

ସେହିଦିନଠାରୁ ଲେଜସ୍ ତାଙ୍କର ଅତି ପ୍ରିୟ ହୋଇପଡ଼ିଲେ । ମିସ୍ ଜୋ’ଙ୍କର ଅନ୍ୟ ଜଣେ ଜଣାଶୁଣା ପ୍ରେମିକ ମଧ୍ୟ ଥିଲେ । ସେ ମିସ୍ ଜୋ’ଙ୍କର ସମସ୍ତ ଅଭାବ ପୂରଣ କରି ନିଜକୁ ଧନ୍ୟ ମନେ-କରୁଥିଲେ । ତଥାପି ଲେଜସ୍ ସେହି ପ୍ରେମିକଙ୍କୁ ଈର୍ଷା କରୁନଥିଲେ । ଏହିଦୁହିଁଙ୍କ ଛଡ଼ା ମିସ୍ ଜୋ’ଙ୍କର ଅନେକ ‘ବନ୍ଧୁ’ ଥିଲେ । ସେମାନେ କେବେ କେବେ ମିସ୍ ଜୋ’ଙ୍କର ମଧୁର ହାସ୍ୟପାଇ ନିଜକୁ ଭାଗ୍ୟବାନ ମନେକରୁଥିଲେ । କେହି କେହି ସେଥିରୁ କିଛି ଅଧିକ ମଧ୍ୟ ପାଉଥିଲେ ଓ ତାହା ପରିବର୍ତ୍ତେ ତାଙ୍କୁ ଫୁଲତୋଡ଼ା ବା ହୀରାର ଅଳଙ୍କାର ଉପହାର ଦେବାପାଇଁ ଅନୁମତି ପାଉଥିଲେ ।

ସେ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଯେତିକି ନିକଟତର ହେଲା, ଲେଜସ୍‌ଙ୍କର ତୀକ୍ଷ୍ଣ ଦୃଷ୍ଟି ଜୋ’ଙ୍କୁ ସେତିକି ବିରକ୍ତିକର ବୋଧ-ହେଲା । ଅନେକ ସମୟରେ ଲେଜସ୍ ଜୋ’ଙ୍କୁ ଘୃଣାବ୍ୟଞ୍ଜକ ଦୃଷ୍ଟିରେ ଚାହୁଁଥିଲେ । ତଥାପି ଜୋ’ ଲେଜସ୍‌ଙ୍କର ବଶୀଭୂତ ହୋଇପଡ଼ିଥିଲେ ଓ ତାଙ୍କୁ ଭୟ କରୁଥିଲେ । ଦିନେ ଲେଜସ୍ ଜୋ’ଙ୍କର ଘନକୃଷ୍ଣ କେଶଗୁଚ୍ଛରେ ହାତ ବୁଲାଉ ବୁଲାଉ ପରିହାସରେ କହିଲେ, “ଶୁଣାଯାଏ ଯେ ଦୁଇଜଣଙ୍କ ମଧ୍ୟରେ ପାର୍ଥକ୍ୟ ଥିଲେ, ସେ ଦୁହେଁ ପରସ୍ପର ପ୍ରତି ଆକୃଷ୍ଟ ହୁଅନ୍ତି; କିନ୍ତୁ

Digitized by srujanika@gmail.com

ଆମ ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ ପରିବର୍ତ୍ତେ ସାମ୍ୟଅଛି । ଦେଖନ୍ତୁ, ତୁମର କେଶ ଯେପରି କଳା, ମୋର ମଧ୍ୟ ସେହିପରି କଳା ।”

ଜୋ’ ଟିକିଏ ହସିଦେଇ ମୁଣ୍ଡର କଳା ବାଳଗୁଡ଼ିକ ଟାଣି-ଆଣିଲେ । କୃତ୍ରିମ ବାଳଗୁଡ଼ିକ ଖସିପଡ଼ିବାରୁ ତାଙ୍କ ମସ୍ତକର ସ୍ୱର୍ଣ୍ଣାଭସୁନ୍ଦର କେଶପାଶ ଦେଖାଗଲା । ଲେଜସ୍ କିଛି ସମୟ ଯାଏ ତାଙ୍କୁ ଚାହିଁଲେ; କିନ୍ତୁ ଆଉ କୌଣସି ବିସ୍ମୟ ପ୍ରକାଶ କଲେନାହିଁ ।

ସେଦିନ ରାତି ପ୍ରାୟ ବାରଟାବେଳକୁ ଲେଜସ୍ ଘୋଡ଼ା-ମାନଙ୍କ କଥା ବୁଝି ଆସିବେ ବୋଲି କହି ବିଦାୟନେଲେ । ଜୋ’ ଗୋଟିଏ ସୁନ୍ଦର ରାତ୍ରି-ପୋଷାକ ପିନ୍ଧି ଶୋଇବାକୁ ଗଲେ । ଲେଜସ୍ ଆସିବେ ବୋଲି ସେ ପ୍ରାୟ ଘଣ୍ଟାଏ କାଳ ଅନିଦ୍ରାରହି ଅପେକ୍ଷାକଲେ । ତାହାପରେ ତାଙ୍କୁ ନିଦ ଲାଗିଗଲା । ଆହୁରି ପ୍ରାୟ ଦୁଇଘଣ୍ଟାପରେ କାହାରି ଡାକ ଶୁଣି ତାଙ୍କ ନିଦ ଭାଙ୍ଗିଗଲା । ଜୋ’ ବିଛଣାରୁ ଉଠି ଦେଖିଲେ, ତାଙ୍କ ବିଛଣା ପାଖରେ ଜଣେ ପୁଲିସ୍ ଇନସ୍ପେକ୍ଟର ଓ ଦୁଇଜଣ କନଷ୍ଟେବଲ ଛିଡ଼ାହୋଇଅଛନ୍ତି ।

ଜୋ’ ପଚାରିଲେ, “ଆପଣମାନେ କାହାକୁ ଚାହାନ୍ତି ?”

“କେ. ସେସିଲିଆଙ୍କୁ ।”

“କିନ୍ତୁ ମୁଁ ହେଉଛି ମିସ୍ ଜୋ ।”

“ହଁ, ମୁଁ ତୁମକୁ ଚିହ୍ନେ । ତମ୍ପାକର ତୁମ ମଥାରୁ ସେ କଳାବାଳଗୁଡ଼ିକ କାଢ଼ିଦିଅତ, ମିସ୍ ଜୋ’ କେ. ସେସିଲିଆ ହୋଇଯିବେ । ଆଇନ୍ ନାମରେ ମୁଁ ତୁମକୁ ଗିରଫ କରୁଛି ।”

ପୁଲିସ୍ ଇନସ୍ପେକ୍ଟରଙ୍କର ଏହି କଥା ଶୁଣି ମିସ୍ ଜୋ’ଙ୍କର ବୁଦ୍ଧି ବଣା ହୋଇଗଲା । ସେ ରହି ରହି କହିଲେ—“ହାୟ, ଭଗବାନ୍ ! ଲେଜସ୍ ମୋ ପାଖରେ ବିଶ୍ୱାସଘାତକତା କଲା ।”

Digitized by srujanika@gmail.com

ଇନସ୍‌ପେକ୍ଟର କହିଲେ, "ତୁମେ ଭୁଲ ବୁଝିଛ । ଲେଜସ୍ ବିଶ୍ୱାସଘାତକତା କରନାହିଁ । ସେ ତାର କର୍ତ୍ତବ୍ୟ ମାତ୍ର କରିଛି ।"

"ଏଁ, ଲେଜସ୍—ମୋର ପ୍ରେମିକ ଏହା କଲା ?"

"ନା, ନା, ଲେଜସ୍—ଡିଟେକ୍ଟିଭ ଲେଜସ୍ ତାର କର୍ତ୍ତବ୍ୟ କରିଛି ।"

ସେସିଲିଆ ବିଛଣାରୁ ଉଠିଲା; ମାତ୍ର ପରମୁହୂର୍ତ୍ତରେ ସେ ଅଜ୍ଞାନହୋଇ ମେଜିଆ ଉପରେ ପଡ଼ିଗଲା ।

□□□

Digitized by srujanika@gmail.com

ସ୍ତ୍ରୀ-ବୁଦ୍ଧି

"ନାରୀ !"

"ନାରୀ ଜାତି ବିଷୟ୍ୱରେ ତୁମର ମତ କଅଣ ?"

"ହଁ, ନାରୀ ଜାତି ! ଯାଦୁକରମାନେ କୌଶଳରେ ଆମ ଆଖିରେ ସତ୍ୟକୁ ମିଥ୍ୟାରୂପେ ଓ ମିଥ୍ୟାକୁ ସତ୍ୟରୂପେ ଦେଖାଇ ଦିଅନ୍ତି; ଆମେ କାରଣ ଥାଉ ବା ନଥାଉ ପ୍ରତାରିତ ହେଉଁ; କିନ୍ତୁ ନାରୀମାନେ ଯାଦୁକରଠାରୁ ଆହୁରି କୌଶଳୀ । କେବଳ ମଜା ଦେଖିବାପାଇଁ ସେମାନେ ଆମକୁ ପ୍ରତାରିତ କରନ୍ତି । ଏହି ସବୁ କୌଶଳ ପ୍ରୟୋଗ କରିବାରେ ସେମାନେ ଧୂରନ୍ଧର । କେତେ ସରଳଭାବରେ, କେତେ ଉଦ୍ଧତଭାବରେ, ପୁଣି କି ଅଦ୍ଭୁତ-ଭାବରେ ସେମାନେ ଏହି ସବୁ କୌଶଳ ଦେଖାଇପାରନ୍ତି ? ନାରୀ-ମାନେ ଏପରିକି ଅତି ଧାର୍ମିକ, ବିବେକୀ, ନ୍ୟାୟପରାୟଣା ନାରୀ-ମାନେ ମଧ୍ୟ ସକାଳୁ ରାତିଯାଏ ପୁରୁଷ ଉପରେ କୌଶଳ ପ୍ରୟୋଗ କରିବାରେ ଲଗିଥାନ୍ତି । ସେମାନେ ଏପରି କରିବାପାଇଁ କେତେକ ସମୟରେ ବାଧହୋଇଥାନ୍ତି ବୋଲି କୁହାଯାଇପାରେ । ପୁରୁଷର ବେଳେ ବେଳେ ଜବରଦଖୋର ପ୍ରବୃତ୍ତି ଓ ଅତ୍ୟାଚାର କରିବାର ଅଭିଳାଷ ଦେଖାଯାଇଥାଏ । ସ୍ୱାମୀ ଘରଭିତରୁ ବରାବର ହାସ୍ୟକର ଆଦେଶ ଦେଉଥାଏ । ତାର ଅସଂଖ୍ୟ ଖିଆଲ । ସ୍ତ୍ରୀ ସ୍ୱାମୀକୁ ପ୍ରତାରଣା କରିବା ଉଦ୍ଦେଶ୍ୟରେ ସେହି ଆଦେଶକୁ ବ୍ୟବହାର କରେ । କୌଣସି ଜିନଷର ଦାମ୍ ଏତିକି ବୋଲି ସ୍ତ୍ରୀ

Digitized by srujanika@gmail.com

ସ୍ୱାମୀକୁ ବୁଝାଇଦଏ; କାରଣ ସେଥିରୁ ବେଶି କହିଲେ ସ୍ୱାମୀ ଅଗ୍ନିଶର୍ମା ହୋଇଉଠିବେ । ସ୍ତ୍ରୀ ଗୋଳମାଳିଆ ପରିସ୍ଥିତିରୁ ଏପରି କୌଶଳରେ ନିଜକୁ ଖସାଇ ନେଇପାରେ ଯେ ଆମେ ପରେ ତାହା ଜାଣିପାରିଲେ ବିସ୍ମୟରେ ସ୍ତବ୍ଧ ହୋଇଯିବା । ପରସ୍ପର କଥାବାର୍ତ୍ତା ହେବା—ଏଡ଼େ ସହଜ ଉପାୟଟା ଏପର୍ଯ୍ୟନ୍ତ ଆମ ବୁଦ୍ଧିକୁ ଆସି ନଥିଲା !"

× × ×

ଯେଉଁ ଭଦ୍ରବ୍ୟକ୍ତି ନାରୀର ବୁଦ୍ଧିବୃତ୍ତି ବିଷୟରେ ଏହି ମନ୍ତବ୍ୟ ପ୍ରକାଶ କଲେ, ସେ ହେଉଛନ୍ତି ମି: ଏଲ୍—ଜଣେ ଭୂତପୂର୍ବ ମନ୍ତ୍ରୀ । ଶୁଣାଯାଏ, ସେ ଜଣେ ବିଶିଷ୍ଟ ଭଦ୍ରଲୋକ ବୋଲି ପରିଚିତ ହେଲେହେଁ ନଷ୍ଟଚରିତ୍ର ଥିଲେ । ଦଳେ ଯୁବକ ତାଙ୍କ କଥା ଶୁଣୁଥିଲେ । ମି: ଏଲ୍ କହିବାକୁ ଲଗିଲେ—"ଥରେ ଜଣେ ଅତି ସାଧାରଣ ଅଶିକ୍ଷିତା ସ୍ତ୍ରୀ ବଡ଼ ଚତୁରଭାବରେ ମୋତେ ଠକି-ଦେଇଥିଲା । ତା କୌଶଳଟା ଶୁଣିଲେ ନ ହସି ରହିପାରିବ ନାହିଁ । ତୁମମାନଙ୍କ ଉପକାରପାଇଁ ସେ ଘଟଣାଟି ବର୍ଣ୍ଣନା କରୁଛି, ଶୁଣ ! ମୁଁ ସେତେବେଳେ ବୈଦେଶିକ ବିଭାଗର ମନ୍ତ୍ରୀ ଥିଲି । ପ୍ରତିଦିନ ସକାଳେ ଶାମ୍ପସଏଲିସି ଆଡ଼େ ବୁଲିବା ମୋର ଅଭ୍ୟାସ ଥିଲା । ସେତେବେଳକୁ ମଇ ମାସ; ଗଛମାନଙ୍କରେ ନୂଆପତ୍ର ଓ ଫୁଲ ହୋଇଥାଏ । ମୁଁ ତାର ସୁଗନ୍ଧ ଉପଭୋଗ କରିକରି ବୁଲିଥାଏଁ ।

"କିଛିଦିନ ପରେ ମୁଁ ଲକ୍ଷ୍ୟ କଲି, ଜଣେ ଅତି ସୁନ୍ଦରୀ ମହିଳାଙ୍କୁ ପ୍ରତିଦିନ ଦେଖା ମିଳୁଛି । ଅପୂର୍ବ ରୂପ ଓ ଭାବଭଙ୍ଗୀରୁ ଜଣାପଡ଼ୁଥିଲା ଯେ ସେ ପାରିସ୍‌ର ସୁନ୍ଦରୀମାନଙ୍କ ମଧ୍ୟରୁ ଜଣେ । ତାଙ୍କର ଶରୀରର ଗଠନ ସୁନ୍ଦର କହିଲେ ଯଥେଷ୍ଟ ହେବନାହିଁ । ତାଙ୍କର କଟିଦେଶ କ୍ଷୀଣ ଥିଲା, କାନ୍ଧ ଦୁଇଟି ନମ୍ର ଓ ବକ୍ଷଦେଶ

Digitized by srujanika@gmail.com

ଉନ୍ନତ ଥିଲା । ଏଭଳି ନାରୀ ମୂର୍ତ୍ତି ପ୍ରତି ମୋର ବିଶେଷ ଆକର୍ଷଣ ଥିଲା ।

"ସେ ଯେତେବେଳେ ତାର ପୋଷାକ ଖସ୍ ଖସ୍ କରି ଅତୁଳନୀୟ ଭଙ୍ଗୀରେ ପାଖଦେଇ ଚାଲିଯାଉଥିଲା, ସେତେବେଳେ ତାକୁ ଚାହିଁବାର ଇଚ୍ଛା ସମସ୍ତ ଶରୀର ଓ ମନକୁ ଅଧିକାର କରିବାର କଥା । ମୋପାଖେ ଚାଲିଗଲାବେଳେ ସେ ଠିକ୍ ଏ କମିତି କମିତି ମୋଆଡ଼କୁ ଚାହିଁ ଦେଉଥିଲା; କିନ୍ତୁ ନାରୀମାନେ ଅନେକ ପ୍ରକାରର ଚାହାଣି ଜାଣନ୍ତି; କେଉଁ ଚାହାଣିର ଅର୍ଥ କଅଣ ଜାଣିବା ସହଜ ନୁହେଁ ।

"ଦିନେ ସକାଳେ ସେ କୋଳରେ ଖଣ୍ଡିଏ ବହି ରଖି ବେଞ୍ଚ ଉପରେ ବସିଥିବାର ଦେଖିଲି । ସେଠାରେ ପହଞ୍ଚିବାରୁ ମୁଁ ଯାଇ ତା ପାଖରେ ବସିପଡ଼ିଲି । ଆମ ଦୁହିଁଙ୍କ ଭିତରେ ମାତ୍ର ପାଞ୍ଚମିନିଟ ଭିତରେ ବନ୍ଧୁତା ଜନ୍ମିଗଲା । ସେହିଦିନଠାରୁ ପ୍ରତିଦିନ ଆମ ଦୁହିଁଙ୍କର ଭେଟ ହେବାକୁ ଲାଗିଲା । ପ୍ରଥମେ ହସି ହସି ପରସ୍ପରକୁ ସମ୍ଭାଷଣ ଜଣାଇବା ପରେ ଆମର ଗଳ୍ପ ଚାଲୁଥିଲା । ତାଙ୍କ କଥାରୁ ମୁଁ ଜାଣିପାରିଲି ଯେ ସେ ଜଣେ ଅଫିସ କିରାନିଙ୍କର ସ୍ତ୍ରୀ; କିନ୍ତୁ ତାଙ୍କର ଜୀବନ ଦୁଃଖମୟ । ସୁଖ କଅଣ ତାଙ୍କୁ ଜଣାନଥିଲା । ଅଭାବ ଓ ପାରିବାରିକ ଜଞ୍ଜାଳରେ ସେ ବ୍ୟତିବ୍ୟସ୍ତ ।

"କଥା ପ୍ରସଙ୍ଗରେ ମୁଁ ତାକୁ ମୋର ପରିଚୟ ଦେଇ ପକାଇଲି । ହୁଏତ ମୁଁ ଅସାବଧାନ ଅବସ୍ଥାରେ ତାହା କହିଦେଲି; କିମ୍ବା ନିଜର ବଡ଼ପଣ ଦେଖାଇବା ପାଇଁ କହିଦେଲି । ମୋର ପରିଚୟ ଜାଣିପାରି ସେ ବିସ୍ମିତା ହୋଇଗଲା ।

"ଏହି ଘଟନାର ପରଦିନ ସେ ବୈଦେଶିକ ବିଭାଗର ଅଫିସ୍‌କୁ ଆସି ମୋ ସଙ୍ଗେ ଦେଖାକଲା । ଏମେ ଅଫିସ୍‌ରେ ତାର

Digitized by srujanika@gmail.com

ମୋ ସହ ସାକ୍ଷାତ ଦୈନନ୍ଦିନ ବ୍ୟାପାରରେ ପରିଣତ ହେଲା । ଅଫିସ୍‌ର କର୍ମଚାରୀମାନେ ତାକୁ ଚିହ୍ନିଗଲେ । ଚପରାସୀମାନେ ତାକୁ ଦେଖିଲାମାତ୍ରେ 'ଶ୍ରୀମତୀ ଲଅନ୍' ଆସୁଛନ୍ତି ବୋଲି ବାଟ ଛାଡ଼ିଦେଲେ । ଜାଣିଥିବ, ମୋର ନାମ ହେଉଛି ଲଅନ୍ ।

"ଏହିପରି ତିନିମାସଯାଏ ଆମର ଦେଖାସାକ୍ଷାତ୍ ଚାଲିଲା । ପ୍ରତିଦିନ ତାର ପୋଷାକପତ୍ର, ଭାବଭଙ୍ଗୀରେ ନୂତନତ୍ୱ ଫୁଟୁଥିବାରୁ ମୁଁ ତାକୁ ଦେଖାଦେବାରେ କ୍ଳାନ୍ତ ଅନୁଭବ କରିନଥିଲି; କିନ୍ତୁ ଦିନେ ହଠାତ୍ ତାର ପରିବର୍ତ୍ତନ ଦେଖିଲି । ତାର ଆଖିଯୋଡ଼ିକ ଲାଲ ପଡ଼ିଯାଇଥାଏ; ଲୁହଧାର ଗଡ଼ିପଡ଼ିଲାପରି ଜଣାଯାଉଥାଏ । ତୁଣ୍ଡରୁ କଥା ବାହାରୁ ନଥାଏ । ତାର ମନ ଭିତରେ ଯେ ଘୋର କଷ୍ଟ, ତାହା ମୁଁ ବୁଝିପାରିଲି । ତାର ଏପରି ବିଷାଦର କାରଣ ଜଣାଇବା ପାଇଁ ମୁଁ ତାକୁ ବାରମ୍ବାର ଅନୁରୋଧ କଲି । ବହୁତ କଷ୍ଟରେ ସେ ରହି ରହି କୌଣସିମତେ କହିଲା—ମୋର ଗର୍ଭ ହୋଇଛି ।

"ଏହା କହି ସେ ଧକେଇବାକୁ ଲାଗିଲା । ଆଖିରୁ ଧାରଧାର ଲୁହ ବହିଯାଉଥାଏ । ମୋର ମୁହଁଟା ବିକୃତ ହୋଇଗଲା । ଏଭଳି ସମ୍ବାଦରେ ଯେ କେହି ବିବର୍ଣ୍ଣ ହୋଇଯିବାର କଥା । ମୋର ମୁହଁ ଶୁଖିଗଲା । ଅପ୍ରତ୍ୟାଶିତ ଭାବରେ କେହି ଗୋଟିଏ ସନ୍ତାନର ପିତା ହୋଇଛି ବୋଲି ଜଣାପଡ଼ିଲେ ତାର ହୃଦୟରେ କିପରି ଆଘାତ ଲାଗିବ, ତାହା ତୁମେମାନେ ଅନୁମାନ କରିପାରୁଥିବ; କିନ୍ତୁ ଆଗ ହେଉ ବା ପଛେ ହେଉ ଏକଥା ଜଣାପଡ଼ିବ । ମୁଁ ବହୁତ କଷ୍ଟରେ ପଚାରିଲି, କିନ୍ତୁ ତୁମେ ବିବାହିତା; ଏଥେ ବିଚଳିତ ହେଉଛ କାହିଁକି ?

Digitized by srujanika@gmail.com

"ସେ ଉତ୍ତର କଲା—ହଁ ମୁଁ ବିବାହିତା; କିନ୍ତୁ ମୋର ସ୍ୱାମୀ ଦୁଇମାସ ହେଲା ଇଟାଲୀରେ ଅଛନ୍ତି । ଆହୁରି କେତେମାସ ଯାଏ ସେ ଦେଶକୁ ଫେରିବାର ଆଶା ନାହିଁ ।

"ଯେ କୌଣସି ମତେ ଏହି ଦାୟିତ୍ୱରୁ ମୁକ୍ତି ପାଇବାପାଇଁ ମୁଁ କହିଲି—ତାହାହେଲେ ଗୋଟିଏ କଥା କର, ଯେତେ ଶୀଘ୍ର ସମ୍ଭବ, ତୁମେ ତୁମ ସ୍ୱାମୀଙ୍କ ପାଖକୁ ଚାଲିଯାଅ ।

"ତାର ମୁହଁଟା ଲାଲ ପଡ଼ିଗଲା । ତଳକୁ ମୁହଁ ପୋତି ସେ ଧୀରେ ଧୀରେ କହିଲା—ହଁ, ତାହା କରିଯାଇପାରେ; କିନ୍ତୁ—। ବୋଧହୁଏ ବାକ୍ୟଟା ଶେଷକରିବାକୁ ତାର ସାହସ ନଥିଲା, କିମ୍ବା ଇଚ୍ଛା ନଥିଲା ।

"ମୁଁ ତାର ଅଭିପ୍ରାୟ ବୁଝିପାରିଲି । ଇଟାଲୀ ଯିବା ପାଇଁ ଯଥେଷ୍ଟ ଟଙ୍କା ଗୋଟିଏ ଲଫାପାରେ ଭର୍ତ୍ତିକରି ମୁଁ ତା ହାତକୁ ବଢ଼ାଇଦେଲି ।

"ଆଠଦିନ ପରେ ସେ ଇଟାଲୀର ଜେନୋଆ ସହରରୁ ମୋ ପାଖକୁ ଖଣ୍ଡେ ଚିଠି ପଠାଇଲା । ଆଉ ସପ୍ତାହକପରେ ଫ୍ଲୋରେନସ୍‌ରୁ ଖଣ୍ଡିଏ ଚିଠି ପାଇଲି । ପରେ ପରେ ଲେଗହର୍ଣ୍ଣ, ରୋମ ଓ ନେପଲସରୁ ତାର ଚିଠି ଆସିଲା ।

"ସେ ମୋ ପାଖକୁ ଲେଖିଥିଲା—ପ୍ରିୟତମ, ମୁଁ ଭଲଅଛି; କିନ୍ତୁ ମୋର ଚେହେରା ବିକୃତ ଦିଶୁଛି; କିନ୍ତୁ କାର୍ଯ୍ୟ ଶେଷ ନହେବା ପୂର୍ବରୁ ତୁମେ ମୋତେ ଦେଖିବାକୁ ପାଇବନାହିଁ । ମୋର ସ୍ୱାମୀ କିଛି ସନ୍ଦେହ କରିନାହାନ୍ତି । କାର୍ଯ୍ୟ ଉପଲକ୍ଷ୍ୟରେ ତାଙ୍କୁ ଏହି ଦେଶରେ ଅନେକ ଦିନ ରହିବାକୁ ପଡ଼ିବ । ମୋର ସନ୍ତାନ ପ୍ରସବ ନହେବାଯାଏ, ମୁ ଫ୍ରାନ୍‌ସକୁ ଫେରିବାର ପ୍ରଶ୍ନନାହିଁ ।

Digitized by srujanika@gmail.com

"ଆଠମାସ ପରେ ଭେନସରୁ ମୁଁ ଖଣ୍ଡିଏ ଟେଲିଗ୍ରାମ ଶେଷ-ଶଠି ପାଇଲି । ସେଥିରେ ଏତିକି ଥିଲା—ଗୋଟିଏ ପୁଅ ହୋଇଛି ।

"ଏହାର କିଛିଦିନ ପରେ ଦିନେ ମୁଁ ପଢ଼ାଘରେ ବସିଛି; ଏହି ସମୟରେ ସେ ହଠାତ୍ ମୋ ଘରେ ପ୍ରବେଶ କଲେ ଓ ମୋତେ ଆଲିଙ୍ଗନ କରିପକାଇଲେ । ସେ ପୂର୍ବ ଅପେକ୍ଷା ଆହୁରି ସୁନ୍ଦରୀ ଦେଖାଯାଉଥିଲେ । ଆମର ପୂର୍ବ ସମ୍ବନ୍ଧ ଫେରିଆସିଲା ।

"ଏଥି ମଧ୍ୟରେ ମୁଁ ମନ୍ତ୍ରିତ୍ୱ ତ୍ୟାଗ କଲି । ସେ ଆସି ଗ୍ରୀନେଲ ଷ୍ଟ୍ରୀଟ୍‌ର ମୋ ଘରେ ରହିଲେ । ଅନେକ ସମୟରେ ସେ ତାଙ୍କ ପୁଅ ବିଷୟରେ ଗପ କରୁଥିଲେ । କିନ୍ତୁ ସେ କଥାପ୍ରତି ମୁଁ କାନ ଦେଉନଥିଲି । ପିଲା ସଙ୍ଗେ ମୋର ସମ୍ବନ୍ଧ ? ବେଳେବେଳେ ମୁଁ ତାଙ୍କ ହାତରେ ଗୁଡ଼ିଏ ଟଙ୍କା ଗୁଞ୍ଜିଦେଇ କହୁଥିଲି—

"ଏତକ ନେଇଥାଅ, ତୁମ ପୁଅର ଦରକାରରେ ଆସିବ ।

"ଏହାପରି ଦୁଇବର୍ଷ କୁଆଡ଼େ ଚାଲିଗଲା । ପିଲାଟା ବିଷୟରେ କିଛି ନା କିଛି କହିବାପାଇଁ ତା'ର ଆଗ୍ରହ ବୃଦ୍ଧି ପାଉଥିବା ମୁଁ ଲକ୍ଷ୍ୟକଲି । ସେ ପିଲାଟିର ନାମ ମୋ ନାମ ଅନୁସାରେ ଲିଅନ ଦେଇଛି, ବୋଲି କହେ ।

"କେବେ କେବେ ସେ କାନ୍ଦି କହୁଥିଲା; 'ତୁମେ କେବେହେଲେ ପିଲାଟା କଥା ସୁଧୁନାହଁ କିପରି ? ଥରେ ତାକୁ ଦେଖିବାକୁ ସୁଦ୍ଧା କହିଲନାହିଁ । ଏଥିପାଇଁ ମୋ ମନରେ ଯେଉଁ ଦୁଃଖ ହୁଏ —'

"ଶେଷରେ ସେ ମୋତେ ଏତେ ବ୍ୟସ୍ତ କଲା ଯେ ଦିନେ ମୁଁ କହିଲି, 'କାଲି ସକାଳେ ମୁଁ ଶାମ୍ପସ ଏଲିସିକୁ ଯିବି । ତୁମେ ପିଲାକୁ ପବନ ଖୁଆଇବା ପାଇଁ ସେଠାକୁ ଆସିବ । ସେହିଠାରେ ମୁଁ ତାକୁ ଦେଖିବି ।'

Digitized by srujanika@gmail.com

"ଏହା କହି ମୁଁ ମୁଣ୍ଡରେ ଟୋପି ଓ ହାତରେ ଦସ୍ତାନା ପିନ୍ଧି ଘରୁ ବାହାରିଲି; କିନ୍ତୁ ହଠାତ୍ ମୋ ମନରେ ଗୋଟାଏ ସନ୍ଦେହ ଜାତହେଲା । ମୁଁ ଭାବିଲି ପୁରୁଷର ପ୍ରକୃତି ଦୁର୍ବଳ ଓ ସେ ସହଜେ ବୋକାମି କରେ । ମନେକର, ଶ୍ଳେଟ ପୁଅଟିକୁ ଦେଖି ମୋର ତା ପ୍ରତି ସ୍ନେହ ଆସିବ । ଯେତେହେଲେ ସେ ତ ମୋର ପୁଅ—ଲିଅନ । ସେ ସ୍ନେହବନ୍ଧନ ହୁଏତ ଛିଣ୍ଡାଇ ପାରିବିନାହିଁ । ନା, ମୋର ଯିବା ଉଚିତ ହେବନାହିଁ । ଏହିପରି ସ୍ଥିରକରି ମୁଁ ମୁଣ୍ଡରୁ ଟୋପି ଓ ହାତରୁ ଦସ୍ତାନା ଖୋଲି ରଖିଦେଲି ।

"ଏହି ସମୟରେ ମୋର ଭାଇ ମୋ ଘରର ଦ୍ୱାର ଖୋଲି ଭିତରକୁ ପଶିଆସିଲେ । ସେଦିନ ସକାଳେ ସେ ଖଣ୍ଡିଏ ବେନାମୀ ଚିଠି ପାଇଥିଲେ । ସେ ଚିଠି ଖଣ୍ଡିକୁ ମୋ ହାତକୁ ବଢ଼ାଇ-ଦେଲେ ।

"ସେଥିରେ ଲେଖାଥିଲା—ଆପଣଙ୍କ ଭାଇ ମି: ଏଲ୍‌ଙ୍କୁ ସାବଧାନ କରିଦେବେ । ଋଉଜାସେଟିର ସେ ସ୍ତ୍ରୀଲୋକଟା ଆପଣଙ୍କ ଭାଇଙ୍କର ନିର୍ବୋଧତା ହେତୁ ତାଙ୍କୁ ଉପହାସ କରି ବୁଲୁଛି । ତାଙ୍କୁ କହିବେ, ସେ ସ୍ତ୍ରୀଲୋକଟା ବିଷୟରେ ଅନୁସନ୍ଧାନ କରନ୍ତୁ ।

"ଏପର୍ଯ୍ୟନ୍ତ ସେ ସ୍ତ୍ରୀଲୋକ ସହିତ ମୋର ସମ୍ବନ୍ଧ ବିଷୟ ମୁଁ କାହାରିକୁହେଲେ କହିନଥିଲି । ବର୍ତ୍ତମାନ ଅବସ୍ଥାଚକ୍ରରେ ପଡ଼ି ମୁଁ ତାଙ୍କୁ ସମସ୍ତ ଘଟନା ଆମୂଳଚୂଳ ଜଣାଇଲି । ଶେଷରେ ତାଙ୍କୁ କହିଲି, 'ଏ ବିଷୟରେ ଆଉ କିଛି କରିବାକୁ ଯିବା ମୋର ଇଚ୍ଛା ନୁହେଁ; କିନ୍ତୁ ଭାଇ, ତୁମେ ଯାଇ ତାହା ବିଷୟରେ ଯାହା କିଛି ଅନୁସନ୍ଧାନ କରିପାର ।'

"ଭାଇ ଚାଲିଯିବା ପରେ ମୁଁ ଭାବିଲି—ସେ ମୋତେ କି ଉପାୟରେ ଠକିଥିବ ? ହୁଏତ ତା'ର ଅନ୍ୟ ପ୍ରେମିକ ଥିବେ; କିନ୍ତୁ

Digitized by srujanika@gmail.com

ସେଥିରେ ମୋର ଯାଏ କେତେ, ଆସେ କେତେ ? ସେ ଯୁବତୀ, ସେ ସୁନ୍ଦରୀ । ମୁଁ ତା'ଠାରୁ ଆଉ କଅଣ ଅଧିକା ଆଶା କରିଥିଲି ? ସେ ମୋତେ ଭଲପାଇବାପରି ମନେହୁଏ । ଆଉ ତା ପାଇଁ ମୁ ଯାହା ଖରଚ କରୁଛି; ତାହା କିଛି ବେଶି ନୁହେଁ । ଘଟନାଟା କଅଣ ମୁ ବୁଝିପାରୁନାହିଁ ।

"ଅଳ୍ପ ସମୟ ପରେ ମୋର ଭାଇ ଫେରିଆସିଲେ । ଏଥି-ମଧ୍ୟରେ ସେ ସ୍ତ୍ରୀଲୋକର ସ୍ୱାମୀ ସମ୍ବନ୍ଧରେ ଯାହା କିଛି ଜାଣିବାର କଥା ସେ ପୁଲିସ୍ ଅଫିସରୁ ତାହା ଜାଣିସାରିଥିଲେ । ତାହାର ସ୍ୱାମୀ ଘରୋଇ ବିଭାଗର ଜଣେ କିରାନି । ତାଙ୍କର ସ୍ୱଭାବ ଭଲ; ବୁଝିବିଚାରି କାମ କରନ୍ତି; କିନ୍ତୁ ସେ ଯେଉଁ ସୁନ୍ଦରୀ ସ୍ତ୍ରୀକୁ ବିବାହ କରିଛନ୍ତି, ସେ ବଡ଼ ଅମିତବ୍ୟୟୀ ।

"ଭାଇ ତା' ଘରକୁ ଯାଇ ବୁଝିଲେ ଯେ ତାଙ୍କ ସ୍ତ୍ରୀ କୁଆଡ଼େ ବାହାରକୁ ଯାଇଛନ୍ତି । ଚାକରକୁ କିଛି ବକ୍‌ସିସ୍ ଦେଇ ସେ ତାହାଠାରୁ କଥା ଆଦାୟ କରିବାକୁ ଚେଷ୍ଟାକଲେ । ତାହାଠାରୁ ଜଣାଗଲା ଯେ କିରାନି ଓ ତାଙ୍କ ସ୍ତ୍ରୀ ଦୁହେଁଯାକ ଭାରି ଭଲ ମଣିଷ । ... ନହେଲେ ମଧ୍ୟ ଗରିବଙ୍କ କଥା ବୁଝନ୍ତି ।

"ଭାଇ ପଚାରିଲେ, 'ତାଙ୍କ ସାନ ପୁଅଟିର ବୟସ କେତେ ହେଲାଣି ?'

"ତାଙ୍କର ତ ଆଦୌ ପୁଅ ନାହିଁ ।'

"କଅଣ କହୁଛ ? ତାଙ୍କ ପୁଅ—ଲିଅନ !'

"ନା, ଆପଣ ଭୁଲ କରିଛନ୍ତି, ଆଉ କାହାକଥା କହୁଛନ୍ତି ।'

"ଏଇ ଦୁଇବର୍ଷ ତଳେ ତାଙ୍କ ସ୍ତ୍ରୀଙ୍କର ଯେଉଁ ପିଲା ଇଟାଲୀରେ ଜନ୍ମ ହୋଇଥିଲା ?'

Digitized by srujanika@gmail.com

"ସେ କେବେହେଲେ ତାଙ୍କ ଜନ୍ମରେ ଇଟାଲୀ ଯାଇନାହାନ୍ତି । ଗଲା ପାଞ୍ଚବର୍ଷ ହେଲା ସେ ବରାବର ଏଇ ଘରେ ରହୁଛନ୍ତି ।'

"ମୋ ଭାଇ ଖୁବ୍ ସନ୍ଧାନ ନେଇ ବୁଝିଲେ—ପୁଅ କଥା ମିଛ, ଇଟାଲୀ ଯିବାକଥା ମିଛ । ମୁଁ ଏହା ଜାଣିପାରି ବିସ୍ମିତ ହୋଇଗଲି ।

"ମୁଁ ଭାଇଙ୍କୁ କହିଲି, 'ମୁଁ ଏହାର ଅର୍ଥ ବୁଝିପାରୁନାହିଁ । ଏ ବିଷୟରେ ସବୁ ସନ୍ଦେହ ଦୂର କରିବା ମୋର ଅଭିପ୍ରାୟ । କାଲି ଏଠାକୁ ଆସିବାପାଇଁ ମୁଁ ତାକୁ ଖବର ଦେବି; କିନ୍ତୁ ମୋ ପରିବର୍ତ୍ତେ ତୁମେ ତା ସଙ୍ଗେ କଥାବାର୍ତ୍ତା କରିବ । ସେ ଯଦି ମୋତେ ଠକିଥିବାର ପ୍ରମାଣ ପାଇବ, ତେବେ ତାକୁ ଏ ଦଶ-ହଜାର ଟଙ୍କା ଦେଇ ବିଦାୟ କରିଦେବ । ମୁଁ ଆଉ ତାର ମୁହଁ ଚାହିଁବିନାହିଁ ।'

"ପୂର୍ବ ରାତିରେ ମୋର ଦୁଃଖ ହେଉଥିଲା ଯେ ଏ ସ୍ତ୍ରୀ ଗର୍ଭରୁ ମୋର ଗୋଟାଏ ପିଲା ହୋଇଛି; କିନ୍ତୁ ତାର ଆଦୌ ପିଲା ହୋଇନଥିବାର ଶୁଣି ଲଜ୍ଜିତ ହେଲି; ମନ ବିରକ୍ତ ହେଲା । ଏବେ ମୁଁ ତା'ଠାରୁ ମୁକ୍ତ, ମୋର ତା ପ୍ରତି କୌଣସି ଦାୟିତ୍ୱ ନାହିଁ । ତଥାପି ମୋର ରାଗର ସୀମା ରହିଲାନାହିଁ ।

"ପରଦିନ ଭାଇ ମୋର ପଢ଼ାଘରେ ଅପେକ୍ଷାକରି ରହିଲେ । ସେ ଯଥାସମୟରେ ଘର ଭିତରକୁ ଯାଇ ଆଲିଙ୍ଗନ କରିବାକୁ ଦୁଇହାତ ବଢ଼ାଇଦେଲା; ମାତ୍ର ସେ ଦେଖିପାରିଲା, ସେଠାରେ ଯେ ବସିଛନ୍ତି ସେ ଅନ୍ୟଜଣେ, ମୁଁ ନୁହେଁ ।

"ଭାଇ କହିଲେ, 'ମୋ ଭାଇ ବଦଳରେ ମୁଁ ଥିବାରୁ କ୍ଷମା-ମାଗୁଛି; କିନ୍ତୁ ସେ ତୁମଠାରୁ କେତେକ ପ୍ରଶ୍ନର ଉତ୍ତର ଚାହାନ୍ତି, ମାତ୍ର ସେ ନିଜେ ପଚାରିବାକୁ କୁଣ୍ଠାବୋଧ କରି ମୋତେ ପଚାରିବାକୁ

Digitized by srujanika@gmail.com

କହିଅଛନ୍ତି । ଆମେ ସମ୍ବାଦ ପାଇଛୁ, ତୁମର ଆଦୌ ପୁଅ ନାହିଁ, ମୋ ଭାଇ ଔରସରେ ତୁମର ପୁଅହେବା ଦୂରର କଥା । ଏକଥା କଅଣ ସତ ?'

"ଟିକେ ବିଚଳିତ ହୋଇ କ୍ଷଣକପରେ ସେ ନିଜକୁ ସମ୍ଭାଳି ନେଲା । ସେ ବସିପଡ଼ି ହସି ହସି ଉତ୍ତର ଦେଲା, 'ନା, ମୋର କୌଣସି ସନ୍ତାନ ନାହିଁ ।'

"ଭାଇ ପୁଣି ପଚାରିଲେ, 'ଆମେ ଆହୁରି ଖବର ପାଇଛୁ, ତୁମେ କେବେ ଇଟାଲୀ ଯାଇନାହଁ ।'

"ଖୁବ୍ ଜୋର୍‌ରେ ହସି ସେ ଉତ୍ତର କଲା, 'ନା, ମୁଁ କେବେହେଲେ ଇଟାଲୀ ଯାଇନାହିଁ ।'

"ମୋ ଭାଇ ସ୍ମିତିଭୂତ ଭାବରେ ତାକୁ ଦଶହଜାର ଟଙ୍କା ବଢ଼ାଇ ଦେଇ କହିଲେ, 'ମୋ ଭାଇ ତୁମକୁ ଏ ଟଙ୍କା ଦେଇ କହିଛନ୍ତି—ଆଜଠାରୁ ତୁମ ସହିତ ତାଙ୍କର ସବୁ ସମ୍ବନ୍ଧ ତୁଟିଗଲା ।'

"ସେ ଟିକଏ ଗମ୍ଭୀର ହୋଇଯାଇ ଟଙ୍କାତକ ପକେଟରେ ରଖି ପଚାରିଲା, 'ମୋର ତାଙ୍କ ସଙ୍ଗେ ଆଉ ସାକ୍ଷାତ୍ ହୋଇପାରିବ-ନାହିଁ ?'

"ଭାଇ କହିଲେ, 'ନା ।'

"ଏଇଟା ବଡ଼ ଦୁଃଖର କଥା; ମୁଁ ତାଙ୍କୁ ଖୁବ୍ ଭଲ ପାଉଥିଲି ।'

"ଭାଇ କହିଲେ, ଏବେ ମୁଁ ଗୋଟିଏ କଥା ପଚାରୁଛି । ତୁମେ ମିଥ୍ୟାରେ ଇଟାଲୀ ଯାଇଥିଲ, ସେଠାରେ ପୁଅ ଜନ୍ମ ହୋଇଥିଲା ବୋଲି ଗୋଟାଏ ଗଳ୍ପ ସୃଷ୍ଟି କଲ କାହିଁକି ?'

Digitized by srujanika@gmail.com

"ଏଇ ସାମାନ୍ୟ କଥା ବୁଝି ପାରୁନାହାନ୍ତି ! ମି: ଏଲ ଜଣେ ଧନୀ ସୁନ୍ଦର ଯୁବକ । ପୁଣି ଜଣେ ମନ୍ତ୍ରୀ । ଟିକିଏ କଷ୍ଟ ସ୍ୱୀକାର କରିନଥିଲେ କ ମୋଭଳି ଜଣେ ସାଧାରଣ ଦରିଦ୍ର ସ୍ତ୍ରୀ ତାଙ୍କୁ ହାତ ମୁଠାରେ ରଖି ପାରିଥାନ୍ତା ! ଏବେ ଯେ ତାଙ୍କ ସଙ୍ଗେ ମୋର ସମ୍ବନ୍ଧ ତୁଟିଗଲା, ତାହା ହିଁ ଦୁଃଖର କଥା । ମୁଁ ତ ତାଙ୍କୁ ଚିରଦିନ ବାନ୍ଧି ରଖି ପାରିନଥାନ୍ତି । ତିନିବର୍ଷ ଯାଏ ମୋର ଉଦ୍ଦେଶ୍ୟ ସଫଳ ହେଲା; ମନ୍ଦ କଅଣ ?'

"ସେ ଚାଲିଯିବାକୁ ବାହାରିଲେ; କିନ୍ତୁ ମୁଇ ପଚାରିଲେ, 'ମୁଇଙ୍କୁ ତୁମେ ପିଲା ଦେଖାଇବାକୁ କହିଥିଲ କିପରି ?'

"କିଷ୍ଟପ୍ସ ଦେଖାଇଥାନ୍ତି । ମୋ ଭଉଣୀର ପୁଅକୁ ମାଗି ଆଣି ଦେଖାଇବାର ବନ୍ଦୋବସ୍ତ କରିଥିଲି । ବୋଧହୁଏ, ମୋର ସେଇ ଭଉଣୀଠାରୁ ଆପଣ ଖବର ପାଇଛନ୍ତି ।'

"ବେଶ୍; କିନ୍ତୁ ଇଟାଲୀରୁ ଯେଉଁସବୁ ଚିଠି ଆସିଥିଲା ?'

"ସେ ବସିଯାଇ ଖୁବ୍ ଜୋରରେ ହସି ହସି କହିଲା, 'ମି: ଏଲ୍ କଅଣ ମିଛରେ ବୈଦେଶିକ ବିଭାଗର ମନ୍ତ୍ରୀ ହୋଇଥିଲେ ?'

"ଆଉ ଗୋଟାଏ ପ୍ରଶ୍ନ ।'

"ନା, ସେଇଟା ହେଉଛି ମୋର ଗୋପନୀୟ କଥା । ସେ କଥା ମୁଁ କାହାର ଆଗରେ ପ୍ରକାଶ କରିପାରିବିନାହିଁ ।'

"ସେ ଗୋଟାଏ ବିଦ୍ରୂପପୂର୍ଣ୍ଣ ହସ ହସି ବାହାରି ଗଲା । ସେ ଯେ ମୂଳରୁ ଶେଷ ପର୍ଯ୍ୟନ୍ତ ସୁନ୍ଦର ଅଭିନୟ କରିପାରିଥିଲା, ଏଥିରେ ସନ୍ଦେହ ନାହିଁ ।"

ଶେଷରେ ମି: ଏଲ୍ ଶ୍ରୋତାମାନଙ୍କୁ ଉପଦେଶ ଦେଇ କହିଲେ, "ସାବଧାନ, ଏଭଳି 'ବିଡ଼ିକୁମ୍ଭ ପୟୋମୁଖ ସ୍ତ୍ରୀମାନଙ୍କୁ' କେବେହେଲେ ବିଶ୍ୱାସ କରିବ ନାହିଁ ।"

□□□

Digitized by srujanika@gmail.com

ନକଲି ଅଳଙ୍କାର

ଥରେ ଗୋଟିଏ ସଙ୍ଗୀତ ଆସରରେ ମି: ଲେଜ୍ରନ ଯୋଗ-ଦେଇଥିଲେ । ଆସରଟି ତାଙ୍କ ସମାଜର ଉପାଧ୍ୟକ୍ଷଙ୍କ ଘରେ ଅନୁଷ୍ଠିତ ହୋଇଥିଲା । ଏହିଠାରେ ମି: ଲେଜ୍ରନ ଜଣେ ସୁନ୍ଦରୀ ଯୁବତୀଙ୍କୁ ଦେଖିଲେ । ସେ ଏହି ଯୁବତୀଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତାଙ୍କୁ ଭଲପାଇ ବସିଲେ ।

ଏହି ଯୁବତୀ ହେଉଛନ୍ତି ମଫସଲର ଜଣେ ଡାକ୍ତରଙ୍କ କନ୍ୟା । ପିତାଙ୍କ ମୃତ୍ୟୁପରେ ବିଧବା ମାତା କନ୍ୟାଟିକୁ ସଙ୍ଗରେ ନେଇ ପାରିସ୍‌କୁ ଆସିଥିଲେ । ପାରିସରେ ତାଙ୍କର ଅନେକ ବନ୍ଧୁ ଓ ପରିଚିତ ବ୍ୟକ୍ତି ଥିଲେ । ଅନେକ ସମୟରେ ସେ ସେମାନଙ୍କ ଘରକୁ ଯାଇ ମିଳାମିଶା କରୁଥିଲେ । ଝିଅପାଇଁ ଗୋଟିଏ ଉପଯୁକ୍ତ ବର ଖୋଜିବା ତାଙ୍କର ଉଦ୍ଦେଶ୍ୟ ଥିଲା । ବିଧବା ଦରିଦ୍ର ଥିଲେ ସତ; କିନ୍ତୁ ତାଙ୍କର ଚରିତ୍ର ଅତି ଉଚ୍ଚକୋଟୀର ଥିଲା । ସେ ଶାନ୍ତ ପ୍ରକୃତିର ଥିଲେ, ଗର୍ବ ଅଭିମାନ ତାଙ୍କୁ ସ୍ପର୍ଶ କରିନଥିଲା ।

ଯୁବତୀ ଝିଅଟି ମଧ୍ୟ ସର୍ବଗୁଣ-ସମ୍ପନ୍ନା ଥିଲା । ତାର ରୂପ, ବିନମ୍ର ଆଚରଣ ସମସ୍ତଙ୍କୁ ମୁଗ୍ଧ କରୁଥିଲା । ସରଳ ମୁହଁର ମଧୁର ହସଟିରେ ତାର ଅନ୍ତରର ପବିତ୍ରତା ପ୍ରତିଫଳିତ ହେଉଥିଲା । ଯୁବକମାନେ ସାଧାରଣତଃ ଯେଉଁଭଳି ଯୁବତୀଙ୍କୁ ନିଜର ଧର୍ମପତ୍ନୀରୂପେ ପାଇବା ସ୍ୱପ୍ନ ଦେଖିଥାନ୍ତି, ସେ ସେହି ଶ୍ରେଣୀର ଗୋଟିଏ ଯୁବତୀ ଥିଲା । ଲୋକେ କହୁଥିଲେ—ଯେଉଁ

Digitized by srujanika@gmail.com

ଭାଗ୍ୟବାନ୍ ପୁରୁଷ ଏହି ଯୁବତୀର ପ୍ରେମ ଲାଭକରି ତାର ସ୍ୱାମୀ ହେବ, ସେ ଧନ୍ୟ ।

ମିଃ ଲେନ୍ତ୍ରନ୍ ମାସିକ ସାତଶହ ଟଙ୍କା ଆୟର ଗୋଟିଏ ଚାକିରି କରୁଥିଲେ । ସେ ଏହି ଆୟରେ ଗୋଟିଏ କ୍ଷୁଦ୍ର ପରିବାର ଚଳାଇପାରିବେ, ଏହି ଆଶାରେ ବିବାହକରିବେ ବୋଲି ସ୍ଥିର କଲେ । ଏହି ସୁନ୍ଦରୀ ଯୁବତୀଙ୍କ ନିକଟରେ ସେ ବିବାହ ପ୍ରସ୍ତାବ ଉତ୍‌ଥାପନ କଲେ । ଭାଗ୍ୟକୁ ସେ ମଧ୍ୟ ଏଥିରେ ସ୍ୱୀକୃତ ହେଲେ । ଫଳରେ ଉଭୟଙ୍କର ବିବାହ ହୋଇଗଲା । ମିଃ ଲେନ୍ତ୍ରନ୍ ଜଣେ ଆଦର୍ଶ ଗୃହିଣୀ ପାଇଲେ ବୋଲି ନିଜକୁ ଧନ୍ୟ ମନେକଲେ ।

ମିଃ ଲେନ୍ତ୍ରନଙ୍କ ପାରିବାରିକ ଜୀବନ ଅସାଧାରଣ ଭାବରେ ସୁଖମୟ ଥିଲା । ମିସେସ୍ ଲେନ୍ତ୍ରନ୍ ଏତେ ସୁନ୍ଦରଭାବରେ ଅଥଚ ସ୍ୱଳ୍ପ ବ୍ୟୟରେ ଘର ଚଳାଉଥିଲେ ଯେ କେବେହେଲେ ଅଭାବ ଅନୁଭୂତ ହେଉନଥିଲା । ସେମାନଙ୍କର ଜୀବନଯାତ୍ରା ଦେଖି ଯେ କେହି କହନ୍ତା, ଅବସ୍ଥାକୁ ଗୃହିଁଲେ ସେମାନେ ବେଶ୍ ଆଡ଼ମ୍ବରରେ ଚଳୁଛନ୍ତି । ପତିଙ୍କର ଯତ୍ନ ନେବାରେ, ତାଙ୍କୁ ଆଦର କରିବାରେ ଆଦୌ ତ୍ରୁଟି ନଥିଲା । ଏହିପରି ସୁଖକର ଦାମ୍ପତ୍ୟ ଜୀବନ ଅତିବାହିତ କରିବାର ଛଅବର୍ଷ ପରେ ମଧ୍ୟ ମିଃ ଲେନ୍ତ୍ରନ୍ ମନେ କଲେ ଯେ ପତ୍ନୀଙ୍କ ପ୍ରତି ତାଙ୍କର ପ୍ରେମ କ୍ରମଶଃ ବଢ଼ିବାରେ ଲାଗିଛି ।

କେବଳ ଦୁଇଟି କାରଣ ହେନ ମିଃ ଲେନ୍ତ୍ରନ୍ ଅନେକ ସମୟରେ ପତ୍ନୀଙ୍କ ଉପରେ ଦୋଷାରୋପ କରୁଥିଲେ । ସେ ଦୁଇଟି ହେଲା—ଥିଏଟର ଦେଖି ଯିବା ଓ ନକଲି ଅଳଙ୍କାର କିଣିବା । ତାଙ୍କର ଅନେକ ସାଙ୍ଗସାଥୀ ଥିଲେ । କୌଣସି ରଙ୍ଗମଞ୍ଚରେ ଗୋଟିଏ ନୂଆ ଅଭିନୟ ଆରମ୍ଭହେଲେ, ତାଙ୍କର କୌଣସି ନା

Digitized by srujanika@gmail.com

କୌଣସି ବନ୍ଧୁ ମି: ଲେମ୍ଭନ୍ ଓ ମିସେସ୍ ଲେମ୍ଭନ୍‌ଙ୍କୁ ନିମନ୍ତ୍ରଣ କରି-ନେଉଥିଲେ । ଇଚ୍ଛା ନଥିଲେ ମଧ୍ୟ ମି: ଲେମ୍ଭନ୍ ସେହି ଅଭିନୟ ଦେଖିବାକୁ ଯିବାପାଇଁ ବାଧ୍ୟ ହେଉଥିଲେ । ଦିନଯାକ ଅଫିସରେ କାମ କରି କରି ରାତିରେ ଥିଏଟର ଦେଖିବା ଯେ ମି: ଲେମ୍ଭନ୍‌ଙ୍କୁ କ୍ଳାନ୍ତ କରିଦେଉଥିଲା, ଏଥିରେ ସନ୍ଦେହ ନାହିଁ ।

କିଛିଦିନ ପରେ ମି: ଲେମ୍ଭନ୍ ପ୍ରସ୍ତାବ କଲେ, "ଦେଖ, ଦୁଇଜଣଙ୍କ ପାଇଁ ଥିଏଟରରେ ସ୍ଥାନ ରିଜର୍ଭ ହେଉଛି; କିନ୍ତୁ ମୋର ଥିଏଟର ଦେଖିଯିବା ଆଦୌ ଇଚ୍ଛା ନୁହେଁ । ତୁମେ ତୁମରି କୌଣସି ବାନ୍ଧବୀଙ୍କୁ ସଙ୍ଗରେ ନେଇ ଗଲେ ଭଲ ହୁଅନ୍ତା । ମୁଁ ଟିକିଏ ବିଶ୍ରାମ ନିଅନ୍ତି ।" ମିସେସ୍ ଲେମ୍ଭନ୍ ପ୍ରଥମେ ଏ ପ୍ରସ୍ତାବରେ ଏକବାରେ ଅସ୍ୱୀକୃତ ଥିଲେ; କିନ୍ତୁ ସ୍ୱାମୀଙ୍କର ବାରମ୍ବାର ଅନୁରୋଧରେ ରାଜିହେଲେ । ମି: ଲେମ୍ଭନ୍ ଏହି ବ୍ୟବସ୍ଥାରେ ଖୁବ୍ ଆନନ୍ଦିତ ହେଲେ ।

ଥିଏଟର ଦେଖିଯିବାର ପ୍ରବୃତ୍ତି ବୃଦ୍ଧି ପାଇବା ସଙ୍ଗେ ମିସେସ୍ ଲେମ୍ଭନ୍‌ଙ୍କର ଅଳଙ୍କାର ପିନ୍ଧିବାର ସ୍ପୃହା ମଧ୍ୟ ବୃଦ୍ଧି ପାଇଲା । ଅବଶ୍ୟ ସେ ପୂର୍ବପରି ସାଧାରଣ ଅଥଚ ରୁଚିକର ପୋଷାକ ପିନ୍ଧୁଥିଲେ; କିନ୍ତୁ ତାହା ସଙ୍ଗେ କାନପାଇଁ, ବେକ-ପାଇଁ, ବାହୁ ପାଇଁ, ଅଳଙ୍କାର କିଣାହେବାକୁ ଲାଗିଲା । ଅଳଙ୍କାର ଗୁଡ଼ିକ ନକଲି । କାନଫୁଲ ଯୋଡ଼ିକରେ ଅସଲି ହୀରାପରି ନକଲି ହୀରା ଚକ୍ ଚକ୍ କରୁଥିଲା । ତାଙ୍କର ଗଳାର ହାରଟି କୃତ୍ରିମ ମୁକ୍ତାରେ ତିଆରି ହୋଇଥିଲା । ହାତର ଚୁଡ଼ି କୃତ୍ରିମ ସୁନାର । କିନ୍ତୁ ଏସବୁ ଅଳଙ୍କାର ତାଙ୍କୁ ଖୁବ୍ ମାନୁଥିଲା ଓ ଏସବୁ ଯେ ଅସଲି ନୁହେଁ, ଅଳ୍ପ ଦାମର କୃତ୍ରିମ ଜିନିଷ ତାହା କେହି ଜାଣି-ପାରୁ ନଥିଲେ ।

Digitized by srujanika@gmail.com

ମି: ଲେଲ୍ସନ୍ ବାରମ୍ବାର ପତ୍ନୀଙ୍କୁ କହୁଥିଲେ, "ପ୍ରିୟେ, ଆମେ ଗରିବ; ପ୍ରକୃତ ସୁନାର କି ପ୍ରକୃତ ହୀରାର ବା ମୁକ୍ତାର ଅଳଙ୍କାର କିଣିପାରିବା ଆମ ସ୍ୱପ୍ନର ମଧ୍ୟ ଅଜ୍ଞାତ । ତେବେ ଏ କୃତ୍ରିମ ଅଳଙ୍କାର କିଣି ବୃଥା ଅପବ୍ୟୟ କରିବାରେ କି ଲାଭ ? ତୁମକୁ ଈଶ୍ୱର ଯେଉଁ ସୁନ୍ଦର ରୂପ ଦେଇଅଛନ୍ତି, ଯେଉଁ ଗୁଣ ଦେଇଅଛନ୍ତି, ତାହାଠାରୁ ବଳି ଆଉ କି ଅଳଙ୍କାର ଅଛି ? ତାହା ହିଁ ହେଉଛି, ନାରୀ ଜାତିର ଶ୍ରେଷ୍ଠ ଅଳଙ୍କାର ।"

ମିସେସ୍ ଲେଲ୍ସନ୍ ଟିକିଏ ମଧୁର ହସ ହସି ଦେଇ କହୁଥିଲେ, "ମୁଁ କଅଣ କରିବ, ଅଳଙ୍କାର ପ୍ରତି ମମତା ମୋର ହେଉଛି ଗୋଟାଏ ବଡ଼ ଦୁର୍ବଳତା । ଅଳଙ୍କାର ପିନ୍ଧିବାକୁ ମୋର ଅଦମ୍ୟ ଇଚ୍ଛା । କେହି ଚେଷ୍ଟାକରି କଅଣ ତାର ପ୍ରକୃତି ବଦଳାଇ ପାରିବ ?"

ଏହାପରି କହି ସେ ଗଳାର ହାରଟାକୁ ହାତରେ ଧରି ଏପରି ବୁଲାନ୍ତି ଯେ ତାହା ଚକ୍ ଚକ୍ କରି ଉଠେ; ସଙ୍ଗେ ସଙ୍ଗେ ଗେହ୍ଲେଇକରି କହନ୍ତି, "ଦେଖିଲ, ଖୁବ୍ ସୁନ୍ଦର ଦେଖାଯାଉ ନାହିଁ ? ଯେ କେହି ଦେଖିଲେ ମନେକରିବ ହାରଟି ପ୍ରକୃତ ହୀରାର ।" ମି: ଲେଲ୍ସନ୍ ହସି ହସି ଉତ୍ତର ଦଅନ୍ତି, "ତୁମର ରୁଚି ଅଦ୍ଭୁତ !"

ଅନେକ ଦିନ ସନ୍ଧ୍ୟା ସମୟରେ ଦୁହେଁଯାକ ନିଆଁ ପାଖରେ ବସି ଗପକରନ୍ତି । ମିସେସ୍ ଲେଲ୍ସନ୍ ନିଜର ଗହଣା ବାକ୍ସଟି ଟେବୁଲ ଉପରେ ରଖି ଅଳଙ୍କାରଗୁଡ଼ିକ ଗୋଟି ଗୋଟି କରି ଦେଖନ୍ତି, ସତେ ଯେପରିକି ସେଥିରୁ ସେ ଏକ ପ୍ରକାର ଅପୂର୍ବ ଆନନ୍ଦ ପାଆନ୍ତି; କିନ୍ତୁ ମି: ଲେଲ୍ସନ୍ ସେଇ ଅଳଙ୍କାରକୁ 'ବାଜେ ଜିନିଷ' କହି ଆଦୌ ଚାହାନ୍ତିନାହିଁ । ବେଳେ ବେଳେ ମିସେସ

Digitized by srujanika@gmail.com

ଲେମ୍ବନ୍ ଅତି ଆଦରରେ ହାରଟିଏ ନେଇ ସ୍ୱାମୀଙ୍କ ଗଳାରେ ଲମ୍ବାଇ ଦିଅନ୍ତି । ମି: ଲେମ୍ବନ୍ ଏଥିରେ ଅସନ୍ତୁଷ୍ଟ ହୁଅନ୍ତି; କିନ୍ତୁ ମିସେସ୍ ଲେମ୍ବନ୍ କହନ୍ତି, "ତୁମ ଗଳାରେ ଏ ହାରଟି କି ସୁନ୍ଦର ଦିଶୁଛି ?" ତତ୍ପରେ ସ୍ୱାମୀଙ୍କୁ ଆଲିଙ୍ଗନ କରି ଚୁମ୍ବନ ଦିଅନ୍ତି ।

ଥରେ ଶୀତଦିନର ଏକ ସନ୍ଧ୍ୟାରେ ମିସେସ୍ ଲେମ୍ବନ୍ ଗୋଟିଏ ଥିଏଟର ଦେଖିବାକୁ ଯାଇଥିଲେ । ସେଠାରୁ ଫେରିଲା-ବେଳେ ତାଙ୍କୁ ଥଣ୍ଡା ଧରିଲା । ତା'ପରଦିନ ତାଙ୍କର କାଶ ଓ ଜ୍ୱର ହେଲା । ଖୁନ୍ଥୁ ଖୁନ୍ଥୁ ସେ ଫୁସ୍ ଫୁସ୍ ପ୍ରଦାହ ରୋଗରେ ଆକ୍ରାନ୍ତ ହେଲେ । ଡାକ୍ତରଙ୍କ ଚିକିତ୍ସା ସତ୍ତ୍ୱେ ଆଠଦିନ ପରେ ତାଙ୍କର ମୃତ୍ୟୁ ଘଟିଲା ।

ମି: ଲେମ୍ବନଙ୍କ ଦୁଃଖର ସୀମା ରହିଲାନାହିଁ । ମାସକ ଭିତରେ ତାଙ୍କର ବାଳ ପାଚିଗଲା । ପତ୍ନୀଙ୍କୁ ଝୁରି ଝୁରି ତାଙ୍କର ଗୁଡ଼ିତ ବିଦାରି ହୋଇଗଲା । ସେ ପତ୍ନୀଙ୍କର ରୂପ ଓ ତାଙ୍କ କଥା ମନେପକାଇ କାନ୍ଦିବାକୁ ଲାଗିଲେ ।

କିନ୍ତୁ ସମୟର ଗୋଟାଏ ବିଚିତ୍ର ଶକ୍ତି ଅଛି । ସେ କ୍ରମେ ଦୁଃଖକୁ ଦୂର କରିଦିଏ । ଅଫିସରେ କାମ କରୁଥିବାବେଳେ ତାଙ୍କର ସହକର୍ମୀମାନେ ଯେତେବେଳେ ସମସାମୟିକ ଘଟଣାର ଆଲୋଚନା କରୁଥାନ୍ତି, ସେତେବେଳେ ମି: ଲେମ୍ବନ୍ କାନ୍ଦିପକାନ୍ତି; ତାଙ୍କ ଆଖିରୁ ଲୁହଧାର ବୋହିଯାଏ । ମୃତ୍ୟୁ ପୂର୍ବରୁ ତାଙ୍କ ପତ୍ନୀଙ୍କ କୋଠରି ଯେପରି ଥିଲା, ସେହିପରି ରହିଥିଲା । ତାର କୌଣସି ଜିନଷକୁ ସ୍ଥାନାନ୍ତରିତ କରିବାକୁ ତାଙ୍କର ଇଚ୍ଛା ହେଉନଥିଲା । ପ୍ରତିଦିନ ମି: ଲେମ୍ବନ୍ ସେହି ଘରେ ଏକାକୀ ରହି ପତ୍ନୀଙ୍କ ବିଷୟ ଚିନ୍ତାକରୁଥିଲେ ।

Digitized by srujanika@gmail.com

ଦିନ ଗଡ଼ି ଚାଲିଲା । କ୍ରମେ ମି: ଲୋଣ୍ଟନଙ୍କର ଜୀବନ ସଂଗ୍ରାମ କଠୋର ହୋଇ ଆସିଲା । ତାଙ୍କର ସାମାନ୍ୟ ଆୟରେ ମିସେସ୍ ଲୋଣ୍ଟନ୍ ଘରର ସମସ୍ତ ଖର୍ଚ୍ଚ ଚଳାଉଥିଲେ; କିନ୍ତୁ ଏବେ ସେହି ଆୟରେ ସେ କେବଳ ନିଜର ଖର୍ଚ୍ଚ ତୁଲାଇ ପାରିଲେନାହିଁ । ତାଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲା, ଏତିକ ଟଙ୍କାରେ ତାଙ୍କର ସ୍ତ୍ରୀ କିପରି ଭଲ ଭଲ ଖାଦ୍ୟ ଯୋଗାଇ ପାରୁଥିଲେ; ସୁନ୍ଦର ପୋଷାକ କିଣି ପାରୁଥିଲେ ।

ଯାହାହେଉ ଧାର କରଜ କରି ସେ କିଛି ଦିନ କଷ୍ଟରେ ଚଳିଲେ । ଶେଷକୁ ସେ ନିତାନ୍ତ ଦରିଦ୍ର ହୋଇପଡ଼ିଲେ । ନିତାନ୍ତ ଆବଶ୍ୟକ ଦ୍ରବ୍ୟ କିଣିବାପାଇଁ ମଧ୍ୟ ଅର୍ଥାଭାବ ଘଟିଲା । ଦିନେ ଦେଖାଗଲା, ତାଙ୍କ ପାଖରେ ଅଣାଏ ମୁଦ୍ରା ନାହିଁ । ସେ ଭାବିଲେ, 'ମୋ ସ୍ତ୍ରୀଙ୍କର ସେହି ବାଜେ ନକଲି ଅଳଙ୍କାରକୁ ବିକିଦେଲେ ଅନ୍ତତଃ କେତେଟା ଟଙ୍କା ମିଳିବ ।' ସହଜେ ଏହି ଅଳଙ୍କାର ପ୍ରତି ତାଙ୍କର ଆଗରୁ ଗୋଟାଏ ଘୃଣା ଥିଲା । ତାକୁ ଦେଖିଲା କ୍ଷଣି ମୃତ ପତ୍ନୀଙ୍କର ସ୍ମୃତି ଜାଗିଉଠି ତାଙ୍କ ମନରେ କଷ୍ଟ ଦେଉଥିଲା ।

ଜୀବନର ଶେଷଦିନ ପର୍ଯ୍ୟନ୍ତ ତାଙ୍କର ସ୍ତ୍ରୀ କିଛି ନା କିଛି ନକଲି ଅଳଙ୍କାର କିଣୁଥିଲେ । ପ୍ରାୟ ପ୍ରତିଦିନ ସେଥିରୁ କିଛି ତାଙ୍କ ଘରକୁ ଆସୁଥିଲା । ସ୍ତ୍ରୀଙ୍କ ଜୀବଦ୍ଦଶାରେ ସେ ସେହି ସ୍ୱଳ୍ପମୂଲ୍ୟ ନକଲି ବାଜେ ଜିନିଷ ପ୍ରତି ଦୃଷ୍ଟି ଦେଇ ନ ଥିଲେ । ଏବେ ଘୋର ଅର୍ଥାଭାବରେ ପଡ଼ି ସେ ତାହାକୁ ବିକିବାକୁ ସ୍ଥିର କଲେ । ଗୋଟିଏ ବଡ଼ ହାର ଥିଲା । କୃତ୍ରିମ ହୀରାର ହେଲେ ମୁଦ୍ଧା ସେଇଟି ଅତି ସୁନ୍ଦର ଦିଶୁଥିଲା । ବିକିଲେ ପାଞ୍ଚ ଛଅ ଟଙ୍କା ମିଳିଯିବ ଏହି ଆଶାରେ ସେ ହାରଟିକୁ ପକେଟରେ ପୁରାଇ ବଜାରକୁ ବାହାରି ଗଲେ । ଗୋଟିଏ ଜହ୍ଲରି ଦୋକାନରେ ସେ ପ୍ରବେଶ କଲେ; କିନ୍ତୁ

Digitized by srujanika@gmail.com

ଏଭଳି ସାମାନ୍ୟ ଜିନିଷ କିଣିବେ ବୋଲି କହିବାକୁ ତାଙ୍କର ସାହସ ଆସୁ ନ ଥାଏ । କିପରି କଥାଟା ଆରମ୍ଭ କରିବେ ଭାବି ଭାବି ସେ ଦୋକାନୀକୁ କହିଲେ; "ମହାଶୟ, ଏ ହାରଟିର ମୂଲ୍ୟ କେତେ ହେବ ?"

ଲୋକଟି ହାରକୁ ଧରି କିଛି ସମୟ ଯାଏ ଖୁବ୍ ପରୀକ୍ଷା କଲା । ତାହାପରେ ଦୋକାନର ଜଣେ କର୍ମଚାରୀକୁ ଡାକି ତା କାନରେ ଫୁସ୍ ଫୁସ୍ କରି କଅଣ କହିଲା । ହାରଟିକୁ ଟେବୁଲ ଉପରେ ରଖି ଟିକିଏ ଦୂରରୁ କିଛି ସମୟ ଯାଏ ଚାହିଁଲା । ଦୋକାନୀର ଏଭଳି କାର୍ଯ୍ୟରେ ମି: ଲୋଏସେନ୍ ବିରକ୍ତ ହୋଇଗଲେ । ସେ କଅଣ ଜାଣନ୍ତି ନାହିଁ ଯେ ହାରଟାର ମୂଲ୍ୟ ପାଞ୍ଚ ସାତ ଟଙ୍କା ହେବ । ସେଥିପାଇଁ ଏତେ ପରୀକ୍ଷାର କି ଦରକାର । ଯାହାହେଉ ଦୋକାନୀ କହିଲା, "ମହାଶୟ, ଏ ହାରଟିର ମୂଲ୍ୟ ବାରହଜାରରୁ ପନ୍ଦର ହଜାର ଟଙ୍କା ମଧ୍ୟରେ ହେବ; କିନ୍ତୁ ଆପଣ ଏ ମୂଲ୍ୟବାନ୍ ହାର କେଉଁଠାରୁ କିପରି ପାଇଲେ, ତାହା ନ ଜାଣିଲେ ମୁଁ ଏହାକୁ କିଣିପାରିବି ନାହିଁ ।"

ଦୋକାନୀର କଥାରେ ମି: ଲୋଏସେନ୍ ଏତେ ବିସ୍ମିତ ହୋଇ ଗଲେ ଯେ ତାଙ୍କ ତୁଣ୍ଡରୁ ହଠାତ୍ କଥା ବାହାରିଲା ନାହିଁ । ସେ କେବଳ ଆଁ କରି ଚାହିଁ ରହିଲେ । କିଛି ସମୟପରେ ସେ ଦୋକାନୀକୁ କହିଲେ, "ଆପଣ ଯାହା କହିଲେ, ତାହା ଠିକ୍ ନା ଆଉ କିଛି ଅଛି ? ବ୍ୟଙ୍ଗ କରୁ ନାହାନ୍ତି ତ ?"

ଦୋକାନୀ ଉତ୍ତର କଲା—"ଆପଣ ଅନ୍ୟ ଦୋକାନୀକୁ ଦେଖାଇ ବୁଝିପାରନ୍ତି । ମୋ ବିଚାରରେ ଏହାର ମୂଲ୍ୟ ଅତି ବେଶି ହେଲେ ପନ୍ଦରହଜାର ଟଙ୍କା ହେବ । ଆପଣ ଯଦି ଅନ୍ୟଠାରେ

Digitized by srujanika@gmail.com

ଏଥିରୁ ବେଶି ପାଆନ୍ତି ତ ଭଲ । ନ ହେଲେ ମୁଁ ପନ୍ଦର ହଜାର ଟଙ୍କାରେ ଏହାକୁ କିଣିବାକୁ ପ୍ରସ୍ତୁତ ।"

ମି: ଲେନ୍ତନ୍ କଅଣ କହିବେ, ସ୍ଥିରକରି ପାରିଲେନାହିଁ । ହାରଟିକୁ ପୁଣି ପକେଟରେ ପୂରାଇ ସେ ଭାବିବାକୁ ଲାଗିଲେ, "ଦୋକାନୀଟା କଅଣ ଏତେ ବୋକା ? ହୀରା ଆଉ ନକଲି ହୀରା ଚିହ୍ନି ପାରିଲାନାହିଁ ।"

ବଜାରରେ କିଛି ଦୂର ଯିବାପରେ ମି: ଲେନ୍ତନ୍ ଆଉ ଗୋଟିଏ ବଡ଼ ଅଳଙ୍କାର ଦୋକାନ ଦେଖିଲେ । ସେ ଦୋକାନ ଭିତରକୁ ପଶିଯାଇ ହାରଟିକୁ ଦୋକାନୀ ଆଗରେ ଦେଖାଇଲେ । ଦୋକାନୀ ହାରଟି ଦେଖିଲାମାତ୍ରେ ଚିହ୍ନି ପାରି କହିଲା—ଏହା ଆମରି ଦୋକାନରୁ କିଣା ହୋଇଥିଲା ।

"ଏହାର ଦାମ୍ କେତେ ହେବ ?"

"ମୁଁ ଏହାକୁ କୋଡ଼ିଏ ହଜାର ଟଙ୍କାରେ ବିକିଥିଲି। ବର୍ତ୍ତମାନ ଏହାକୁ ମୁଁ ଅଠର ହଜାର ଟଙ୍କାରେ ପୁଣି କିଣି ନେଇ ପାରେଁ ; କିନ୍ତୁ ଏଥିରେ ଟିକିଏ ଆଇନଗତ ପ୍ରଶ୍ନ ଅଛି । ଆପଣ ଏହାକୁ କେଉଁଠାରୁ ପାଇଲେ ତାହାର ପ୍ରମାଣ ଦରକାର ।"

ମି: ଲେନ୍ତନ୍ ଟଙ୍କାର ପରିମାଣ ଶୁଣି ସ୍ତମ୍ଭୀଭୂତ ହୋଇଗଲେ । କାହିଁ ପାଞ୍ଚଟଙ୍କା, କାହିଁ ଅଠର ହଜାର !

ସେ ନିଜ ଆଖି କାନକୁ ବିଶ୍ୱାସ କରିପାରିଲେ ନାହିଁ । ସେ ଥଙ୍ଗେଇ ଥଙ୍ଗେଇ କହିଲେ, "ଏ ପର୍ଯ୍ୟନ୍ତ ମୁଁ ମନେ କରିଥିଲି ଯେ ଏହା ବାଜେ ନକଲି ଜିନିଷ ।"

ଦୋକାନୀ ପଚାରିଲା, "ଆପଣଙ୍କର ନାମ କଅଣ ? ବାସସ୍ଥାନ କେଉଁଠି ?"

Digitized by srujanika@gmail.com

"ମୋର ନାମ ମି: ଲେମ୍ବନ । ମୁଁ ସରକାରଙ୍କ ଘରୋଇ ବିଭାଗର ଜଣେ କିରାନି । ମୁଁ ରହେ ଶହୀଦମାର୍ଟୀୟାର ସାହିର ୧୬ ନମ୍ବର ଘରେ ।"

ଦୋକାନି ଗୋଟାଏ ବଡ଼ ଖାତା ଆଣି କେତେ ପୃଷ୍ଠା ଓଲଟାଇ, ଗୋଟିଏ ଜାଗାର ଲେଖାକୁ ଚାହିଁ କହିଲା, "ହଁ, ମିଳିଲା । ଏ ହାରଟି ୧୮୭୬ ମସିହା ଜୁଲାଇ ୨୦ ତାରିଖ ଦିନ ଶହୀଦମାର୍ଟୀୟାର ସାହିର ୧୬ ନମ୍ବର ଘରେ ରହୁଥିବା ମିସେସ ଲେମ୍ବନ୍‌ଙ୍କ ପାଖକୁ ପଠାଯାଇଥିଲା ।"

ଦୋକାନି ଓ ମି: ଲେମ୍ବନ୍ ପରସ୍ପରକୁ ଚାହିଁ ରହିଲେ । ମି: ଲେମ୍ବନ ବିସ୍ମିତ ହୋଇ କିଛି କହିପାରୁ ନ ଥିଲେ । ଦୋକାନି ବୋଧହୁଏ ଭାବୁଥିଲା—ଲୋକଟା ଚୋର ହୋଇଥିବ । ଶେଷରେ ଦୋକାନି କହିଲା, "ଆପଣ ଦିନକ ପାଇଁ ହାରଟି ଏଠାରେ ଦେଇ ଯାଆନ୍ତୁ । ଅବଶ୍ୟ ମୁଁ ସେଥିପାଇଁ ଆପଣଙ୍କୁ ରସିଦ ଦେବି ।"

"ନିଶ୍ଚୟ ! ଏଥିରେ ଆପତ୍ତିର କିଛି କାରଣ ନାହିଁ ।" ଏହା କହି ମି: ଲେମ୍ବନ ଦୋକାନଠାରୁ ଖଣ୍ଡିଏ ରସିଦ ନେଇ ବାହାରି ଗଲେ ।

ସେ ଲକ୍ଷ୍ୟହୀନ ଭାବରେ ବଜାରରେ ବୁଲିବାକୁ ଲାଗିଲେ । ତାଙ୍କର ମୁଣ୍ଡ ଗୋଳମାଳ ହୋଇଗଲା । ଘଟଣା କଅଣ ହୋଇ-ପାରେ ସେ ଚିନ୍ତା କରିବାକୁ ଚେଷ୍ଟା କଲେ । ଏଭଳି ମୂଲ୍ୟବାନ୍ ଅଳଙ୍କାର କିଣା ହେଲା କିପରି ? ସେ ତ କେବେହେଲେ ଏତେ ଟଙ୍କା ଦେଇ ନାହାନ୍ତି ! ଦେବାର ଶକ୍ତି ତାଙ୍କର କାହିଁ ଆସନ୍ତା ! ତାହାହେଲେ କେହି ତାଙ୍କ ପତ୍ନୀଙ୍କୁ ଏହି ହାର ଉପହାର ସ୍ୱରୂପ ଦେଇଥିବ; କିନ୍ତୁ କିଏ ଦେଇଥିଲା ? କାହିଁକି ଦେଇଥିଲା ?

Digitized by srujanika@gmail.com

ଏହାପରେ ଚିନ୍ତା କରୁ କରୁ ସେ ହଠାତ୍ ରାସ୍ତା ମଝିରେ ଛିଡ଼ା-ହୋଇ ରହିଗଲେ । ଗୋଟାଏ ଭୀଷଣ ସନ୍ଦେହ ତାଙ୍କ ମନରେ ଜାଗିଲା । ଯଦି ଏହି ହାରଟିକୁ କେହି ଉପହାର ସ୍ୱରୂପ ଦେଇଥିଲା, ଅନ୍ୟ ସବୁ ଅଳଙ୍କାର ସେହିପରି ଉପହାର ସୂତ୍ରରେ ଆସିନଥିବ କାହିଁକି ? ତାଙ୍କର ମନେହେଲା—ପାଦତଳର ଭୂଇଁ ଥରଉଠୁଛି । ଆଗର ଗଛଟା ପଡ଼ିଯାଉଛି । ସେ ମୁହଁ ମାଡ଼ି ତଳେ ପଡ଼ିଗଲେ । ତାଙ୍କର ଚେତାବୁଡିଗଲା ।

ଚୈତନ୍ୟ ଫେରି ଆସିଲାବେଳକୁ ମି: ଲେଣ୍ଟ୍ରନ୍ ଦେଖିଲେ, ଗୋଟିଏ ଡାକ୍ତରୀ ଦୋକାନରେ ସେ ପଡ଼ିଛନ୍ତି । କୌଣସି ଭଦ୍ର-ଲୋକ ତାଙ୍କର ଦୁରବସ୍ଥା ଦେଖି ତାଙ୍କୁ ଡାକ୍ତରଙ୍କ ଦୋକାନକୁ ଟେକି ଆଣିଥିଲେ । ଡାକ୍ତର ତାଙ୍କୁ ତାଙ୍କ ନିଜ ଘରକୁ ପଠାଇ ଦେଲେ । ସେଦିନ ତାଙ୍କ ମନରେ ଟିକିଏ ହେଲେ ଶାନ୍ତି ଆସିଲା ନାହିଁ ; ସାରାରାତି ଅନିଦ୍ରା ଓ ଦୁଶ୍ଚିନ୍ତାରେ କଟିଗଲା ।

ପରଦିନ ମନେପଡ଼ିଲା, ଅଫିସ୍ ଯିବାକୁ ହେବ । ଏଭଳି ମନର ଆଘାତ ପାଇବାପରେ ସେ ଅଫିସ୍‌ରେ କାମ କରିବେ କପରି ? ଛୁଟିପାଇଁ ଖଣ୍ଡେ ଦରଖାସ୍ତ ପଠାଇ ଦେଇ ସେ ଘରେ ରହିବାକୁ ସ୍ଥିରକଲେ । ପୁଣି ତାଙ୍କର ମନେପଡ଼ିଲା, ଅଳଙ୍କାର ଦୋକାନକୁ ଯିବାକୁ ହେବ । ହାରଟା ଦୋକାନୀ ପାଖରେ ଅଛି । ଅଗତ୍ୟା ପୋଷାକ ପିନ୍ଧି ସେ ବାହାରିପଡ଼ିଲେ ।

ସେଦିନ ପାଗ ଖୁବ୍ ଭଲ ଥିଲା । ନୀଳ ଆକାଶ ସହର ଉପରେ ଗୋଟିଏ ଛତାପରି ଛାୟା ଦେଉଥିଲା । ଅନେକ ଲୋକ ପୋଷାକ ପିନ୍ଧି ଦୁଇ ପକେଟରେ ହାତ ପୂରାଇ ଟହଲୁଥିଲେ ।

ସେମାନଙ୍କୁ ଦେଖି ମି: ଲେଣ୍ଟ୍ରନ୍ ମନେ ମନେ ଚିନ୍ତାକଲେ ଏ ସଂସାରରେ ଯାହାର ଧନ ଅଛି, ସେ ଯଥାର୍ଥରେ ସୁଖୀ । ଧନ

Digitized by srujanika@gmail.com

ଥିଲେ ମନୁଷ୍ୟ ସବୁ ପ୍ରକାର ଦୁଃଖ ଭୁଲିଯାଇ ପାରିବ । ହାତରେ ପଇସା ଥିଲେ ମନୁଷ୍ୟ ଯେଉଁଆଡ଼େ ଇଚ୍ଛା ସେଆଡ଼େ ଯାଇପାରିବ । ନାନା ସ୍ଥାନ ବୁଲିବାଦ୍ୱାରା ମନରୁ ଦୁଃଖ ଚାଲିଯାଏ । ମୋର ପ୍ରଚୁର ଟଙ୍କା ଥାଆନ୍ତା କି ?

ତାଙ୍କୁ ଭୋକ ହେଉଥିଲା; କିନ୍ତୁ ଖାଇବେ କଅଣ ? ପାଖରେ ସେ ପଇସାଟିଏ ନାହିଁ । ପେଟଚିନ୍ତା ସଙ୍ଗେ ହାର କଥା ମନେ-ପଡ଼ିଲା । ଅଠର ହଜାର ଟଙ୍କା ! ସେ ଚାଲି ଚାଲି ପୂର୍ବଦିନର ଦୋକାନ ସମ୍ମୁଖରେ ଛିଡ଼ାହେଲେ । ଭିତରକୁ ପଶିଯିବା ପାଇଁ ସେ ମନେ ମନେ ଅନେକ ଥର ଭାବିଲେ; କିନ୍ତୁ ଲାଜରେ ଯିବାକୁ ମନ ହେଲା ନାହିଁ । କିଛି ସମୟ ଚିନ୍ତା କରିବା ପରେ ହଠାତ୍ ମନେପଡ଼ିଗଲା, ତାଙ୍କର ପକେଟ ଶୂନ୍ୟ; ପେଟରେ କିଛି ପଡ଼ି-ନାହିଁ । ସେ ହଠାତ୍ ଦୋକାନ ଭିତରକୁ ପଶିଗଲେ ।

ଦୋକାନୀ ନିଜେ ଉଠି ଆସି ତାଙ୍କୁ ବସିବା ପାଇଁ ଚଉକି ଦେଲା । ଦୋକାନର କିରାଣି ତାଙ୍କୁ ଖାତିର ଦେଖାଇ ଅଭିବାଦନ କଲା । ଦୋକାନୀ କହିଲା—"ମିଃ ଲେମ୍ବନ୍, ସେ ହାର ବିଷୟରେ ଦରକାରୀ ଅନୁସନ୍ଧାନ ହୋଇସାରିଛି । ଯଦି ଆପଣ ସେ ହାରଟି ବିକି କରିବେ ମୁଁ ଅଠର ହଜାର ଟଙ୍କା ଦେଇ ରଖିବାକୁ ପ୍ରସ୍ତୁତ ଅଛି ।"

ମିଃ ଲେମ୍ବନ୍ କହିଲେ; "ହଁ, ବିକି କରିବି ।"

ଦୋକାନୀ ଲୁହା ସିନ୍ଦୁକରୁ ଅଠର ଖଣ୍ଡି ହଜାର ଟଙ୍କିଆ ନୋଟ୍ ବାହାରକରି ମିଃ ଲେମ୍ବନ୍‌ଙ୍କ ହାତକୁ ବଢ଼ାଇଦେଲା । ରସିଦରେ ଦସ୍ତଖତ କଲାବେଳକୁ ମିଃ ଲେମ୍ବନ୍‌ଙ୍କର ହାତ ଥରଉଠିଲା ।

Digitized by srujanika@gmail.com

ଦୋକାନରୁ ବାହାର ଆସିଲାବେଳକୁ ମି: ଲେଣ୍ଟ୍ରନ୍ ବୁଲିପଡ଼ି ଦୋକାନୀକୁ କହିଲେ, "ମହାଶୟ, ମୋ ପାଖରେ ଆଉ କେତେ-ଗୁଡ଼ିଏ ଅଳଙ୍କାର ଅଛି । ସବୁ ମୋ ସ୍ତ୍ରୀଙ୍କର ଥିଲା । ସେଗୁଡ଼ିକ ବିକ୍ରି କରିଦେବା ମୋର ଇଚ୍ଛା । ଆପଣ କିଣିବେ କି ?"

ଦୋକାନୀ ହସି ହସି ଉତ୍ତର ଦେଲା, "ନିଶ୍ଚୟ, କିଣିବା ବିକିବା ତ ଆମର ବ୍ୟବସାୟ ।"

"ତାହାହେଲେ ମୁଁ ସେହି ଅଳଙ୍କାରଗୁଡ଼ିକ ନେଇ ଆସୁଛି ।" ଅଧଘଣ୍ଟାପରେ ମି: ଲେଣ୍ଟ୍ରନ୍ ଅଳଙ୍କାର ସହିତ ଦୋକାନରେ ଉପସ୍ଥିତ ହେଲେ । ଦୋକାନୀ ଗୋଟି ଗୋଟି କରି ପ୍ରତ୍ୟେକ ଅଳଙ୍କାରର ଦାମ କହିଗଲା—ହୀରାର ଏ କାନଫୁଲ ଯୋଡ଼ିକର ଦାମ କୋଡ଼ିଏ ହଜାର ଟଙ୍କା; ବାଜୁବନ୍ଧର ଦାମ ପଞ୍ଚତିରିଶ ହଜାର, ମୁଦି ଯୋଡ଼ିକର ଦାମ ଷୋଳ ହଜାର; ଏ ଦୁଇଟି ମଣିର ଦାମ ଚଉଦ ହଜାର; ଏ ସୁନା ହାର ଓ ପଦକର ଦାମ ଚାଳିଶ ହଜାର । ମୋଟରେ ହେଉଛି ଏକଲକ୍ଷ ତେୟାଳିଶ ହଜାର । ପରିହାସ ଭଙ୍ଗୀରେ ଦୋକାନୀ କହିଲା, "ଭଦ୍ରମହିଳା ତାଙ୍କର ସମସ୍ତ ଆୟ ଅଳଙ୍କାରରେ ଖଟାଇଥିଲେ !"

ମି: ଲେଣ୍ଟ୍ରନ୍ ଗମ୍ଭୀରଭାବରେ ଉତ୍ତରକଲେ, "ସେ ମଧ୍ୟ ଟଙ୍କା ଖଟାଇବାର ଗୋଟାଏ ପନ୍ଥା ।"

ସେଦିନ ମି: ଲେଣ୍ଟ୍ରନ୍ ସହରର ସବୁଠାରୁ ଆଡ଼ମ୍ବରପୂର୍ଣ୍ଣ ହୋଟେଲରେ ଭୋଜନକଲେ; ସବୁଠାରୁ ଦାମିକା ପାନୀୟ ପିଇଲେ । ତାହାପରେ ଗୋଟାଏ ଗାଡ଼ି ଭଡ଼ାକରି ସହରର ବିଳାସମୟ ଅଞ୍ଚଳରେ ବୁଲିଲେ । ଆଡ଼ମ୍ବର-ପ୍ରିୟ ବ୍ୟକ୍ତିମାନଙ୍କୁ ଲକ୍ଷ୍ୟ କରି ସେ କହୁଥିଲେ, "ମୁଁ ମଧ୍ୟ ତୁମରି ଭଳି ଧନୀ । ମୋର ଦୁଇ ଲକ୍ଷ ଟଙ୍କା ଅଛି ।"

Digitized by srujanika@gmail.com

ଗାଡ଼ିରେ ବୁଲୁ ବୁଲୁ ତାଙ୍କର ଅଫିସ କଥା ମନେପଡ଼ିଗଲା । ସେହି ଗାଡ଼ିରେ ସେ ଅଫିସକୁ ଗଲେ । ଖୁବ୍ ଆନନ୍ଦରେ ସେ ଅଫିସର ଅଧ୍ୟକ୍ଷଙ୍କୁ କହିଲେ, "ମହାଶୟ, ମୁଁ ଚାକିରିରୁ ଇସ୍ତଫା ଦେବାକୁ ଆସିଛି । ମୁଁ ଉତ୍ତରାଧିକାରୀ ସୂତ୍ରରେ ଅାଜ ତିନି ଲକ୍ଷ ଟଙ୍କା ପାଇଛି ।"

ସେ ଅଫିସ ଭିତରେ ବୁଲି ତାଙ୍କର ଭୂତପୂର୍ବ ସହକର୍ମୀମାନଙ୍କ ସହ କରମର୍ଦ୍ଦନପୂର୍ବକ ବିଦାୟନେଲେ, କେତେଜଣଙ୍କ ସହିତ ତାଙ୍କ ଭବିଷ୍ୟତ କର୍ମ ପନ୍ଥା ବିଷୟରେ ଆଲୋଚନା କଲେ । ତାହାପରେ ସେ ପୁଣି ଗୋଟିଏ ବଡ଼ ହୋଟେଲକୁ ଖାଇବାପାଇଁ ଗଲେ । ସେ ଯାହାଙ୍କ ପାଖରେ ବସି ଖାଉଥିଲେ, ସେ ଜଣେ ଧନୀ ଖାନଦାନ ଲୋକପରି ଜଣାପଡୁଥିଲେ । ଖାଉ ଖାଉ ତାଙ୍କ ସଙ୍ଗେ ଆଳାପ ଜମିଗଲା । କଥା ପ୍ରସଙ୍ଗରେ ମି: ଲେଣ୍ଟିନ୍ ତାଙ୍କୁ ଗୋପନରେ କହିଲେ, "ମୁଁ ଉତ୍ତରାଧିକାରୀ ସୂତ୍ରରେ ଆଜି ଚାରି ଲକ୍ଷ ଟଙ୍କା ପାଇଛି ।"

ସେଦିନ ସେ ଥିଏଟର ଦେଖିବାକୁ ଗଲେ । ଆଗେ ସେ ଥିଏଟରକୁ ଘୃଣା କରୁଥିଲେ; କିନ୍ତୁ ଆଜି ଥିଏଟର ଦେଖିବାରେ ତାଙ୍କର ମହା ଆନନ୍ଦ । ରାତିଟିଯାକ ମଉଜରେ କଟିଗଲା ।

ଏହି ଘଟଣାର ଛଅ ମାସପରେ ସେ ପୁଣି ବିବାହ କଲେ । ତାଙ୍କର ଏହି ଦ୍ୱିତୀୟ ସ୍ତ୍ରୀ ଖୁବ୍ ଧର୍ମପରାୟଣା ଥିଲେ; କିନ୍ତୁ ତାଙ୍କର ପ୍ରକୃତି ଉଗ୍ର ଥିଲା । ଏହା ଫଳରେ ମି: ଲେଣ୍ଟିନ୍‌ଙ୍କୁ ଘୋର ଦୁଃଖ ଭୋଗିବାକୁ ପଡ଼ିଥିଲା । □□□

Digitized by srujanika@gmail.com

କୃଷ୍ଣା

ସବୁଠାରୁ କଦର୍ଯ୍ୟ ମଇଳା ସଫାକରିବା ବିଷୟରେ ପିଏର୍ ବୋଇଟେଲ୍‌ର ଦେଶଯାକରେ ଖ୍ୟାତି ଥିଲା । ଏଭଳି କାମ କରିବାରେ କେହି ତାର ସମକକ୍ଷ ନ ଥିଲେ । କେଉଁଠାରେ ଅପରିଷ୍କାର ସ୍ଥାନରେ ଗାତ ଖୋଳିବାକୁ ହେବ, କେଉଁଠି ଖତଗଦା ଉଠାଇବାକୁ ହେବ, କେଉଁଠି ମଇଳା ଗାତରୁ ପାଣି ବାହାର କରିବାକୁ ହେବ, କେଉଁଠି ନର୍ଦ୍ଦମା ସଫା କରିବାକୁ ହେବ—ଏଭଳି କାମରେ ବୋଇଟେଲ୍‌କୁ ନିଯୁକ୍ତ କରାଯାଉଥିଲା । ଏହି ସବୁ କାମ କରିବାପାଇଁ ତାର ଉପଯୁକ୍ତ ହତିଆର ଥିଲା । କାମ କଲାବେଳେ ସେ ବରାବର ଗୁଁ ଗୁଁ ହେଉଥାଏ । କେହି ଯଦି ପଚାରେ—"ଆଚ୍ଛା, ତୋତେ ଯଦି ଏ କଦର୍ଯ୍ୟ କାମ କରିବାକୁ ଖରାପ ଲାଗୁଛି, କରୁଛୁ କାହିଁକି ?" ସେ ଉତ୍ତର ଦିଏ, "କରିବିନି କେମିତି ? ଏତେଗୁଡ଼ିଏ ପିଲାଙ୍କୁ ମୋତେ ପୋଷିବାକୁ ହେବ । ଅନ୍ୟ କାମଠାରୁ ଏଭଳି ମଇଳା କାମରେ ବେଶି ପଇସା ମିଳୁଛି ।"

ତା'ର ଥିଲେ ଚଉଦଟି ପୁଅଝିଅ । କେହି କେହି ପଚାରନ୍ତି, "ଆରେ ବୋଇଟେଲ୍, ତୋର ପିଲାମାନେ କଅଣ କରୁଛନ୍ତି ?" ନିତାନ୍ତ ନିସ୍ପୃହ ଭାବରେ ସେ ଉତ୍ତର ଦେଉଥିଲା, "ମୋ ଘରେ ସମସ୍ତେ ନାହାନ୍ତି । ପାଞ୍ଚୋଟି ଝିଅ ବିଭାହୋଇ

Digitized by srujanika@gmail.com

ଗଲେଣି । ଗୋଟିଏ ପୁଅ କୁଆଡ଼େ ଗୃକର କରୁଛି । ବାକି ଆଠଟି ଘରେ ଅଛନ୍ତି ।”

ପୁଣି ପ୍ରଶ୍ନ ହୁଏ, “ଝିଅମାନେ କଅଣ ଭଲ ଘର ବର ପାଇଛନ୍ତି ?” ଖୁବ୍ ଉତ୍ସାହ ସହକାରେ ବୋଇଲେ ଉତ୍ତର ଦିଏ, “ମୁଁ କଅଣ ବର ଖୋଜି ସେମାନଙ୍କୁ ବିଭା କରାଇଛି ? ମୁଁ ସେଥିରେ ପଶନ୍ତି କାହିଁକି ? ସେମାନେ ନିଜେ ନିଜେ ନିଜର ବର ଖୋଜି ବିଭା ହୋଇଛନ୍ତି । କାହାର ଇଚ୍ଛା ବିରୁଦ୍ଧରେ କିଛି କରାଇବା ଠିକ୍ ନୁହେଁ । ସେପରି କରାଇଲେ ଫଳ ଭଲ ହୁଏନାହିଁ । ମୁଁ ଯେ ଗୋଟାଏ ମଇଳାଗାଡ଼ି ଧରି ମଇଳାସଫା କାମ କରୁଛି, ତା’ର କାରଣ ହେଉଛି, ମୋର ବାପ ମାଆ ମୋ ଇଚ୍ଛା ବିରୁଦ୍ଧରେ କାମ କରିଥିଲେ । ତା ନୋହିଥିଲେ ମୁଁ ଗୋଟାଏ ବଡ଼େଇ କି ମିସ୍ତ୍ରୀ ହୋଇପାରିଥାନ୍ତି ।”

ତା’ର ବାପ ମାଆ କିପରି ତା’ର ଇଚ୍ଛା ବିରୁଦ୍ଧରେ କାମ କରିଥିଲେ ସେଇକଥା ଏଠାରେ କୁହାଯାଉଅଛି । ସେତେବେଳେ ସେ ସୈନିକ ବିଭାଗରେ କାମ କରୁଥିଲା । ସୈନ୍ୟଦଳ ହାର୍ଭର୍‌ରେ ଅବସ୍ଥାନ କରୁଥିଲେ । ସାଧାରଣ ସୈନିକଭଳି ସେ ଖୁବ୍ ଚ୍ଚଳକ ଓ ଚତୁର ନଥିଲା, କି ଖୁବ୍ ନିର୍ବୋଧ ନଥିଲା । ସେ ଏକ ପ୍ରକାର ସାଦାସିଧା ମଣିଷ ଥିଲା । କାମରୁ ଛୁଟି ମିଳିଲେ ହାର୍ଭର୍ ବନ୍ଦରରେ ବୁଲିବା ତାର ପ୍ରକୃତି ଥିଲା । ବିଶେଷତଃ ଯେଉଁଠାରେ ନାନା ଜାତିର ପକ୍ଷୀ ବିକ୍ରି ହୁଅନ୍ତି, ସେଠାରେ ସେ ବେଶି ସମୟ କଟାଉଥିଲା । ଅନେକ ସମୟରେ ଏକାକୀ ଓ ବେଳେବେଳେ ଜଣେ ସାଥୀ ସୈନିକ ସହିତ ସେ ଶୁଆ ପିଞ୍ଜରା-ଗୁଡ଼ିକୁ ଦେଖି ଦେଖି ବୁଲୁଥିଲା । ସେଠାରେ ନାନା ଦେଶର ପକ୍ଷୀ ଦେଖିବାକୁ ମିଳୁଥିଲା । ଆମେରିକାର କୂଳକୁ ଧରାହୋଇ ଆସିଥିବା

Digitized by srujanika@gmail.com

ଶୁଆମାନଙ୍କର ପିଠି ସବୁଜ, କିନ୍ତୁ ମୁଣ୍ଡଟି ହଳଦିଆ । ସେନଗାଲରୁ ଆସିଥିବା ଶୁଆମାନଙ୍କର ପିଠି ଧୂସର, ମାତ୍ର ମୁଣ୍ଡଟି ଲାଲ । ଆମେରିକାର ଗ୍ରୀଷ୍ମମଣ୍ଡଳରୁ ଆସିଥିବା ଶୁଆମାନେ ଖୁବ୍ ବଡ଼, ପୁଚ୍ଛ ଲମ୍ବା, ଖୁବ୍ ଯତ୍ନରେ ପୋଷା ହୋଇଥିଲା ପରି ଦେଖାଯାନ୍ତି । ପରଗୁଡ଼ିକ ଫୁଲପରି; ସତେ ଅବା ଈଶ୍ୱର ରଙ୍ଗ ଓ ତୂଳୀ ଧରି ସେମାନଙ୍କୁ ତିଆରି କରିଛନ୍ତି । ପାଖରେ ହଳଦିଆ, ନୀଳ ଓ ବିଚିତ୍ର ରଙ୍ଗର ଛୁଆମାନେ ରାବ ଛାଡ଼ୁଥାନ୍ତି । ପକ୍ଷୀମାନଙ୍କର ରାବ ବନ୍ଦରର ଗୋଳମାଳ ସହିତ ମିଶିଯାଏ । ଜାହାଜରୁ ଜିନିଷ ଖଲାସ ହେବାର ଶବ୍ଦ, ଜିନିଷ ଲଦା ହେବାର ଶବ୍ଦ, ଗାଡ଼ିଘୋଡ଼ାର ଶବ୍ଦ ମିଶି କାନ ଅତଡ଼ା ପଡ଼ିଯାଏ ।

ବୋଇତେଲ୍ ନିଜକୁ ଭୁଲିଯାଇ ଆଁ କରି ରହିଯାଏ । ହସି ହସି ପିଞ୍ଜରାର କାକାତୁଆଙ୍କୁ ଆପଣାର ଦାନ୍ତ ଦେଖାଏ । ସେମାନେ ମଧ୍ୟ ଧଳା ବା ହଳଦିଆ ଚୂଳକୁ ହଲାଇ ତା ସୈନିକପୋଷାକ ଆଡ଼କୁ ଅନାନ୍ତି । କୌଣସି କଥାକହୁଥିବା ପକ୍ଷୀ ଦେଖିଲେ ବୋଇତେଲ୍ ତାକୁ ନାନା ପ୍ରଶ୍ନ ପଚାରେ ।

ମାଙ୍କଡ଼ମାନଙ୍କୁ ଦେଖିବାରେ ତାର ଖୁବ୍ ଆନନ୍ଦ । ସେ ଭାବେ, ଧନୀଲୋକପକ୍ଷରେ ମାଙ୍କଡ଼ ପୋଷିବା ସବୁଠାରୁ ବଡ଼ ସଉକ ହେବା ଉଚିତ । ବିରାଡ଼ି, କୁକୁର ପୋଷିବା ଅପେକ୍ଷା ମାଙ୍କଡ଼ ପୋଷିବାରେ ବେଶି ମଜା ମିଳନ୍ତା ।

କାହାର ଶିକାର ପ୍ରତି, କାହାର ଚିକିତ୍ସାବିଦ୍ୟା ପ୍ରତି ବିଶେଷ ଆକର୍ଷଣ ଥିବାର ଦେଖାଯାଏ; କିନ୍ତୁ ବୋଇତେଲ୍‌ର ଏହିପରି ଜୀବ ଦେଖିବାପାଇଁ ବିଶେଷ ମନ ଥିଲା । ସୈନ୍ୟଶିବିରରୁ ଛୁଟି ମିଳିଲାମାତ୍ରେ ସେ ବନ୍ଦରଆଡ଼କୁ ଦୌଡ଼ିଯାଉଥିଲା । ଗୋଟାଏ ଅଦୃଶ୍ୟମାୟା ଆକର୍ଷଣ ତାଙ୍କୁ ସେଠାକୁ ଟାଣିନେଉଥିଲା ।

Digitized by srujanika@gmail.com

ଦିନେ ସେ ଗୋଟିଏ ବିଶିଷ୍ଟ ଧରଣର ଶୁଆ ଦେଖି ତା ଆଗରେ ଛିଡ଼ାହୋଇ ରହିଲା । ଶୁଆଟି ତା'ର ଗଳା ଫୁଲାଇ ମୁଣ୍ଡ ଉପରକୁ ଟେକୁଥିଲା ଓ ତଳକୁ ଆଣୁଥିଲା; ସତେ ଅବା ସେ ତା'ର ଶୁଆ-ଗୀତରେ ତାକୁ ଅଭିବାଦନ ଜଣାଉଥିଲା । ସେ ତାକୁ ଦେଖିବାରେ ଏକାବେଳକେ ମଜ୍ଜି ଯାଇଥିଲା । ଏହି ସମୟରେ ଶୁଆବେପାରୀର ଦୋକାନକୁ ଲଗିଥିବା ହୋଟେଲର ଦ୍ୱାର ଫିଟିଲା । ସେ ଦେଖିଲା, ଗୋଟିଏ ନିଗ୍ରୋ-ଯୁବତୀ ହୋଟେଲର ମଇଳା ଧରି ବାହାରିଆସିଲା ଓ ଉକ୍ତ ମଇଳାକୁ ରାସ୍ତାକଡ଼ରେ ଫିଙ୍ଗିଦେଲା । ଯୁବତୀ ମୁଣ୍ଡରେ ଗୋଟିଏ ରେଶମୀ ରୁମାଲ ବାନ୍ଧିଥିଲା । ବୋଇଡେଲ୍‌ର ମନୋଯୋଗ ଏବେ ଦୁଇଭାଗରେ ବିଭକ୍ତ ହୋଇଗଲା । ଗୋଟିଏ ଅଂଶ ଶୁଆଆଡ଼େ, ଅନ୍ୟ ଅଂଶଟି ସେହି ନିଗ୍ରୋ ଯୁବତୀଆଡ଼େ । କାହାକୁ ସେ ଅଧିକ ଆନନ୍ଦ ଓ ବିସ୍ମୟ ସହକାରେ ଚିନ୍ତା କରୁଥିଲା, ତାହା ସ୍ଥିର କରିବା କଠିନ ।

ମଇଳା ଫିଙ୍ଗିଦେବାପରେ ସେହି ଯୁବତୀ ମୁଣ୍ଡ ଟେକି ଚାହିଁଲା । ବୋଇଡେଲ୍‌ର ଚକ୍‌ଚକିଆ ସାମରିକ ପୋଷାକ ଦେଖି ତା'ର ଆଖି ଝଲସିଗଲା । ହାତରେ ଝାଡ଼ୁମୂଠା ଧରି ସେ ଛିଡ଼ା-ହୋଇରହିଲା । ବୋଇଡେଲ୍‌ର ମନେହେଲା, ସୈନିକମାନେ ଅଭିବାଦନ ଜଣାଇବାପାଇଁ ବନ୍ଧୁକକୁ ଯେଉଁ ଭଙ୍ଗୀରେ ଧରି ଛିଡ଼ା ହୁଅନ୍ତି; ଯୁବତୀ ସେହି ଭଙ୍ଗୀରେ ଝାଡ଼ୁମୂଠା ଧରି ଛିଡ଼ାହୋଇଥିଲା ଓ ଏଣେ ଶୁଆଟି ପୂର୍ବପରି ମୁଣ୍ଡ ତଳକୁ କରି ଓ ଉପରକୁ ଟେକି ଅଭିବାଦନ ଜଣାଉଥିଲା । କିଛି ସମୟପରେ ବୋଇଡେଲ୍ ସେଠାରୁ ଚାଲିଗଲା; କିନ୍ତୁ ଖୁବ୍ ମନ୍ଥରଗତିରେ, ଯୁଦ୍ଧଭୂମିରୁ ପଳାୟନ କଲାପରି ନୁହେଁ ।

Digitized by srujanika@gmail.com

ସେହିଦିନଠାରୁ ସେ ପ୍ରତ୍ୟହ ସେହି ହୋଟେଲ ଆଗକୁ ଆସିବାକୁ ଲଗିଲା । ଅନେକ ସମୟରେ ଝରକା କାଚ ବାଟେ ସେ ଦେଖିବାକୁ ପାଏ, ସେହି ସୁନ୍ଦରୀ ନିଗ୍ରୋ-ଯୁବତୀ ଗ୍ଲାସରେ ପାନୀୟ ପୂରାଇ ସୈନିକମାନଙ୍କ ହାତକୁ ବଢ଼ାଇଦେଉଥାଏ । କେବେ କେବେ ସେ ବାହାରକୁ ଆସି ବୋଇଟେଲ୍‌କୁ ଚାହେଁ । କିଛି-ଦିନପରେ ଦେଖାଗଲା, ଦୁହିଁଙ୍କ ମଧ୍ୟରେ ପଦେହେଲେ କଥାବାର୍ତ୍ତା ହୋଇ ନ ଥିଲେହେଁ ପରସ୍ପରକୁ ଦେଖିଲାକ୍ଷଣି ପରିଚିତ ଭଳି ଦୁହେଁ ହସିଦଅନ୍ତି । ଯୁବତୀର ଦୁଇ ଅଧର ମଝିରେ ଥିବା ମୁକ୍ତାଭଳି ଦନ୍ତପନ୍ତି ଦେଖି ବୋଇଟେଲ୍‌ର ମନ ଚହଲି ଉଠେ । ଶେଷରେ ଦିନେ ସେ ସାହସ ବାନ୍ଧି ହୋଟେଲ ଭିତରକୁ ପଶିଗଲା । ଯୁବତୀ ନିଗ୍ରୋ ହେଲେହେଁ ସୁନ୍ଦରଭାବରେ ତାର ଫରାସୀଭାଷା କହିପାରୁଥିବାର ଦେଖି ସେ ଆନନ୍ଦିତ ହେଲା । ସେଦିନ ସେ ଗିଲାସେ ଲେମୋନେଡ଼ ଯୁବତୀକୁ ଦେଲା; ଯୁବତୀ ମଧ୍ୟ ତାକୁ ଆଦରରେ ଗ୍ରହଣକଲା । ବୋଇଟେଲ୍ ଏଥିରେ ନିଜକୁ କୃତାର୍ଥ ମନେକଲା । ତେଣିକି ଏହି ହୋଟେଲକୁ ଆସି ବିବିଧ ପାନୀୟ ପିଇବା ଓ ଯୁବତୀକୁ ପିଆଇବା ତା'ର ଅଭ୍ୟାସରେ ପରିଣତ ହୋଇଗଲା ।

ଏହାଦ୍ୱାରା ତା'ର ମନରେ ଅସୀମ ଆନନ୍ଦ ଜାତ ହେଉଥିଲା । ପାନପାତ୍ରରେ ପାନୀୟ ଢାଳିବାବେଳେ ସେହି ଯୁବତୀର କଳା-ରଙ୍ଗର ହାତ ଓ ହସିବା ବେଳର ମୁକ୍ତାଭଳି ଦାନ୍ତ ତାର ମନକୁ ଅଧିକାର କରି ବସିଲା । ଏହିପରି ଦୁଇମାସର ପରିଚୟ ପରେ ସେ ଦୁହେଁ ପରସ୍ପରର ବନ୍ଧୁ ହୋଇପଡ଼ିଲେ । ବୋଇଟେଲ୍ ଲକ୍ଷ୍ୟ କଲା ଯେ ଏହି କୃଷ୍ଣକାୟ ଯୁବତୀଟି ତା ନିଜ ଦେଶର ଶ୍ୱେତକାୟ ଯୁବତୀଙ୍କଠାରୁ କୌଣସି ଗୁଣରେ ଊଣା ନୁହେଁ । ମିତବ୍ୟୟିତା,

Digitized by srujanika@gmail.com

କଠୋର ପରିଶ୍ରମ, ଧର୍ମପରାୟଣତା, ସଦାଚାର ପ୍ରଭୃତି ସଦ୍‌ଗୁଣ ତାହାଠାରେ ପରିଦୃଷ୍ଟ ହେଉଥିଲା । ଏହି ହେତୁରୁ ବୋଇଟେଲ୍ ଦିନକୁ ଦିନ ତାହାକୁ ବେଶି ଭଲପାଇବାକୁ ଲାଗିଲା ଓ ଶେଷରେ ତାକୁ ବିବାହ କରିବ ବୋଲି ସ୍ଥିର କଲା ।

ସେ ତାହାର ଏହି ଅଭିପ୍ରାୟ ଜଣାଇବାରୁ ଯୁବତୀ ଆନନ୍ଦରେ ଅଧୀର ହୋଇପଡ଼ିଲା ।

ପିଲାଦିନେ ଜଣେ ମାର୍କିନ କାପ୍‌ଟେନ ତାକୁ ହାଭର୍ ବନ୍ଦରରେ ଛାଡ଼ିଦେଇ ଯାଇଥିଲେ । ସେତେବେଳକୁ ତାକୁ ମାତ୍ର ଛଅ ବର୍ଷ ହୋଇଥିଲା । ଜାହାଜରେ ତୁଳା ଲଦା ହୋଇ ଆସିଥିଲା । ନିଉୟର୍କ ଛାଡ଼ିବାର କେତେକ ଘଣ୍ଟାପରେ କାପ୍‌ଟେନ ଏହି ପିଲାଟି ତୁଳାଗଦା ପାଖରେ ବସିଥିବାର ଦେଖିଥିଲେ । ହାଭର୍ ବନ୍ଦରରେ ପହଞ୍ଚି ସେ ପିଲାଟିକୁ ଜଣେ ସ୍ତ୍ରୀ ଜିମାରେ ଦେଇଥିଲେ । ପିଲାଟି ଯେ କାହିଁ, କପରି ଜାହାଜକୁ ଆସିଲା, ତାହା କାପ୍‌ଟେନ ଜାଣିପାରି ନଥିଲେ । ପାଳକମାତା ମରିଯିବାପରେ ସେ ଆସି ହୋଟେଲରେ ଚାକିରି କଲା ଓ ପାଳକମାତାଙ୍କର ଯାହା କିଛି ସାମାନ୍ୟ ସମ୍ପତ୍ତି ଥିଲା, ତାହା ମଧ୍ୟ ପାଇଲା ।

ଉଭୟେ ପରସ୍ପର ବିବାହ ବିଷୟରେ ଆନନ୍ଦରେ ସମ୍ମତ ହେଲେ । ବୋଇଟେଲ୍ କହିଲା, "ମୋର ବାପମାଆ ରାଜି ହେଲେ ଆମର ବିବାହର ହେବ । ତୁମେ ବୁଝିପାରୁଥିବ, ମୁଁ ସେମାନଙ୍କ ଇଚ୍ଛା ବିରୁଦ୍ଧରେ କିଛି କରିପାରିବି ନାହିଁ । ଏଥର ମୁଁ ଘରକୁ ଗଲେ ଏ ବିଷୟରେ ସେମାନଙ୍କ ସଙ୍ଗେ କଥାବାର୍ତ୍ତା ହେବ ।"

ତେବିବାହ ପରବର୍ତ୍ତୀ ସପ୍ତାହରେ ପୂରା ଦିନଟିଏ ଛୁଟି ମିଳା-ଯିବାରୁ ବୋଇଟେଲ୍ ନିଜ ଘରକୁ ଚାଲି । ତାର ବାପା ଗାଁରେ କିଛି ଜମି ଚାଷ କରି ଚଳୁଥିଲେ । ମଧ୍ୟାହ୍ନ ଭୋଜନପରେ

Digitized by srujanika@gmail.com

ସାଧାରଣତଃ ସମସ୍ତଙ୍କର ମନଟା ଟିକିଏ ଭଲ ରହେ । ବୋଇତେଲ୍ ସେହି ସମୟରେ ବାପମାଆଙ୍କୁ ଜଣାଇଲା ଯେ ସେ ତାର ମନୋମତ ଝିଅଟିଏ ସ୍ଥିର କରିଅଛି; ସେ ଝିଅଠାରୁ ଯାହା ସବୁ ଆଶାକରେ ତାହା ପୂର୍ଣ୍ଣମାତ୍ରାରେ ତାହାଠାରେ ଅଛି ।

ବୁଢ଼ାବୁଢ଼ୀ ଏହା ଶୁଣି ଟିକିଏ ସାବଧାନ ହୋଇଗଲେ ଓ ଝିଅଟି ବିଷୟରେ ନାନାକଥା ପଚାରିଲେ । ପ୍ରଥମେ ସେ ବାପ-ମାଆଙ୍କୁ ତା ବିଷୟରେ ସବୁକଥା ସଫା ସଫା କହିଗଲା; କେବଳ ସେ କୃଷ୍ଣକାୟ ବୋଲି କହିଲାନାହିଁ । ଝିଅଟି ଗୃହକର୍ମ କରୁଛି; ହାତରେ ଧନ ନାହିଁ; କିନ୍ତୁ ତା ଦେହରେ ବଳ ଅଛି; ଜଗିରଖି ଖର୍ଚ୍ଚ କରେ; ସଫାସୁତୁରା, ବ୍ୟବହାର ଭଲ, ବୁଦ୍ଧି ବିଚାର ଅଛି । ଏତେଗୁଡ଼ିଏ ଭଲଗୁଣ ତ ଅଛି । ଘରଣୀ ଭଲ ନ ହେଲେ ଟଙ୍କା ରହିବ କାହିଁ ? ପୁଣି ତାର ପାଳିତ ମାଆ ତାପାଇଁ କିଛି ରଖି ଯାଇଛି । ବ୍ୟାଙ୍କରେ ତା'ର ସେଇ ପନ୍ଦର ଶହ ଟଙ୍କା ଅଛି । ପୁଅଠାରୁ ଏସବୁ ଶୁଣିଲାପରେ ବୁଢ଼ାବୁଢ଼ୀ ଏ ପ୍ରସ୍ତାବରେ ଏକ ପ୍ରକାର ରାଜିହୋଇ ଆସୁଥିଲେ । ବୋଇତେଲ୍ ଏହି ସମୟରେ ଅସଲ କଥାଟି ଜଣାଇବା ଉଦ୍ଦେଶ୍ୟରେ କହିଲା, "ତା ବିଷୟରେ କେବଳ ଗୋଟିଏ କଥା ମୁଁ କହିନାହିଁ । ହୁଏତ ସେକଥାଟା ତୁମକୁ ଭଲ ଲାଗିନପାରେ । କଥାଟି ହେଉଛି, ସେ ଆମ ଭଳି ଗୋରୀ ନୁହେଁ ।"

ବାପମାଆ ଏହାର ଅର୍ଥ ବୁଝିପାରିଲେ ନାହିଁ । ତହୁଁ ବୋଇତେଲ୍ ଅତି ସାବଧାନରେ ସେମାନଙ୍କୁ ନ ଚମକାଇଲାଭଳି ବୁଝାଇଦେଲା ଯେ ସେ ଗୋଟିଏ ଅନ୍ୟ ଜାତିର ଲୋକ, ସେ ଜାତିର ଲୋକଙ୍କ ବର୍ଣ୍ଣ ଟିକିଏ କଳା । ସେ ଜାତିର ଲୋକଙ୍କ ରୂପ ଏପିନାଲର ପ୍ରଦର୍ଶନୀରେ ଦେଖିଥିବା ସମ୍ଭବ । ଏହା ଶୁଣି ସେ ଦୁହେଁ ବିଚଳିତ

Digitized by srujanika@gmail.com

ହୋଇପଡ଼ିଲେ; ସତେ ଅବା ପୁଅ ଗୋଟାଏ ସଇତାନ ସଙ୍ଗେ ବିବାହ ହେବାକୁ ବସିଛି ।

ମାଆ କହିଲ, "କଳା ? ତା'ର କେଉଁ ଅଂଶଟା କଳା ? କଅଣ ସାରା ଦେହଟାଯାକ କଳା ?"

ପୁଅ ଉତ୍ତର କଲ, "ହଁ, ଦେହଟାଯାକ । ତମ ଦେହଟାର ସବୁ ଅଂଶ ଯେପରି ଧଳା, ତା ଦେହର ସବୁ ଅଂଶ ସେହିପରି କଳା ।"

ବାପ ପଚାରିଲ, "କେମିତି କଳା ? କଅଣ ହାଣ୍ଡିପରି କଳା ?"

ବୋଇଡେଲ୍ କହିଲ, "ବୋଧହୁଏ ସେତେ କଳା ନୁହେଁ; ତହିଁରୁ ଟିକିଏ କମ୍ ହେବ । ତାର ରଙ୍ଗ କଳା ସତ, କିନ୍ତୁ ଦେଖିବାକୁ କଦର୍ଯ୍ୟ ନୁହେ । ଆମ ପୁରୋହିତଙ୍କ ପୋଷାକ କଳା; କିନ୍ତୁ କଦର୍ଯ୍ୟ ନୁହେଁ ।"

ବାପ ପୁଣି ପଚାରିଲ, "ତାଙ୍କ ଦେଶରେ ତା' ଛଡ଼ା ଆଉ କଳାଲୋକ ଅଛନ୍ତି ?"

ପୁଅ ଉତ୍ତର କଲ, "ନିଶ୍ଚୟ !"

ବାପ ମୁଣ୍ଡ ହଲାଇ ହଲାଇ କହିଲ, "ତାହାହେଲେ ତ ଚଳିବ ନାହିଁ । ଅସୁବିଧାର କଥା ।"

ପୁଅ ବୁଝାଇବାକୁ ଯାଇ କହିଲ, "ସବୁଥରେ ଯେପରି ପ୍ରଥମେ ଟିକିଏ ଅସୁବିଧା ଥାଏ, ଏ ମଧ୍ୟ ସେହିପରି । କିଛିଦିନ ମଧ୍ୟରେ ଅଭ୍ୟାସରେ ପଡ଼ିଯିବ । ଟିକିଏ ଅସୁବିଧା ହେବନାହିଁ ।"

ମାଆ କହିଲ, "ତା ଦେହର କଳାରଙ୍ଗଯୋଗେ ଲୁଗା ବେଶି ମଇଳା ହୋଇଯିବ ନାହିଁ ?"

Digitized by srujanika@gmail.com

"ତମ ଧଳାରଙ୍ଗର ଚମଡ଼ାଯୋଗେ ଲୁଗା ଯେତିକି ମଇଳା ହୁଏ, ତହିଁରୁ ବେଶି ମଇଳା ହେବନାହିଁ । କଳା ହେଉଛି ତାର ଦେହର ରଙ୍ଗ ।"

ପୁଅ ସହିତ ଏହିପରି ଅନେକ ଆଲୋଚନାପରେ ବାପ ମାଆ ସ୍ଥିରକଲେ, ସେ ଝିଅକୁ ଦେଖିଲାପରେ ଯାହା କିଛି ସ୍ଥିର କରାଯିବ । ଆଉ ମାସକ ପରେ ପୁଅ ଯୁଦ୍ଧକାମରୁ ଫେରିଆସିବ । ସେତେବେଳେ ସେ ସେହି ଝିଅକୁ ତା ସାଥିରେ ନେଇଆସିବ । ବାପ ମାଆ ପରୀକ୍ଷାକରି ଦେଖିବେ; ଯଦି ଅତି କଳା ହୋଇନଥିବ; ତେବେ ତାକୁ ବୋହୂ କରିବେ ।

ବୋଇତେଲ୍ ମଇ ମାସ ୨୨ ତାରିଖରେ କାର୍ଯ୍ୟରୁ ଖଲାସ ହେବ । ସେହିଦିନ ସେ ତାର ପ୍ରେୟସୀକୁ ନେଇ ଗାଡ଼ିରେ ଟୁର୍ଭି-ଲକୁ ଆସିବ । ସେଦିନ ସେହି ଯୁବତୀ ତାର ଶ୍ରେଷ୍ଠ ପୋଷାକ ପିନ୍ଧିଲା । ପୋଷାକଟି ନାନା ବର୍ଣ୍ଣରେ ଚଳିତ ହୋଇଥିବାରୁ ଖୁବ୍ ସୁନ୍ଦର ଦିଶୁଥିଲା । ମନେହେଉଥିଲା, ସେ କୌଣସି ଜାତୀୟ ଉତ୍ସବରେ ଯୋଗଦେବାକୁ ଯାଉଛି ପରି ! ଦୁହେଁ ଗାଡ଼ିରେ ବସିଲେ । ସମସ୍ତଙ୍କ ଦୃଷ୍ଟି ସେହି ଯୁବତୀ ଉପରେ । ଯାହାକୁ ଦେଖିବାପାଇଁ ଏତେ ଲୋକ ଅଧୀର, ତା'ର ହାତଧରି ବସିଥିବାରୁ ବୋଇତେଲ୍ ମଧ୍ୟ ମନେ ମନେ ଗର୍ବ ଅନୁଭବ କରୁଥିଲା । ତା'କୁ ଦେଖିବା ପାଇଁ ପାଖ ଡବାର ଯାତ୍ରୀମାନେ ଆପଣା ବେଞ୍ଚ ଉପରେ ଛିଡ଼ା ହୋଇ ବାଡ଼ ଉପରୁ ଚାହୁଁଥିଲେ । ଗୋଟିଏ ଛୋଟ ପିଲା ତାକୁ ଦେଖିଲା-କ୍ଷଣି ଭୟରେ କାନ୍ଦପକାଇଲା । ଆଉ ଗୋଟିଏ ପିଲା ତାର ମାଆର ଘାଗରା ଭିତରେ ମୁହଁ ଲୁଚାଇଦେଲା । ଯାହା ହେଉ ଗାଡ଼ିର ଗତି କମିଆସିଲା; ସ୍ଟେସନ ନିକଟ ହୋଇଗଲା । ବୋଇତେଲର ମନ କମ୍ପିଲା ପରି ବୋଧ ହେଲା । ଯେତେ ଅବା ତାକୁ ପ୍ୟାରେଡ଼ରେ

Digitized by srujanika@gmail.com

ଯୋଗଦେବାକୁ ଯାଉଛି, ଅଥଚ ଭଲ ଅଭ୍ୟାସ କରନାହିଁ । ସେ ଗାଡ଼ିର ଝରକାବାଟେ ବାହାରକୁ ଚାହିଁଲା । ଦେଖିଲା, ବାପା ଗୋଟିଏ ଗାଡ଼ି ଆଣିଛନ୍ତି । ସେ ଘୋଡ଼ାକୁ ସମ୍ଭାଳିବାପାଇଁ ତା'ର ଲଗାମକୁ ଟାଣିଧରିଛନ୍ତି; ଆଉ ତା'ର ମାଆ ପ୍ଲାଟଫର୍ମରେ ଠିଆ ହୋଇଛନ୍ତି; ତାଙ୍କ ଚାରିପାଖେ ଅନେକ ଲୋକ ।

ବୋଇଡେଲ୍ ପ୍ରଥମେ ଗାଡ଼ିରୁ ଓହ୍ଲାଇଲା ଓ ହାତବଢ଼ାଇ ତାର ପ୍ରେୟସୀକୁ ଓହ୍ଲାଇବାରେ ସାହାଯ୍ୟ କଲା । ଦୁହେଁଯାକ ବୋଇଡେଲ୍‌ର ବାପମାଆଙ୍କ ପାଖକୁ ଗଲେ ।

ବୋଇଡେଲ୍‌ର ମାଆ ଏହି କୃଷ୍ଣକାୟ ଯୁବତୀ ଓ ତା'ର ନାନାରଙ୍ଗର ପୋଷାକଦେଖି କିଛିବେଳପାଏ ସ୍ତମ୍ଭୀଭୂତ ହୋଇଗଲେ । ତାଙ୍କର ତୁଣ୍ଡରୁ ପଦେହେଲେ କଥା ବାହାରିଲା ନାହିଁ । ଏଣେ ଘୋଡ଼ାଟା ଏଡ଼େ ଅସମ୍ଭାଳ ହେଲା ଯେ ତା'କୁ ଆୟତ୍ତରେ ରଖିବା ତା'ର ବାପାଙ୍କ ପକ୍ଷରେ କଷ୍ଟକର ହେଲା । ଘୋଡ଼ାଟା ଯେ କାହିଁକି ଆଗଗୋଡ଼ ଟେକି ଏପରି ଅଥୟ ହେଉଥିଲା, କହିହେବ ନାହିଁ । ହୁଏତ ଏହି କଳାରଙ୍ଗର ଯୁବତୀ ଓ ତାର ଚହବଚହ ପୋଷାକକୁ ଦେଖି ହୋଇଥିବ ଅଥବା ଇଞ୍ଜିନର ଶବ୍ଦ ଶୁଣି ହୋଇଥିବ । ବୃଦ୍ଧ ବାପମାଆଙ୍କୁ ଦେଖିଲା ମାତ୍ରେ ବୋଇଡେଲ୍ ଆନନ୍ଦରେ ଅଧୀର ହୋଇପଡ଼ିଲା ଓ ଦଉଡ଼ି ଯାଇ ସେ ଦୁହିଁଙ୍କୁ ଆଲିଙ୍ଗନ କଲା । ଏଣେ ଯାତ୍ରୀମାନେ ବୋଇଡେଲ୍‌ର ଏହି ବିଚିତ୍ର ସଙ୍ଗିନୀଙ୍କୁ ଦେଖିବାଲାଗି ରୁଣ୍ଡ ହୋଇ ଯାଇଥିଲେ ।

ବୋଇଡେଲ୍ ତା'ର ବାପ-ମାଆଙ୍କୁ କହିଲା, "ମୁଁ ଯେଉଁ ନିଗ୍ରୋ ଯୁବତୀକୁ ବିବାହ କରିବ ବୋଲି କହୁଥିଲି ସେ ହେଉଛି ଏଇ । ପ୍ରଥମେ ତୁମମାନଙ୍କୁ ଟିକିଏ ଅଡ଼ୁଆ ଲାଗିପାରେ; କିନ୍ତୁ

Digitized by srujanika@gmail.com

ତା'କୁ ଭଲକରି ଜାଣିଲାପରେ ଦେଖିବ, ତାଭଳି ଭଲ ଝିଅଟିଏ ପୃଥିବୀରେ ଦୁର୍ଲଭ । କିଛି ଖରାପ ନ ଭାବି ଯାଅ, ତାକୁ ସମ୍ଭାଷଣ କରି ଆଣ ।”

ମାଆ ସେତେବେଳକୁ ଭୟ କରି ଯାଇଥିଲେ । ତଥାପି ପୁଅର କଥାରେ ସେ ନିଗ୍ରୋ ଯୁବତୀକୁ ଅଭିବାଦନ ଜଣାଇଲେ ଓ ବାପା ମଧ୍ୟ ମୁଣ୍ଡରୁ ଟୋପି କାଢ଼ି 'ଭାଗ୍ୟବତୀ ହୁଅ' ବୋଲି ଆଶୀର୍ବାଦ କଲେ ।

ଗାଡ଼ିର ଏକ ପାଖରେ ବୋଇଟେଲ୍ ତାର ବାପାଙ୍କ ପାଖରେ ଗାଡ଼ିଉପରେ ବସିଲା ଓ ମାଆ ନିଗ୍ରୋ ଯୁବତୀ ସହିତ ଗାଡ଼ିଭିତରେ ବସିଲେ । ଗାଡ଼ି ଚାଲିଲା । ଅସମାନ ରାସ୍ତାରେ ସେମାନେ ଉଠିପଡ଼ି ଯିବାକୁ ଲାଗିଲେ ।

ସମସ୍ତେ ନୀରବ । ବୋଇଟେଲ୍‌ର ବାପା ହାତରେ ଚାବୁକ ଧରି ଗାଡ଼ି ଚଳାଉଥାନ୍ତି । ନୀରବତା ଭାଙ୍ଗିବାପାଇଁ ବୋଇଟେଲ୍ ବେଳେବେଳେ ପଦେଅଧେ ଗୀତ ଗାଉଥାଏ । ତାର ମାଆ କଣେଇ କଣେଇ ନିଗ୍ରୋ ଯୁବତୀର ମୁହଁକୁ ଚାହୁଁଥାନ୍ତି । ତାର କପାଳ ଓ ଗାଲ ବୋଧ ହେଉଥିଲା, ସତେ ଯେପରି କଳାଜୋତାରେ ରଙ୍ଗ ଦିଆହୋଇ ଚକ୍‌ଚକ୍ ଦିଶୁଛି ।

କଥା ଆରମ୍ଭ କରିବା ଉଦ୍ଦେଶ୍ୟରେ ବୋଇଟେଲ୍ ମାଆକୁ କହିଲା, “ମାଆ, କିଛି କହୁନାହଁ ଯେ !”

ବୁଢ଼ୀ ଉତ୍ତର କଲା, “କଥାବାର୍ତ୍ତା ହେବାକୁ ବେଳ ମିଳିଲେ ହେବ ।”

ବୋଇଟେଲ୍—ତୁମର ସେଇ ମାଈ କୁକୁଡ଼ା କଥା କହ, ଯିଏ ଆଠଟି ଅଣ୍ଡା ଦେଇଥିଲା ।

Digitized by srujanika@gmail.com

ଏହି 'ଆଠଟି ଅଣ୍ଡା' କଥା ତାଙ୍କ ପରିବାରରେ ଗୋଟିଏ ବଡ଼ କୌତୁହଳର ବିଷୟ । କିନ୍ତୁ ମାଆ ଭାବାବିଷ୍ଟ ହୋଇଥିବାରୁ କିଛି କହିଲେ ନାହିଁ । ଅଗତ୍ୟା ବୋଇତେଲ୍ ଖୁବ୍ ହସି ହସି ସେହି 'ଆଠଟି ଅଣ୍ଡା' ବିଷୟ ବର୍ଣ୍ଣନା କଲା । ବୋଇତେଲ୍‌ର ବାପା ଏ କଥାଟି ପୂରା ମନେ ରଖିଥିଲେ । କିଛି ସମୟପରେ ସେ ପୁଅର ବର୍ଣ୍ଣନାରେ ଯୋଗଦେଲେ । ମାଆ ମଧ୍ୟ ତାଙ୍କ ଉଦାହରଣ ଅନୁସରଣ କଲେ । ଶେଷକୁ ଯେତେବେଳେ ଗଳ୍ପର. ସବୁଠାରୁ ହାସ୍ୟଜନକ ବର୍ଣ୍ଣନା ପଡ଼ିଲା, ନିଗ୍ରୋ ଯୁବତୀ ମଧ୍ୟ ଏତେ ଜୋର୍‌ରେ ହସିଉଠିଲା ଯେ ଘୋଡ଼ା ତାହା ଶୁଣି କିଛି ସମୟଯାଏ କଦମ୍ ପକାଇ ଚାଲିଲା । ଏହିପରି ପରିଚୟର ସୂତ୍ରପାତ ହେଲା । ଏଣିକି ସେମାନଙ୍କ ଭିତରେ କଥାବାର୍ତ୍ତା ଚାଲିଲା ।

ଗାଡ଼ି ଘରେ ପହଞ୍ଚିବାରୁ ସମସ୍ତେ ଗାଡ଼ିରୁ ଓହ୍ଲାଇଲେ । ବୋଇତେଲ୍ ତା'ର ପ୍ରେମିକାକୁ ଗୋଟିଏ କୋଠରି ଭିତରକୁ ନେଇଗଲା । ସେଠାରେ ସେ ପୋଷାକ ବଦଳାଇ ଖାଦ୍ୟ ପ୍ରସ୍ତୁତ କରିବ । ଏହା ଫଳରେ ତା'ର ବାପା ମାଆ ସେହି ଯୁବତୀଉପରେ ସନ୍ତୁଷ୍ଟ ହେବେ ବୋଲି ସେ ଆଶା କରିଥିଲା ।

ଏହାପରେ ସେ ବାପମାଆଙ୍କୁ ଅଲଗା ଡାକି ପଚାରିଲା, "ଝିଅଟିକୁ ତ ଦେଖିଲ । ଏବେ କଅଣ କହୁଛ !"

ବାପା କିଛି କହିଲେ ନାହିଁ । ମାଆଙ୍କ ସାହାସ ବେଶି । ସେ କହିଲେ, "ଯେତେହେଲେ କଅଣ ହେବ ? ସେ ଭାରି କଳା । ତାକୁ ଦେଖିଲାକ୍ଷଣି ମୋ ରକ୍ତ କଅଣ ହୋଇଯାଉଛି ।"

"ହଁ, ଟିକିଏ କେମିତି ମନ ଖରାପ ହେଉଥିବ । କିନ୍ତୁ ତାହା ଅଳ୍ପ ସମୟ ପାଇଁ ।"

Digitized by srujanika@gmail.com

ତିନିହେଁଯାକ ଭିତର ଘରକୁ ଗଲେ । ଯୁବତୀ ସୁନ୍ଦରୀ ଥିବାର ଦେଖି ମାଆଙ୍କ ମନ ଟିକିଏ ଚହଲିଗଲା । ବୃଦ୍ଧାବସ୍ଥା ସତ୍ତ୍ୱେ ମାଆ ଯାଇ ତାକୁ ସାହାଯ୍ୟ କରିବାକୁ ଲାଗିଲେ । ସେ ଦିନର ରନ୍ଧା ଚମତ୍କାର ହୋଇଥିଲା । ସମସ୍ତେ ଖୁବ୍ ତୃପ୍ତିର ସହିତ ଭୋଜନ କଲେ । ଭୋଜନ ପରେ ବୁଲିଗଲାବେଳେ ବୋଇଚେଲ୍ ବାପାଙ୍କୁ ପଚାରିଲା, "ବାପା, ଏବେ ତୁମେ କଅଣ କହୁଛ ?"

ବାପା ବଡ଼ ବୁଦ୍ଧିଆ । ସେ କୌଣସି ମତ ନ ଦେଇ କହିଲେ, "ଏ ବିଷୟରେ ମୋର କିଛି କହିବାର ନାହିଁ । ଯାଆ, ତୋ ମାଆକୁ ପଚାର ।"

ବୋଇଚେଲ୍ ମାଆକୁ ଘରର ଏକ ପାଖକୁ ଡାକିଆଣି ପଚାରିଲା, "ମାଆ, ଏବେ ତୁମର ମତ କଅଣ ?"

"ମୁଁ, ଝିଅଟି ଅତି ବେଶି କଳା । ଟିକିଏ କମ୍ କଳା ହୋଇଥିଲେ ମୁଁ ତୋ କଥାରେ ଆପତ୍ତି କରିନଥାନ୍ତି । କିନ୍ତୁ ଏ ଯେ ହାଣ୍ଡି କଳା !"

ମାଆର ଏକଜିଦିଆ ସ୍ୱଭାବ ବୋଇଚେଲ୍‌କୁ ଭଲଭାବରେ ଜଣା । ସେ ମାଆକୁ ଆଉ ପ୍ରବର୍ତ୍ତାଇବା ଉଚିତ ମନେକଲାନାହିଁ । ନୈରାଶ୍ୟରେ ତାର ମନଟା ପୋଡ଼ିଗଲା । ସେ କଅଣ କରିବ ସ୍ଥିର କରିପାରିଲା ନାହିଁ ।

ଚାରିଜଣଯାକ ଧାନବିଲ ଆଡ଼କୁ ବୁଲିଗଲେ; କିନ୍ତୁ କାହାରି ତୁଣ୍ଡରୁ କଥା ବାହାରୁନଥାଏ । ବାଟରେ କିଆରିରେ ଥିବା ଲୋକେ ବିଶେଷତଃ ପିଲାମାନେ ଏମାନଙ୍କୁ ଦେଖିବାକୁ ଦଉଡ଼ି ଆସିଲେ । ବୋଇଚେଲ୍ କେଉଁଠୁ ଗୋଟିଏ ବିଚିତ୍ର କଳାରଙ୍ଗର ସ୍ତ୍ରୀଲୋକ ଆଣିଛି ବୋଲି ଲୋକେ ରାସ୍ତାଉପରେ ରୁଣ୍ଡ ହୋଇଗଲେ । ଗାଆଁରେ ଢେଙ୍ଗୁରାବାଲା ଢେଙ୍ଗୁରା ବଜେଇଲେ ଲୋକେ ଯେପରି କିଛି ଶୁଣିବା

Digitized by srujanika@gmail.com

ପାଇଁ ଜମିଯାଆନ୍ତି ଲୋକେ ସେହିପରି ଏହି କଳାରଙ୍ଗର ସ୍ତ୍ରୀକୁ ଦେଖିବାପାଇଁ ଜମିଗଲେ । ସେମାନେ ଯେଉଁଆଡ଼େ ଗଲେ ସେଠାରେ ଏହିପରି ଦୃଶ୍ୟ ଦେଖାଗଲା । ଶେଷକୁ ବୋଇଡେଲ୍‌ର ବାପମାଆ ଅଲଗା ହୋଇ ଚାଲିଗଲେ । ଯୁବତୀ ବୋଇଡେଲ୍‌କୁ ପଚାରୁଥାଏ, "ଆମ ବିବାହ ବିଷୟରେ ତୁମ ବାପା ମାଆ କଅଣ କହିଲେ ?"

ବୋଇଡେଲ୍ ବା କି ଉତ୍ତର ଦେବ ? ଭାବି ଭାବି ସେ କହିଲା, "ଏତେବେଳଯାଏ ସେମାନେ କିଛି ସ୍ଥିର କରିନାହାନ୍ତି ।"

ଗାଆଁ ମୁଣ୍ଡରେ ଲୋକାରଣ୍ୟ । ସମସ୍ତେ ଏହି କଳାରଙ୍ଗର ଯୁବତୀକୁ ଦେଖିବାପାଇଁ ଦଉଡ଼ି ଆସିଛନ୍ତି । ଏ ଅବସ୍ଥା ଦେଖି ବୋଇଡେଲ୍‌ର ବାପମାଆ କୌଣସିମତେ ଘରକୁ ପଳାଇଗଲେ । ବୋଇଡେଲ୍ ଯୁବତୀର ହାତଧରି ଚାଲିବାକୁ ଲାଗିଲା । ଲୋକେ ସେ ଦୁହିଁଙ୍କୁ ଦେଖି ବିଦ୍ରୂପ କରୁଥାନ୍ତି । ବୋଇଡେଲ୍ ରାଗରେ ଜଳିଗଲା । କିନ୍ତୁ କିଛି ପ୍ରତିକାର ଉପାୟ ନଥିଲା ।

ସେ ବୁଝି ପାରିଲା ଯେ ନିଗ୍ରୋ ଯୁବତୀକୁ ବିବାହ କରିବାର ଆଶା ନାହିଁ । ଯୁବତୀ ମଧ୍ୟ ଯେ ଏହା ବୁଝିପାରି ନ ଥିଲା, ତାହା ନୁହେଁ । ଘର ପାଖେଇ ଆସିଲା ବେଳକୁ ଦୁହିଁଙ୍କ ଆଖିରେ ଲୁହ ଭରି ଯାଇଥିଲା । ଯାହା ହେଉ ସେ ଦୁହେଁ ଘରେ ପହଞ୍ଚିଲେ । ଯୁବତୀ ପୋଷାକ ବଦଳାଇ ବୋଇଡେଲ୍‌ର ମାଆକୁ ସବୁ କାମରେ ସାହାଯ୍ୟ କଲା । ଗୁହାଳ, ଘୋଡ଼ାଶାଳ, କୁକୁଡ଼ାଘର ସବୁଠାରେ କାମ କଲା । ବୁଢ଼ୀ କୌଣସି କାମ କରିବାକୁ ଗଲାବେଳେ ସେ କହେ, "ମାଆ, ଥାଉ । ମୁଁ ସେ କାମଟା କରିଦେବି ଯେ ।"

ରାତି ହେଲା । ଝିଅଟିର କାମରେ ବୁଢ଼ୀ ସନ୍ତୁଷ୍ଟ ହେଲେ ସୁଦ୍ଧା ଏପରି ଗୋଟାଏ କଳାରଙ୍ଗର ଝିଅକୁ ବୋହୂ କରିବା ଯେ

Digitized by srujanika@gmail.com

କଳ୍ପନା କରି ପାରିଲେ ନାହିଁ । ସେ ପୁଅକୁ ଡାକି କହିଲେ, "ଆରେ ବୋଇଟେଲ୍, ଝିଅଟିର ସ୍ୱଭାବ ଖୁବ୍ ଭଲ । ସବୁ କାମରେ ଧୁରନ୍ଧର । ହେଲେ କଅଣ ହେବ, ରଙ୍ଗଟା ଏକବାରେ କଳା । ମୁଁ ତାକୁ ସେମିତି ଚଳି ପାରିବି ନାହିଁ । ତୁ ତାକୁ ଫେରାଇ ଦେ । ସେ ତା ଘରକୁ ଚାଲିଯାଉ ।"

ବୋଇଟେଲ୍ ଆସି ଯୁବତୀକୁ କହିଲା, "ନା, ଯେତେ କହିଲେ ମଧ୍ୟ ମାଆ ରାଜି ହେଲେ ନାହିଁ । କହିଲେ, 'ତୁମେ ଅତି କଳା' । ତୁମକୁ ଫେରିଯିବାକୁ ହେବ । ମୁଁ ତୁମକୁ ନେଇ ଷ୍ଟେସନରେ ଛାଡ଼ି ଦେବି, ମନରେ କଷ୍ଟ କରିବ ନାହିଁ । ତୁମେ ଗଲାପରେ ମୁଁ ପୁଣି ବାପମାଆଙ୍କୁ କହିବି ।"

ବୋଇଟେଲ୍ ଯୁବତୀକୁ ସଙ୍ଗରେ ନେଇ ଷ୍ଟେସନକୁ ଗଲା । ବାଟରେ ତାକୁ ଖୁବ୍ ଆଶା ଓ ଆଶ୍ୱାସନା ଦେଲା । ଷ୍ଟେସନରେ ଯୁବତୀକୁ ଚୁମ୍ବନ ଦେଇ ତାକୁ ଗାଡ଼ିରେ ବସାଇ ଦେଲା । ଗାଡ଼ି ଅଦୃଶ୍ୟ ହେବାଯାଏ ବୋଇଟେଲ୍ ଯୁବତୀର ଡବାକୁ ଚାହିଁ ରହିଲା । କାନ୍ଦି କାନ୍ଦି ତାର ଆଖି ଫୁଲିଗଲା ।

ଏହାପରେ ମଧ୍ୟ ବୋଇଟେଲ୍ ବାପମାଆଙ୍କୁ ବୁଝାଇବା ପାଇଁ ଖୁବ୍ ଚେଷ୍ଟା କରିଥିଲା । କିନ୍ତୁ କୌଣସିମତେ ସେମାନଙ୍କୁ ରାଜି କରାଇ ହେଲା ନାହିଁ ।

× × ×

ବୋଇଟେଲ୍ ତାର ଜୀବନର ଏହି କାହାଣୀ ବର୍ଣ୍ଣନା କରିସାରି କହୁଥିଲା—ସେଇଦିନ ଠାରୁ କୌଣସି କାମରେ ମୋର ମନ ଲାଗିଲା ନାହିଁ । କୌଣସି ବ୍ୟବସାୟ କରିବାକୁ ଇଚ୍ଛା ହେଲା ନାହିଁ । ଶେଷରେ ମୁଁ ଯାହା ହେଲି, ତୁମେମାନେ ତ ଦେଖୁଛ । ଦୁନିଆଯାକର ମଇଳା ଉଠାଇବା ମୋର କାମ ।

Digitized by srujanika@gmail.com

ଲୋକେ କହନ୍ତି, "ତୁ ପୁଣି ବିବାହ କଲୁ ?"

"ହଁ, ବିବାହ କଲି; କିନ୍ତୁ ସେ ନିଗ୍ରୋ ଯୁବତୀକୁ ନୁହେଁ, ଆଉ ଜଣକୁ ବିଭା ହେଲି । ମୁଁ ଏ ସ୍ତ୍ରୀ ନେଇ ଯେ ଅସୁଖୀ ହୋଇଛି, ତାହା କହି ପାରିବି ନାହିଁ । ଦେଖୁଛ ତ, ଏଇ ସ୍ତ୍ରୀଠାରୁ ମୋର ଊଣା ଅଧିକେ ଚଉଦଟି ପିଲା ହେଲେଣି । ତେବେ ଗୋଟିଏ କଥା —ସେ ନିଗ୍ରୋ ଯୁବତୀ ଥରେ ମୋତେ କଣେଇ ଚାହିଁ ଦେଲେ ମୋତେ ସ୍ୱର୍ଗ ସମ୍ପତ୍ତି ମିଳିଯାଉଥିଲା । □□□

Digitized by srujanika@gmail.com

ଗୋଟିଏ କୁକୁର

ମିସେସ୍ ଲିଫେବର ଜଣେ ବିଧବା, ଘର ମଫସଲରେ । ବୃଷ ଆୟ ଉପରେ ଅଧାଅଧି ନିର୍ଭର କରନ୍ତି । କିନ୍ତୁ ଭଦ୍ର ସମାଜରେ ତାଙ୍କର ଆସନ ଉଚ୍ଚ । ବେଶ ଭୂଷାରେ, କଥାବାର୍ତ୍ତାରେ ତାଙ୍କର ବଡ଼ପଣ ପ୍ରକାଶପାଉଥିଲା । କିନ୍ତୁ ତାଙ୍କର ଏହି ବେଶଭୂଷା ଓ ଆଚରଣ ବ୍ୟବହାର ଭିତରେ ଗୋଟିଏ ମାତ୍ର କୁଟିଳ ହୃଦୟ ଲୁଚି ରହିଥିଲା । ରୋଜ୍ ବୋଲି ଗୋଟିଏ ଚାକରାଣୀ ଛଡ଼ା ତାଙ୍କର ଆଉ କେହି ନଥିଲେ । ଏକ ରାଜପଥର ଧାରରେ ତାଙ୍କର ଘର । ଘର ସାମନାରେ କିଛି ଜାଗା ଥିଲା ଓ ସେଥିରେ କିଛି ପରିବା ଚାଷ କରାଯାଉଥିଲା ।

ଦିନେ ରାତିରେ ଗୋଟାଏ ଚୋର ତାଙ୍କ ବଗିଚାରେ ପଶି କିଛି ପିଆଜ ତାଡ଼ି ନେଇଗଲା । ସକାଳେ ରୋଜ୍ ଆସି ଦେଖିଲା, ପିଆଜ ଚୋର ନେଇଅଛି । ସେ ସଙ୍ଗେ ସଙ୍ଗେ ମାଲିକାଣୀଙ୍କୁ ଖବର ଦେଲା । ସେ ବଗିଚାକୁ ଦଉଡ଼ିଆସିଲେ । ମିସେସ୍ ଲିଫେବରଙ୍କ ବଗିଚାରୁ ଚୋରି ! ତାଙ୍କର ମନରେ ଭୟ ଓ ବିସ୍ମୟ ଜାତ ହେଲା । ଥରେ ଯେତେବେଳେ ଚୋରି ହେଲାଣି ଆଉ ନ ହେବ ବୋଲି କିଏ କହିବ ?

ମିସେସ୍ ଲିଫେବର ଓ ରୋଜ୍ ଦୁହେଁଯାକ ଚୋରର ପାଦ ଚିହ୍ନକୁ ପରୀକ୍ଷା କରି ଦେଖିଲେ ।' 'ଏଇଠାରେ ଚୋର ପାଚେରୀ ଡେଇଁ ବଗିଚାକୁ ଆସିଥିବେ । ଏଇବାଟେ ବଗିଚାରେ ପଶିଥିବେ ।'

Digitized by srujanika@gmail.com

ଏହାପରେ ଆଲୋଚନା ଚାଲିଲା । ଦୁହିଁଙ୍କର ଦେହ ଉପରେ ଥରିଗଲା । ଭବିଷ୍ୟତରେ କଅଣ ହେବ କିଏ କହିପାରେ ? ରାତିରେ ଚୋର ଉପରେ କିଏ ନଜର ଦେବ କପରି ?

ଚୋରର ଖବର ଚାହିଁ ଚାହିଁ ଗାଆଁସାରା ବ୍ୟାପିଗଲା । ପାଖପଡ଼ିଶାମାନେ ଦଉଡ଼ି ଆସିଲେ । ପ୍ରତ୍ୟେକ ଲୋକ ଚୋରି ବିଷୟରେ ତା'ର ମତ ଓ ଉପଦେଶ ଦେବାକୁ ଆରମ୍ଭକଲା । ନୂଆ ହୋଇ କେହି ଆସିଲେ ତାକୁ ମିସେସ ଲଫେବର ଓ ନେଜ୍ ଚୋରିର ବିବରଣ ଶୁଣାନ୍ତି । ଏହାପରେ କିଛି ସମୟ ଗଲା । ଏହି ସମୟରେ ଜଣେ କୃଷକ କହିଲା, "ତୁମେ ଗୋଟିଏ କୁକୁର ରଖିବା ଦରକାର ।"

ସତ କଥା, ସେମାନଙ୍କର ଗୋଟିଏ କୁକୁର ରଖିବା ନିହାତି ଦରକାର ଥିଲା । କୁକୁରଟିଏ ଥିଲେ ସେ ଆଉ କିଛି ନ କଲେ ସୁଦ୍ଧା ଭୁକି ସାବଧାନ କରିଦେବ ତ ! ଗୋଟାଏ ଖୁବ୍ ବଡ଼ କୁକୁରର ଦରକାର ନାହିଁ । ବଡ଼ କୁକୁର କଅଣ ହେବ ? ତାକୁ ଖାଇବାକୁ ଦେଉ ଦେଉ ସବୁ ଶେଷ ହୋଇଯିବ । ଛୋଟିଆଟିଏ ହେଲେ ଚଳିଯିବ । ଖାଲି ଭୁକିଲେ ହେଲା ।

କ୍ରମେ ଲୋକେ ଚାଲିଗଲେ । ମିସେସ୍ ଲଫେବର୍ କୁକୁରଟିଏ ପାଳିବା ବିଷୟ ଚିନ୍ତା କରିବାକୁ ଲାଗିଲେ । କେତେ ଖରଚ ପଡ଼ିବ ? ଅବଶ୍ୟ ବାହାରକୁ ଗଲାବେଳେ ସେ କିଛି ପଇସା ନେଇ ଯାଉଥିଲେ ଓ ଲୋକଙ୍କୁ ଦେଖାଇବା ପାଇଁ ଭିକାରୀମାନଙ୍କୁ ତାହା ଦେଉଥିଲେ । ସେହିପରି ରବିବାର ଦିନ ଗିର୍ଜାରେ ମଧ୍ୟ କିଛି ଚାନ୍ଦା ଦେଉଥିଲେ । କିନ୍ତୁ କୁକୁରଟାକୁ ପ୍ରତିଦିନ ଯାଉ ଖାଇବାକୁ ଦେବାରେ କେତେ ଖର୍ଚ୍ଚ ହେବ ତାହା ଅବଶ୍ୟ ଚିନ୍ତାର ବିଷୟ ।

Digitized by srujanika@gmail.com

ରେଜ୍ ବିରାଡ଼ି କୁକୁର ପ୍ରଭୃତି ଜୀବକୁ ଆଦର କରେ । ତେଣୁ ସେ କୁକୁର ରଖିବା ସପକ୍ଷରେ ବହୁତ ଯୁକ୍ତି ବାହାରକଲା । ଶେଷରେ ସ୍ଥିର ହେଲା ଯେ ଗୋଟିଏ ଛୋଟ କୁକୁର ରଖିବାକୁ ହେବ ।

ଦୁହେଁଯାକ କୁକୁର ସନ୍ଧାନରେ ଲଗି ପଡ଼ିଲେ । ଯେତେ କୁକୁର ମିଳିଲେ ସମସ୍ତେ ବଡ଼ । ସେଥିରୁ ଗୋଟିଏ ରଖିଲେ ତା'ର ଖାଇବାରେ ଯାହା ଖରଚ ହେବ; ତାହା ଭାବି ମିସେସ୍ ଲଫେବର୍ ଥରି ଉଠିଲେ । ଜଣେ ଦୋକାନୀ ପାଖରେ ଗୋଟିଏ ଛୋଟ କୁକୁର ଥିଲା । ତାକୁ ପଚାରିବାରୁ ସେ ଦୁଇ ଟଙ୍କାରେ କୁକୁରକୁ ବିକି ପାରିବ ବୋଲି କହିଲା । ସେ ଏତେ ଦିନ ହେଲା ତାକୁ ପୋଷି ଆସିଛି । ସେଥିରେ ତା'ର ଯେତେ ଖର୍ଚ୍ଚ ହୋଇଛି, ତାହା ସେ ଏକବାରେ ଛାଡ଼ି ଦେବ କିପରି ? ମିସେସ୍ ଲଫେବର୍ କହିଲେ, "ମୁଁ ଏଣିକି ତାକୁ ଖାଇବାକୁ ଦେବି । କିନ୍ତୁ ଟଙ୍କା ଦେଇ କୁକୁର କିଣି ପାରିବି ନାହିଁ ।"

ଆଖ ପାଖରେ ଜଣା ପଡ଼ିଗଲା, ମିସେସ୍ ଲଫେବର୍ ମାଗଣାରେ ଗୋଟିଏ କୁକୁର ଛୁଆ ନେବାକୁ ଚାହାନ୍ତି । ଦିନେ ସେ ଗାଆଁର ଜଣେ ରୁଟିବାଲା ଗୋଟିଏ କୁକୁର ଛୁଆ ନେଇ ମିସେସ୍ ଲଫେବର୍ଙ୍କ ନିକଟରେ ଉପସ୍ଥିତ । ଛୁଆଟିର ଆକାର ସାନ, ରଙ୍ଗ ହଳଦିଆ, ଦେହଟି ସରୁ । ଏହି ଛୁଆଟି ପାଇଁ ସେ କିଛି ମୂଲ୍ୟ ଚାହୁଁ ନ ଥିଲା । ମିସେସ୍ ଲଫେବର୍ଙ୍କୁ ଛୁଆଟି ବଡ଼ ସୁନ୍ଦର ଦିଶୁଥିଲା । ରୁଟିବାଲାଠାରୁ ଜଣାଗଲା, ଛୁଆର ନାମ ପିଏରଟ୍ ।

ଯାହାହେଉ ଛୁଆଟି ମିସେସ୍ ଲଫେବର୍ଙ୍କ ଘରେ ସ୍ଥାନ ପେଲା । ଗୋଟିଏ ପୁରୁଣା କାଠ ଡାବାରେ ତାକୁ ରଖାଗଲା ।

Digitized by srujanika@gmail.com

ପ୍ରଥମେ ରେଜ୍ ତାକୁ ଟିକିଏ ପାଣି ଦେଲା । ସେ ଗୁକୁଗୁକୁ କରି ତାକୁ ପିଇଗଲା । ତାହା ପରେ ତାକୁ ଖଣ୍ଡିଏ ରୁଟି ଦିଆଗଲା । ତାକୁ ମଧ୍ୟ ପିଏରଟ୍ ଖାଇଦେଲା ।

କୁକୁର ଛୁଆର ଖାଇବା ଓ ପିଇବା ଦେଖି ମିସେସ୍ ଲଫେବର୍ ମନେ ମନେ ଅସନ୍ତୁଷ୍ଟ ହୋଇ ଗୋଟାଏ କଥା ସ୍ଥିର କରି ପକାଇଲେ । ଛୁଆଟା ନୂଆ ହୋଇ ଆସିଛି । ବର୍ତ୍ତମାନ ତାକୁ ଡାବଲରେ ରଖାଯିବ । କିନ୍ତୁ କିଛିଦିନ ପରେ ସେ ଘର ମଣିଗଲେ ତାକୁ ବାନ୍ଧି ରଖିବା ଦରକାର ପଡ଼ିବ ନାହିଁ । ନିଶ୍ଚିନ୍ତରେ ଏଣେ ତେଣେ ବୁଲି ଯାହା କିଛି ପାଇବ ବାହାରେ ଖାଇବ ।

କାର୍ଯ୍ୟତଃ ତାହାହିଁ କରିଗଲା । କିନ୍ତୁ ବାହାରେ ବୁଲି ଯାହା ମିଳିଲା, ତାହା ଖାଇଲେ ସୁଦ୍ଧା ତାର ପେଟ ପୂରିଲା ନାହିଁ । ତାକୁ ଖାଇବାକୁ ଦେବା ଦରକାର ପଡ଼ିଲା । ଏହା ଛଡ଼ା ଆଉ ଏକ ସମସ୍ୟା ପହଞ୍ଚିଲା । ପିଏରଟ୍ କେବଳ ଖାଇବାକୁ ମାଗିବା ଉଦ୍ଦେଶ୍ୟରେ ଭୁକୁଥିଲା । ଅନ୍ୟ ସମୟରେ ସେ ଚୁପ୍ କରି ଶୋଉଥିଲା ବା ବାହାରେ ବୁଲି ଆହାର ଖୋଜୁଥିଲା ।

ସେତେବେଳେ ବଗିଚାରେ ପଶିପାରୁଥିଲା । ନୂଆ ଲୋକ ଦେଖିଲେ ପିଏରଟ୍ ଯାଇ ତା ପାଦ ପାଖରେ ଲୋଟିଯାଉଥିଲା, ଆଦୌ ଭୁକୁ ନଥିଲା । ତଥାପି ମିସେସ୍ ଲଫେବର୍ଙ୍କର ତା ପ୍ରତି ଟିକିଏ ମମତା ଆସି ଯାଇଥିଲା । ଏପରି କି ବେଳେବେଳେ ସେ ଟିକିଏ ଟିକିଏ ରୁଟି ମାଂସ ଝୋଳରେ ବୁଡ଼ାଇ ତା ଆଗରେ ଫିଙ୍ଗି ଦେଉଥିଲେ ଓ ତାକୁ ଖାଇ ପିଏରଟ୍ ଲାଙ୍ଗୁଡ଼ ହଲାଉଥିଲା ।

କିନ୍ତୁ ମିସେସ୍ ଲଫେବର୍ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ ଯେ ଏଭଳି କୁକୁର ପାଇଁ ଟିକସ ଦେବାକୁ ପଡ଼ିବ । ଦିନେ

Digitized by srujanika@gmail.com

ମିଉନସିପାଲଟିର ଜଣେ କର୍ମଚାରୀ ଆସି ଜଣାଇ ଦେଲେ ଯେ କୁକୁର ପାଇଁ ଆଠଟଙ୍କା ଟିକସ ଦେବାକୁ ପଡ଼ିବ । ମିସେସ୍ ଲଫେବର୍ ଅଚେତ ହୋଇ ପଡ଼ିଯିବା ଅବସ୍ଥାରେ ପହଞ୍ଚିଥିଲେ । ଏହାପରେ ପିଏରତ୍‌କୁ ବିଦାୟ ଦେବା ସ୍ଥିର ହୋଇଗଲା । ରୋଜ୍ ଓ ମିସେସ୍ ଲଫେବର୍ ଯାହାକୁ ଦେଖିଲେ ତାକୁ ଯାଚିଲେ ମଧ୍ୟ କେହି ପିଏରତ୍‌କୁ ନେବାର ଇଚ୍ଛା ପ୍ରକାଶ କଲେ ନାହିଁ । ବିଷମ ସମସ୍ୟା ଉପସ୍ଥିତ । ପିଏରତ୍‌କୁ ବିଦାୟ ଦେବାପାଇଁ ଉପାୟ ଖୋଜିବାକୁ ପଡ଼ିଲା ।

ଗାଆଁଠାରୁ କିଛି ଦୂରରେ ଗୋଟାଏ ପୁରୁଣା ଖଣି ଥିଲା । ସେହି ଖଣିର ମୁହଁ ଉପରେ ଗୋଟିଏ ଘର ତିଆରି କରାଯାଇଥିଲା । ଖଣିଟି ଖୁବ୍ ଗଭୀର । ଯେଉଁମାନେ କୌଣସି କୁକୁରକୁ ନଷ୍ଟ କରିଦେବାକୁ ଚାହୁଁଥିଲେ ସେମାନେ ତାହାକୁ ଆଣି ଏହି ଗାତ ଭିତରକୁ ପକାଇ ଦେଉଥିଲେ । ସେ ଖାଇବାକୁ ନପାଇ କିଛିଦିନ ମଧ୍ୟରେ ସେହି ଗାତ ଭିତରେ ମରିଯାଉଥିଲା । ସେବାଟେ ଗଲାବେଳେ ଯେକେହି ଗାତ ଭିତରେ ପଡ଼ି କଷ୍ଟ ପାଉଥିବା କୁକୁରମାନଙ୍କର ଆର୍ତ୍ତଧ୍ୱନି ବା ପରସ୍ପର କାମୁଡ଼ା କାମୁଡ଼ି ହେଉଥିବାର ଶୁଣି ପାରୁଥିଲା ।

କୌଣସି କୁକୁରକୁ ସେଥିରେ ଫିଙ୍ଗି ଦିଆଗଲେ ସେ ପୂର୍ବରୁ ମରିଥିବା କୁକୁରମାନଙ୍କ ପଚାମାଂସ ଖାଇ କିଛିଦିନ ବଞ୍ଚିଯାଏ । ଏଥିମଧ୍ୟରେ ଯଦି ନୂଆ କୁକୁରଟିଏ ଫିଙ୍ଗାଯାଏ, ସେ ଆଗ କୁକୁର ସଙ୍ଗେ କାମୁଡ଼ା କାମୁଡ଼ି ହୁଏ । ସେହି ଗାତ ଭିତରେ ଜୀବନ ରକ୍ଷା ଲାଗି କୁକୁରମାନଙ୍କ ମଧ୍ୟରେ ଭୀଷଣ ସଂଗ୍ରାମ ଚାଲେ । ଅବଶ୍ୟ ଶେଷରେ ସମସ୍ତଙ୍କୁ ମରିବାକୁ ହୁଏ ।

Digitized by srujanika@gmail.com

ପିଏରଙ୍କୁ ଏହି ଘରେ ଗାତରେ ପକାଇ ଦେବା ସ୍ଥିର ହେଲା ସତ, କିନ୍ତୁ ଏହି ନୃଶଂସ କାର୍ଯ୍ୟ କିଏ କରିବ ? ମିସେସ୍ ଲିଫେବର୍ ଜଣେ ମୂଲିଆକୁ ଏହି କାମ କରିଦେବାପାଇଁ କହିଲେ । କିନ୍ତୁ ସେ ଛଅ ଅଣା ପଇସା ଦାବି କଲା । ସାମାନ୍ୟ ପାଞ୍ଚମିନଟର କାମ, ଏଥିପାଇଁ ଛଅ ଅଣା ଅତିରିକ୍ତ ବୋଧ ହେଲା । ତହୁଁ ମିସେସ୍ ଲିଫେବର୍ ଗୋଟିଏ ପିଲାକୁ କହିଲେ । ପାଞ୍ଚଅଣା ପାଇଲେ ସେ ପିଏରଙ୍କୁ ନେଇ ଗାତରେ ଫିଙ୍ଗିଦେବାକୁ ରାଜି ହେଲା । ପାଞ୍ଚଅଣା ମଧ୍ୟ କମ୍ ନୁହେଁ । ପୁଣି କାମଟା ସେପରି କିଛି କଷ୍ଟ ନୁହେଁ । ଶେଷରେ ସ୍ଥିର୍ ହେଲା ଯେ ମିସେସ୍ ଲିଫେବର୍ ଓ ରୋଜ୍, ଦୁହେଁ ମିଳି ପିଏରଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନକୁ ନେଇ ସେଠାରେ ଛାଡ଼ି-ଦେବାପାଇଁ ଦେବେ । ଅନ୍ୟ କେହି ନେଲେ ସେ ବାଟରେ ପିଏରଙ୍କୁ ମାଡ଼ମାରି କଷ୍ଟ ଦେଇପାରେ । ସେମାନେ ତ ସେପରି କରିବେ ନାହିଁ ।

ସନ୍ଧ୍ୟାବେଳକୁ ଯିବାର କଥା ହେଲା । ଯିବାପୂର୍ବରୁ ରୋଜ୍ କିଛି ରୁଟି ଓ ମାଂସ ଝୋଳ ଆଣି ପିଏରଙ୍କୁ ଖାଇବାକୁ ଦେଲା । ସେ ଆନନ୍ଦରେ ରୁଟି ଖାଇ ମାଂସ ଝୋଳକୁ ଚାଟିଦେଲା । ଲାଙ୍ଗୁଡ଼ ହଲାଇ ସେ କୃତଜ୍ଞତା ପ୍ରକାଶ କରୁଥିଲା । ଏହି ସମୟରେ ରୋଜ୍ ତାକୁ ଧରି ଆପଣା ଅଣ୍ଟିରେ ପୂରାଇ ଦେଲା ।

ଦୁହେଁ ଧୀରେ ଧୀରେ ଚାଲି ଖଣି ମୁହଁ ପାଖରେ ପହଞ୍ଚିଲେ । ପ୍ରଥମେ ମିସେସ୍ ଲିଫେବର୍ ଗାତ ମୁହଁରେ ନଇଁ ପଡ଼ି କାନ ଡେରିଲେ । ଗାତ ଭିତରେ ଆଗରୁ କୌଣସି କୁକୁର ପଡ଼ି ଚିତ୍କାର କରୁଥିଲା କି ନା ଜାଣିବା ତାଙ୍କର ଉଦ୍ଦେଶ୍ୟ ଥିଲା । କିନ୍ତୁ ସେପରି କୌଣସି ଶବ୍ଦ ଶୁଣାଗଲା ନାହିଁ । ତାଙ୍କର ମନରେ ସନ୍ତୋଷ ହେଲା ଯେ ଗାତ ଭିତରେ ପିଏରଙ୍କୁ ଅନ୍ୟ କୁକୁର କାମୁଡ଼ିବେ ନାହିଁ ।

Digitized by srujanika@gmail.com

ପିଏରର୍‌ ଏକୁଟିଆ ରହିବ । ଏଣେ ରୋଜ୍‌ କୁକୁରଟିକୁ ଧରି କଚ୍ଛି ବେଳଯାଏ ଆଦର କଲା । ତା ଆଖିରୁ ଦୁଇଧାର ଲୁହ ବହିଗଲା । ତତ୍ପରେ ସେ ହଠାତ୍‌ କୁକୁରଟିକୁ ଗାତଭିତରକୁ ପକାଇଦେଲା । ଦୁହେଁ ଯାକ କାନ ଡେରି ଶୁଣିଲେ । ପ୍ରଥମେ ଗୋଟାଏ ମାଟିପିଣ୍ଡୁଳା ପଡ଼ିଲା ପରି ଶବ୍ଦ ହେଲା । ତାହାପରେ କରୁଣ ଚିତ୍କାର । ସତେ ଅବା ତାକୁ ବାହାର କରି ଆଣିବାକୁ ସେ ବିକଳ ପ୍ରାର୍ଥନା ଜଣାଉଥିଲା ।

ଓଃ ! ସେ କି କରୁଣ ଚିତ୍କାର !

ସେମାନଙ୍କ ମନରେ ଅନୁତାପ ଓ ଦୁଃଖ ହେଲା । ଗୋଟାଏ ଅଜଣା ଭୟ ସେମାନଙ୍କୁ ଆକ୍ରମଣ କଲା । ଦୁହେଁ ଯାକ ଖୁବ୍‌ ଶୀଘ୍ର ଘରକୁ ପଳାଇ ଆସିବାକୁ ଚେଷ୍ଟା କଲେ । ରୋଜ୍‌ ବେଗରେ ଚାଲୁଥିବାରୁ ମିସେସ୍‌ ଲେଫେବର୍‌ ପଛରେ ପଡ଼ିଯାଇ ବାରମ୍ବାର ଡାକୁଥିଲେ, "ହେ ରୋଜ୍‌, ଟିକିଏ ରହ ।"

ସେଦିନ ରାତିରେ ମିସେସ୍‌ ଲେଫେବର୍‌ ନାନା ଦୁଃସ୍ୱପ୍ନ ଦେଖିଲେ ସ୍ୱପ୍ନରେ ସେ ଦେଖିଲେ—ସେ ଟେବୁଲ ପାଖରେ ଖାଇବାକୁ ବସିଛନ୍ତି । ଟେବୁଲ ଉପରେ ଖାନା ଘୋଡ଼ା ହୋଇ ରହିଛି । ସେ ଘୋଡ଼ଣି କାଢ଼ିଦେଲାକ୍ଷଣି ତା ଭିତରୁ ପିଏରର୍‌ ବାହାରିପଡ଼ି ତାଙ୍କ ନାକକୁ କାମୁଡ଼ି ଛିଣ୍ଡାଇ ନେଲା । ତାଙ୍କ ନିଦ ଭାଙ୍ଗିଗଲା । କରେ ରହି ସେ ସତେ ଯେପରି ପିଏରରର ବିକଳ ଚିତ୍କାର ଶୁଣୁଥିଲେ ।

ସେ ପୁଣି ଶୋଇଲେ । ପୁଣି ସ୍ୱପ୍ନ ଦେଖାଗଲା । ସେ ଗୋଟାଏ ଲମ୍ବ ରାସ୍ତାରେ ଯାଉଛନ୍ତି । ଯାଉଯାଉ ବାଟରେ ଗୋଟାଏ ଟୋକେଇ ଦେଖିଲେ । ଟୋକେଇ ଉପରେ ଗୋଟିଏ ଢାକୁଣି ଥିଲା । ସେ ଢାକୁଣିଟା ଟେକିଦେଲା କ୍ଷଣି ଟୋକେଇ ଭିତରୁ ପିଏରର୍ ଡେଇଁ-

Digitized by srujanika@gmail.com

ପଡ଼ି ତାଙ୍କ ହାତକୁ କାମୁଡ଼ି ଧରିଲା; କୌଣସିମତେ ଆଉ ଛାଡ଼ିଲା-ନାହିଁ । ‘ଭଲପାଇ ତାଙ୍କର ମନେହେଲା, ପିଏରତ ତାଙ୍କ ହାତକୁ କାମୁଡ଼ି ଧରି ଝୁଲି ରହିଛି ।

ସକାଳ ହେଲା । ମିସେସ୍ ଲଫେବର୍ ବିଛଣାରୁ ଉଠିଲାମାତ୍ରେ ପାଗଳୀପରି ଖଣିଗାତ ମୁହଁପାଖକୁ ଦଉଡ଼ିଲେ । ସେ କାନ୍ଦି କାନ୍ଦି ଖୁବ୍ ଆଦରରେ ପିଏରତକୁ ଡାକିଲେ । ଖଣିଭିତରୁ ପିଏରତ ମଧ୍ୟ ତାର କୁକୁର-ଭାଷାରେ ଉତ୍ତର ଦେଲା । ମିସେସ୍ ଲଫେବର୍-ଙ୍କର ମନହେଲା, ସେ ତାଙ୍କ କୁକୁରଟିକୁ ଘରକୁ ନେଇ ରଖନ୍ତେ; ନିଜର ଜୀବନ ଥିବାଯାକେ ତାକୁ ସୁଖରେ ପାଳନ୍ତେ । ଯେଉଁ ଲୋକର ଜମିରେ ଏହି ଖଣିଗାତ ଥିଲା, ତାହା ଘରକୁ ସେ ଦୌଡ଼ିଲେ ଓ ତାକୁ ସମସ୍ତ ଘଟଣା ଜଣାଇଲେ । ଲୋକଟି ତାହା ଶୁଣି ବଡ଼ କୌତୂହଳ ଅନୁଭବ କଲା; କିନ୍ତୁ ସେ ଗମ୍ଭୀର ଭାବରେ ସବୁ ଶୁଣିସାରି କହିଲା, “ଆପଣ ନିଜ କୁକୁରକୁ ଗାତରୁ ଫେରାଇ ନେବାକୁ ଚାହାନ୍ତି ? ବେଶ୍, ସେଥିପାଇଁ ଚାରୋଟି ଟଙ୍କା ଦେବାକୁ ପଡ଼ିବ ।”

ମୁହୂର୍ତ୍ତକ ଭିତରେ କୁକୁର ପ୍ରତି ତାଙ୍କର ସବୁ ମମତା ପୁଣି ତୁଟିଗଲା । ସେ କହିଲେ—ଚାରିଟଙ୍କା-ଚାରିଟଙ୍କା । ତୁମେ ତ ମଣିଷକୁ ମାରିଦେବ ।

ଲୋକଟି ଉତ୍ତର କଲା, “ମୋତେ ଦଉଡ଼ି ନେଇ ଗାତ ଭିତରେ ପଶିବାକୁ ହେବ । ମୋ ପୁଅ ମଧ୍ୟ ସଙ୍ଗରେ ଯିବ । ସେଠାରେ କେତେ ଦରମରା କୁକୁର ମଧ୍ୟ ଥିବେ । ଆମକୁ କୁକୁରମାନେ କାମୁଡ଼ି ପାରନ୍ତି । ଆପଣଙ୍କ କୁକୁର ହୁଏତ ଏଥିମଧ୍ୟରେ ପାଗଳ ହୋଇଥିବ । ତାକୁ ଦଉଡ଼ିରେ ବାନ୍ଧି ଉପରକୁ ଆଣିବାକୁ ହେବ । ଏତେ ପରିଶ୍ରମ ଓ ବିପଦପରେ ମୁଁ କୁକୁରଟିକୁ

Digitized by srujanika@gmail.com

ମାଗଣାରେ ଆପଣଙ୍କୁ ଦେବ ବୋଲି କାହିଁକି ଆଶା କରୁଛନ୍ତି । କୁକୁରଠାରେ ଯେବେ ଏତେ ସ୍ନେହ, ଗାତରେ ପକାଇଲେ କାହିଁକି ?”

ମିସେସ୍ ଲଫେବର୍ ଲଜ୍ଜା ଓ ଦୁଃଖରେ ଘରକୁ ଚାଲି ଆସିଲେ । ବାଟଯାକ ତାଙ୍କ ତୁଣ୍ଡରୁ ବାହାରୁଥିଲା—ଚାରିଟଙ୍କା, ଚାରିଟଙ୍କା !

ଘରେ ପହଞ୍ଚି ସେ ରୋଜ୍‌କୁ ଡାକି ସବୁକଥା କହିଲେ । ରୋଜ୍ କହିଲା, “ଏଁ, ଚାରିଟଙ୍କା ! ଚାରିଟଙ୍କା ତ ଅଳ୍ପନୁହେଁ । ହଉ, ଗୋଟିଏ କଥା କରାଯାଉ । ଆମେ ପ୍ରତିଦିନ ଗାତଭିତରକୁ କିଛି ଖାଇବା ଜିନିଷ ପକାଇ ଦେବା । ପିଏରତ୍ ତାକୁ ଖାଇବ; ତାହାହେଲେ ସେ ମରିବ ନାହିଁ ।”

ଏ ପ୍ରସ୍ତାବଟା ମିସେସ୍ ଲଫେବର୍‌ଙ୍କୁ ଖୁବ୍ ସଙ୍ଗତ ମନେହେଲା । ଖଣ୍ଡିଏ ରୁଟି ନେଇ ଦୁହେଁ ଗାତପାଖକୁ ଗଲେ । ପିଏରତ୍‌କୁ ଡାକିବାରୁ ସେ ଗାତଭିତରୁ ଭୁକିଲା । ରୁଟିକୁ ଟିକି ଟିକି କରି ଖଣ୍ଡେ ଭିତରକୁ ପକାଇ ଦେବାରୁ ପିଏରତ୍ ତାହା ଖାଇ ପୁଣି ଭୁକିଲା । ଆଉ ଖଣ୍ଡେ ରୁଟି ପକାଗଲା । ଏହିପରି ସବୁ ରୁଟି ସରିଗଲା । ମନେ ମନେ ସନ୍ତୁଷ୍ଟ ହୋଇ ଦୁହେଁ ଘରକୁ ଫେରି-ଆସିଲେ । ଏହାର ପରଦିନ ସେହିପରି ଦୁହେଁ ରୁଟି ନେଇ ସେମାନଙ୍କ କୁକୁରକୁ ଖାଇବାକୁ ଦେଇ ଆସିଲେ ।

ଏହିପରି କେତୋଟି ଦିନ ଗଲା । ଦିନେ ସକାଳେ ସେ ଦୁହେଁ ଗାତ ପାଖକୁ ଯାଇ ପିଏରତ୍‌କୁ ଡାକି ଖଣ୍ଡିଏ ରୁଟି ଗାତ ଭିତରକୁ ପକାଇଦେଲେ । ଗାତଭିତରୁ ପ୍ରଚଣ୍ଡ ଗର୍ଜନ ଶୁଣାଗଲା । ଏବେ ଜଣାଗଲା ଯେ ଏଥିମଧ୍ୟରେ କେହି ଗୋଟିଏ ବଡ଼ କୁକୁର ଆଣି

Digitized by srujanika@gmail.com

ଗାତରେ ପକାଇ ଦେଇ ଯାଇଛୁ । ସେ ରୁଟି ଖାଇ ଦେଉଛୁ । ଦୁର୍ବଳ ପିଏରଭ ଖଣ୍ଡିଏ ସୁଦ୍ଧା ପାଉନାହିଁ ।

ରେଜ୍ ପିଏରଭ୍‌ର ନାଁ ଧରି ଡାକି ଖଣ୍ଡିଏ ରୁଟି ଗାତ ଭିତରକୁ ପକାଇ ଦେଲା; କହିଲା, "ପିଏରଟ, ଏ ଖଣ୍ଡକ ତୋର ।" କିନ୍ତୁ ପିଏରଭ୍ କେବଳ କୁଁ କୁଁ ହେଉଥିବାର ଶୁଣାଗଲା; ବଡ଼ କୁକୁର ତାକୁ ଖାଇ ପେଲେ ଦେଲା ।

ମିସେସ୍ ଲଫେବର୍ ଓ ରେଜ୍ ହତାଶ ହୋଇ ପରସ୍ପରକୁ ଚାହିଁଲେ । କିପରି ନିଜର କୁକୁରଟିର ଜୀବନ ରକ୍ଷା କରିବେ ବୁଦ୍ଧି ଦିଶିଲା ନାହିଁ । କିଛି ସମୟ ପରେ ମିସେସ୍ ଲଫେବର୍ କହିଲେ, "ରେଜ୍, ଏପରି ଆଉ ଚାଲି ହେବ ନାହିଁ । ମୁଁ କଅଣ ଗାତରେ ପଡ଼ିଥିବା ସବୁ କୁକୁରଙ୍କୁ ଖାଇବାକୁ ଦେବି ? ଯିଏ ପାରିଲା, ସେ ଆଣି ତା କୁକୁରକୁ ଏ ଗାତରେ ଫିଙ୍ଗିବେ । ନା, ନା ହୋଇ ପାରିବ ନାହିଁ । ଯେତିକ ହେଲା ସେତିକ ।"

ସେ ପିଏରଟ୍‌କୁ ଦେବାପାଇଁ ଯେଉଁ ରୁଟି ଆଣିଥିଲେ, ସେଥିରୁ କିଛି ବଳିଥିଲା । ସେତକ ଧରି ସେ ରେଜ୍‌କୁ କହିଲେ, "ଚାଲ, ଘରକୁ ଫେରିଯିବା ।"

ରୋଜ୍ ମିସେସ୍ ଲଫେବରଙ୍କ ପଛେ ପଛେ ଚାଲିଲା । ତା ଆଖିର ଲୁହରେ ତାର ରୁମାଲ ଭିଜିଗଲା । □□□

Digitized by srujanika@gmail.com